

ଡେଭନ କନୱେଙ୍କ ଦମ୍‌ଦାର ଅର୍ଦ୍ଧଶତକ

▶ଖେଳ ପୃଷ୍ଠା ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-259 ♦WEDNESDAY ♦18 MARCH 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୨୫୯ ♦ବୁଧବାର ♦୧୮ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# କାବୁଲ ହସ୍ପିଟାଲ ଉପରେ ପାକିସ୍ତାନର ବୋମାମାଡ଼; ୪୦୦ ମୃତ

■ କାବୁଲ/ଇସ୍‌ଲାମାବାଦ୍/ନୂଆଦିଲ୍ଲୀ, ୧୭।୩(ଏଜେନ୍ସି): ଆଫଗାନିସ୍ତାନ ରାଜଧାନୀ କାବୁଲରେ ଥିବା ଏକ ନିଶା ନିବାରଣ ହସ୍ପିଟାଲ ଉପରେ ପାକିସ୍ତାନୀ ବାୟୁସେନା ଭୟଙ୍କର ବିମାନ ଆକ୍ରମଣ କରିଛି। ଆକ୍ରମଣରେ ଅତିକମ୍‌ରେ ୪୦୦ ରୋଗୀ ପ୍ରାଣ ହରାଇଥିବା ବେଳେ ୨୫୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ଆଫଗାନିସ୍ତାନ ତାଲିବାନ ସରକାରଙ୍କ ସୂଚନା ଅନୁଯାୟୀ ଗତକାଲି ରାତି ପ୍ରାୟ ୯ଟା ସମୟରେ ପାକିସ୍ତାନୀ ଯୁଦ୍ଧ ବିମାନ କାବୁଲର ଏହି ହସପିଟାଲ ଉପରେ ବୋମାମାଡ଼ କରିଥିଲା। ଡାଙ୍କରଖାନାର ଏକ ବଡ଼ ଅଂଶ ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଛି। ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍ ଏହାକୁ ଏକ 'ମାନବିକତା ବିରୋଧୀ ଅପରାଧ' ବୋଲି କହିଛନ୍ତି। ପାକିସ୍ତାନ ବାରମ୍ବାର ଆଫଗାନିସ୍ତାନର ଆକାଶପଥ ଉଲ୍ଲଂଘନ କରି ସାଧାରଣ ନାଗରିକ ଓ ଚିକିତ୍ସାଳୟକୁ ଟାର୍ଗେଟ କରୁଥିବା ସେ ଅଭିଯୋଗ କରିଛନ୍ତି। କିନ୍ତୁ ପାକିସ୍ତାନ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛି। ପାକିସ୍ତାନ ସୂଚନା ମନ୍ତ୍ରୀ ଅତାଉଲ୍ଲା ତରାର କହିଛନ୍ତି ଯେ, ସେମାନେ କେବଳ କାବୁଲର ଓ ନଙ୍ଗରହାର ପ୍ରଦେଶରେ ଆତଙ୍କବାଦୀ ସଂଗଠନକୁ ସହାୟତା କରୁଥିବା ସାମରିକ ପ୍ରତିଷ୍ଠାନ ଓ ଗୋଳାବାରୁଦ ଭଣ୍ଡାର ଉପରେ ହିଁ ଆକ୍ରମଣ କରିଛନ୍ତି। କୌଣସି ହସ୍ପିଟାଲକୁ ଟାର୍ଗେଟ କରାଯାଇନାହିଁ। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଘୋଷଣା କରିଛନ୍ତି ଯେ, ପାକିସ୍ତାନ ବର୍ତ୍ତମାନ ଆଫଗାନିସ୍ତାନ ସହିତ 'ଖୋଲା ଯୁଦ୍ଧ' ସ୍ଥିତିରେ ରହିଛି। ଗତ ଫେବୃଆରୀ ମାସରୁ ଦୁଇ ଦେଶ ମଧ୍ୟରେ ସୀମା ବିବାଦକୁ ନେଇ ସଂଘର୍ଷ ଜାରି ରହିଛି, ଯାହା ଗତ ତିନି ସପ୍ତାହ ହେବ ଅଧିକ ଭୟଙ୍କର ରୂପ ଧାରଣ କରିଛି।

### ଆକ୍ରମଣକୁ ଭାରତର ତୀବ୍ର ନିନ୍ଦା



କାବୁଲ ମେଡିକାଲରେ ପାକିସ୍ତାନର ବିମାନ ଆକ୍ରମଣକୁ ଭାରତ କଡ଼ା ଭାଷାରେ ନିନ୍ଦା କରିଛି। ଏହି ଆକ୍ରମଣକୁ ଭାରତ ବର୍ବର ଓ କାପୁରୁଷୋଚିତ ବୋଲି କହିବା ସହ ଏହା ଆଞ୍ଚଳିକ ଶାନ୍ତି ପ୍ରତି ସିଧାସଳଖ ବିପଦ ବୋଲି ବର୍ଣ୍ଣନା କରିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଚିକିତ୍ସାଳୟରେ ସାଧାରଣ ନାଗରିକଙ୍କୁ ହତ୍ୟା କରିବା ଏକ ଅକ୍ଷମଣୀୟ ଅପରାଧ। କିନ୍ତୁ ପାକିସ୍ତାନ ଏହି ନରସଂହାରକୁ ସାମରିକ ଅପରେସନର ରୂପ ଦେବାକୁ ଚେଷ୍ଟା କରିଛି। ଭାରତ ଏହାକୁ ଆଫଗାନିସ୍ତାନର ସାର୍ବଭୌମତ୍ୱ ଉପରେ ଏକ ଖୋଲଖୋଲି ଆକ୍ରମଣ ବୋଲି କହିଛି। ପାକିସ୍ତାନ ନିଜର ଅଭ୍ୟନ୍ତରୀଣ ବିଫଳତାକୁ ଲୁଚାଇବା ପାଇଁ ସୀମା ବାହାରେ ଏଭଳି ଅମାନବୀୟ କାର୍ଯ୍ୟ କରୁଛି। ପବିତ୍ର ରମଜାନ ମାସରେ ହସ୍ପିଟାଲ ଓ ରୋଗୀଙ୍କୁ ଟାର୍ଗେଟ କରିବା ଅତ୍ୟନ୍ତ ନିନ୍ଦନୀୟ। ଏଭଳି କାର୍ଯ୍ୟକୁ କୌଣସି ଧର୍ମ ସମର୍ଥନ କରେନାହିଁ ବୋଲି ଭାରତ ସ୍ପଷ୍ଟ କରିଛି।

---

# ଏସ୍‌ସିବିରେ ନିଆଁ: ବିଧାନସଭାରେ ତାତି

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

■ ଭୁବନେଶ୍ୱର,୧୭।୩(ସମିସ): ଏସସିବି ମେଡିକାଲ ଅଗ୍ନିକାଣ୍ଡରେ ୧୨ ଜଣଙ୍କ ମୃତ୍ୟୁ ଘଟଣାରେ ମଙ୍ଗଳବାର ବିଧାନସଭା ଅଚଳ କରିଛନ୍ତି ବିରୋଧୀ। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ତୁରନ୍ତ ଇସ୍ତଫା ଓ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ଦାବିରେ ବିରୋଧୀ ଗୃହକୁ କମ୍ପମାନ କରିଛନ୍ତି। ଫଳରେ ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୨୨ ମିନିଟ ଚାଲିପାରିଛି ଓ

### ରୋଗୀ ମୃତ୍ୟୁ ସମୟରେ ମନ୍ତ୍ରୀ ନାଚୁଛନ୍ତି: ବିରୋଧୀ

ଦ୍ୱିତୀୟାର୍ଦ୍ଧରେ ଗୃହ କାର୍ଯ୍ୟରେ ବିରୋଧୀ ଭାଗ ନେଇ ନାହାନ୍ତି। ଅପରାହ୍ନରେ ବିନା ବିରୋଧୀରେ ଦୁଇ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି।

ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକମାନେ ହାତରେ ପୋଷ୍ଟର ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ବିଭିନ୍ନ ପୋଷ୍ଟର ପ୍ରଦର୍ଶନ କରି ଗୃହରେ ନାରାବାଜି କରିଥିଲେ। କଂଗ୍ରେସର ବିଧାୟକମାନେ ସମାନ ପ୍ରସଙ୍ଗକୁ ନେଇ ଗୃହର ମଧ୍ୟଭାଗରେ ପ୍ରବଳ ହୋ ହଲ୍ଲା କରିଥିଲେ। ପ୍ରଶ୍ନକାଳ ଅଚଳ ହୋଇ ଯାଇଥିଲା। ଫଳରେ ବାଚସ୍ପତି ୧୦ଟା ଇସ୍ତଫା ଦାବି କରିଥିଲେ। ଉଭୟ ଦଳର ସଦସ୍ୟ ଗୃହ ମଧ୍ୟରେ ତୁମୁଳ ହଟ୍ଟଗୋଳ କରିଥିଲେ। ଫଳରେ ବାଚସ୍ପତି ୧୨ଟା ୧୫ରୁ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନରେ



୩୭ରୁ ୧୨ଟା ଯାଏଁ ମୁଲତବୀ ରଖିଥିଲେ। ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ସମାନ ଭାବରେ ଗୃହରେ ହଟ୍ଟଗୋଳ, ନାରାବାଜି କରିବା ସହ ଖଣି ଓ ଇସ୍ପାତ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ଖର୍ଚ୍ଚଦାବୀ ଆଲୋଚନାରେ ▶ପୃଷ୍ଠା-୭

## ଇସ୍ତଫା ଦିଅନ୍ତୁ ସ୍ୱାସ୍ଥ୍ୟମନ୍ତ୍ରୀ: ନବୀନ

■ ଭୁବନେଶ୍ୱର,୧୭।୩(ସମିସ): କଟକ ଏସସିବି ମେଡିକାଲ କଲେଜରେ ଭୟାବହ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବି କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ମଙ୍ଗଳବାର

- ଭୟଙ୍କର ବ୍ୟବସ୍ଥାଗତ ତ୍ରୁଟି
- 'ତଦନ୍ତ' ଆଳରେ ନିଜକୁ ଲୁଚାଇ ପାରିବନି ସ୍ୱାସ୍ଥ୍ୟ ବିଭାଗ
- ମୃତକଙ୍କ ପରିବାର ପାଇଁ ଦିଆଯାଉ ୫୦ ଲକ୍ଷ ଟଙ୍କା ସହାୟତା



ବିଧାନସଭାର ଶୂନ୍ୟକାଳରେ ନବୀନ କହିଛନ୍ତି ଯେ ଏସ୍‌ସିବି ମେଡିକାଲ କଲେଜ ଭୟାବହ ଅଗ୍ନିକାଣ୍ଡ ଘଟଣା ମୋତେ ବ୍ୟଥିତ କରିଛି। ଗତକାଲି ମୁଁ କଟକର ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରିଥିଲି। ସେଠାରେ ମୁଁ ଯାହା ଦେଖିଲି, ତାହା କେବଳ ଏକ ଦୁଃଖଦ ଦୁର୍ଘଟଣାର ଦୃଶ୍ୟ ନ ଥିଲା, ବରଂ ଆମ ରାଜ୍ୟର ଏହି ପ୍ରମୁଖ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ବିପର୍ଯ୍ୟସ୍ତ ସୁରକ୍ଷା ବ୍ୟବସ୍ଥାର ଏକ ନଗ୍ନ ଚିତ୍ର ଥିଲା। ସୋମବାର ଭୋର ସମୟରେ ଟ୍ରମା କେୟାର ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡ ଅନେକ ମୂଲ୍ୟବାନ ଜୀବନ ନେଇଛି। ଏଠାକୁ ରୋଗୀମାନେ ସୁସ୍ଥ ହେବାର ଆଶା ନେଇ ଡାକ୍ତରଖାନାକୁ ଆସିଥିଲେ; କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁଁ ସେମାନଙ୍କୁ ଏଭଳି ଏକ ଭୟଙ୍କର ▶ପୃଷ୍ଠା-୭

---

## ଇରାନ ଯୁଦ୍ଧ: ହାତଛାଡ଼ିଲେ ସହଯୋଗୀ

# ଟ୍ରମ୍ପଙ୍କୁ ଝଟ୍‌କା

■ ୱାସିଂଟନ, ୧୭।୩(ଏଜେନ୍ସି): ଇସ୍ରାଏଲ କଥାରେ ପଡ଼ି ଇରାନ ଉପରେ ଆକ୍ରମଣ କରି ସଙ୍କଟରେ ପଡ଼ିଯାଇଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଆକ୍ରମଣ ହେଲେ ଆମେରିକା ଉପରେ ଇରାନ ଏମିତି ପାଲଟା ଆକ୍ରମଣ କରିବ ବୋଲି ସେ କେବେହେଲେ କଳ୍ପନା କରିନଥିଲେ। ଆଜି ଏହା ସ୍ୱୀକାର କରିଛନ୍ତି ଟ୍ରମ୍ପ। ଏଭଳି ସଙ୍କଟରେ ଇରାନର ମୁକାବିଲା ପାଇଁ ସେ ଆମେରିକାର ସହଯୋଗୀ ଦେଶ ଏବଂ ବିଶେଷ କରି ୟୁରୋପୀୟ ଦେଶଙ୍କ ଠାରୁ ସହାୟତା ଲୋଡ଼ିଥିଲେ। କିନ୍ତୁ ସହାୟତା କରିବାକୁ ସେମାନେ ରୋକଠୋକ ମନା କରିଦେଇଛନ୍ତି। ଏହାକୁ ନେଇ ଭୀଷଣ ବ୍ୟସ୍ତ ଓ ବିବ୍ରତ ଥିବା ଟ୍ରମ୍ପଙ୍କୁ ଆଜି ଆଉ ଏକ ଝଟକା ଲାଗିଛି। ଏହି ଝଟକା ଦେଇଛନ୍ତି ତାଙ୍କର ଘନିଷ୍ଠ ସହଯୋଗୀ ତଥା ଆମେରିକାର ଜାତୀୟ ଆତଙ୍କବାଦ ମୁକାବିଲା କେନ୍ଦ୍ର (କାଉଣ୍ଟର ଟେରୋରିଜମ୍ ସେଣ୍ଟର)ର ମୁଖ୍ୟ ଯୋଶେଫ କେଣ୍ଟ। ଇରାନ ଯୁଦ୍ଧର ପ୍ରତିବାଦ କରି ସେ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ସେ କହିଛନ୍ତି ଯେ ଇରାନ କେବେହେଲେ ଆମେରିକା ପ୍ରତି ବିପଦ ନଥିଲା ଏବଂ ଇସ୍ରାଏଲ ଚାପରେ ପଡ଼ି ଟ୍ରମ୍ପ ଇରାନ ଉପରେ ଆକ୍ରମଣ କରି ଭୁଲ କରିଛନ୍ତି। ଏଭଳି ସ୍ଥିତିରେ ଟ୍ରମ୍ପ ପ୍ରଶାସନକୁ ସହାୟତା କରିବାରେ ବିବେକ ତାଙ୍କୁ ବାଧା ଦେଉଛି। ତେଣୁ ସେ ଇସ୍ତଫା ଦେବାକୁ ବାଧ ହେଉଛନ୍ତି ବୋଲି ଇସ୍ତଫା ପତ୍ରରେ ଯୋଶେଫ ଉ।।ଲ୍ଲେଖ କରିଛନ୍ତି।



- କାଉଣ୍ଟର ଟେରୋରିଜମ୍ ମୁଖ୍ୟ ପଦରୁ ଯୋଶେଫଙ୍କ ଇସ୍ତଫା
- ୟୁରୋପୀୟ ଦେଶ ମଧ୍ୟ ସମର୍ଥନ କରିବାକୁ ମନାକଲେ
- ଆମକୁ କାହାର ସାହାଯ୍ୟ ଦରକାର ନାହିଁ: ଟ୍ରମ୍ପ

ଅନ୍ୟପଟେ ଇରାନ ଦ୍ୱାରା ଅବରୋଧ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ତୈଳ ମାର୍ଗ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍'କୁ ପୁନର୍ବାର ଖୋଲିବା ପାଇଁ ଯୁଦ୍ଧ ଜାହାଜ ପଠାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ଆହ୍ୱାନକୁ ଅନେକ ପ୍ରମୁଖ ସହଯୋଗୀ ଦେଶ ପ୍ରତ୍ୟାଖାନ କରିଛନ୍ତି। ହର୍ମୁଜ ପ୍ରଣାଳୀକୁ ପୁଣି ଖୋଲିବା ପାଇଁ ଆମେରିକାର ମିତ୍ର ଦେଶଗୁଡ଼ିକ ▶ପୃଷ୍ଠା-୭

---

# କ୍ରସ୍‌ଭୋଟିଂ: ଦଳ ପିଠିରେ ଛୁରି

## ୬ ବିଧାୟକଙ୍କୁ ବିଜେଡିର ନୋଟିସ୍

ଭୁବନେଶ୍ୱର,୧୭।୩(ସମିସ): ରାଜ୍ୟସଭା ନିର୍ବାଚନରେ ଦଳୀୟ ନିଷ୍ପତ୍ତି ଉଲ୍ଲଂଘନ କରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ କ୍ରସ ଭୋଟିଂ କରିଥିବା ୬ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ

### ୩ ଦିନରେ ଉତ୍ତର ଦେବାକୁ ନିର୍ଦ୍ଦେଶ

ଜାରି କରିଛି ବିଜେଡି। ବିଜେଡି ବିଧାୟକ ଦଳ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ବିରୋଧରେ ଯାଇଥିବା ଦୃଷ୍ଟିରୁ କାହିଁକି ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଓ ଦଳରୁ ନିଲମ୍ବନ କରାଯିବ ନାହିଁ, ସେ ସମ୍ପର୍କରେ ୩ ଦିନ ମଧ୍ୟରେ ଉତ୍ତର ଦେବାକୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ



ଚିଠି ଲେଖିଛନ୍ତି । ଯଦି ୩ ଦିନ ମଧ୍ୟରେ ସେମାନେ ଏହାର ଉତ୍ତର ନ ଦିଅନ୍ତି, ତେବେ ସେମାନେ କୌଣସି ଉତ୍ତର ଦେବାକୁ ଚାହୁଁ ନାହାନ୍ତି ବୋଲି ଶ୍ରୀମତୀ ମଲ୍ଲିକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ଦଳ ଏକପାଖିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ତଥା ଆଇନ ଓ ▶ପୃଷ୍ଠା-୭

## କଂଗ୍ରେସରୁ ୩ ବିଧାୟକ ନିଲମ୍ବିତ

■ ଭୁବନେଶ୍ୱର,୧୭।୩(ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ୩ ବିଧାୟକ ରମେଶ ଜେନା, ଦାଶରଥି ଗମାଙ୍ଗୋ ଓ ସୋଫିଆ ଫିରଦୋସଙ୍କୁ ଦଳରୁ ନିଲମ୍ବିତ କରିଛି କଂଗ୍ରେସ। ଦଳୀୟ ହୁଇପ୍ ଭଙ୍ଗ ଯୋଗୁଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସେମାନଙ୍କୁ ନିଲମ୍ବନ କରାଯାଇଥିବା ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ



ସୁଜିତ କୁମାର ପାଢ଼ୀ ସୂଚନା ଦେଇଛନ୍ତି । ଅନୁରୂପ ଭାବରେ ଦଳୀୟ ଅନୁଶାସନ ଭଙ୍ଗ ଓ ବିଶୃଙ୍ଖଳା ସୃଷ୍ଟି ଅଭିଯୋଗରେ କଟକ ନଗର ସଭାନେତ୍ରୀ ଗିରିବାଳା ବେହେରାଙ୍କୁ ଦଳରୁ ବହିଷ୍କାର କରାଯାଇଛି ।

ଶ୍ରୀ ପାଢ଼ୀଙ୍କ ସୂଚନା ଅନୁସାରେ କଂଗ୍ରେସର ସମସ୍ତ ବିଧାୟକଙ୍କୁ ୧୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ରହି ଯୋଗାଯୋଗରେ ରହିବାକୁ ହୁଇପ ଜାରି କରାଯାଇଥିଲା। ଏହାସହିତ ଦଳର ▶ପୃଷ୍ଠା-୭

---

## ଏସସିବି ଅଗ୍ନିକାଣ୍ଡ ପଛର ଭୟାବହ ସତ୍ୟ: କାଗଜରେ ସୁରକ୍ଷା, ବାସ୍ତବରେ ମୃତ୍ୟୁଯନ୍ତା

■ କଟକ,୧୭।୩(ସମିସ): ରାଜ୍ୟର ସର୍ବବୃହତ୍ ସରକାରୀ ଚିକିତ୍ସାଳୟ କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ଆଇସିୟୁରେ ଘଟିଥିବା ହୃଦୟବିଦାରକ ଅଗ୍ନିକାଣ୍ଡ ଏକ ସାଧାରଣ ଦୁର୍ଘଟଣା ନୁହେଁ, ବରଂ ଏହା ଏକ ଶୋଚନୀୟ ସଂସ୍ଥାଗତ ବିଫଳତାର ଜ୍ୱଳନ୍ତ ନମୁନା। ଯେଉଁ ସ୍ଥାନରେ ଜୀବନ ବଞ୍ଚାଇବା ପାଇଁ ରୋଗୀ ଓ ସେମାନଙ୍କ ପରିବାର ଆଶା ବାନ୍ଧି ଆସିଥିଲେ, ସେହି ସ୍ଥାନରେ ଅବହେଳା ଓ ଅସୁରକ୍ଷାର ଚକ୍ରବ୍ୟୂହରେ ୧୨ ଜଣ ଗୁରୁତର ରୋଗୀଙ୍କ ଜୀବନ ଦୀପ ଲିଭିଯିବା ସମଗ୍ର ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି। ନ୍ୟାସନାଲ ବିଲ୍ଡିଂ କୋଡ୍ ଏବଂ ଓଡ଼ିଶା ଫାୟାର ସର୍ଭିସ ଆକ୍ଟ ଅନୁଯାୟୀ ହସ୍ପିଟାଲଗୁଡ଼ିକରେ କଡା ଅଗ୍ନି ସୁରକ୍ଷା ବ୍ୟବସ୍ଥା ରହିବା ଅନିବାର୍ଯ୍ୟ ହୋଇଥିବା ବେଳେ ଏସସିବି ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ ହେବା ଏବେ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


---

# ବିଶ୍ୱବ୍ୟାଙ୍କର ଋଣୀ ଦେଶ ସୂଚୀ ଶୀର୍ଷରେ ଭାରତ

## ଋଣ ପରିମାଣ ୩.୬୩ଲକ୍ଷ କୋଟି; ବର୍ଷକରେ ବଢ଼ିଲା ୧.୩୮ ଲକ୍ଷ କୋଟି ଟଙ୍କା

■ ନୂଆଦିଲ୍ଲୀ,୧୭।୩(ଏଜେନ୍ସି): ଦେଶ ଉପରେ ଦିନକୁ ଦିନ ବଢୁଛି କରଜ ବୋଝ। ଅନ୍ୟାନ୍ୟ ସୂତ୍ରରୁ ଓ ଖୋଲା ବଜାରରୁ କେନ୍ଦ୍ର ସରକାର ଯାହା ଋଣ ସହ ଭାରତ ବିଶ୍ୱବ୍ୟାଙ୍କରୁ ବିପୁଳ ଋଣ କରିଛି । ଗତବର୍ଷ ଭାରତ ଏହି ଋଣୀ ଦେଶ ସୂଚୀରେ ଶୀର୍ଷରେ ଥିଲା ଓ ଚଳିତ ବର୍ଷ ମଧ୍ୟ ପୂର୍ବ ପରି ଶୀର୍ଷରେ ରହିଛି। ତେବେ କୌତୂହଳର କଥା ହେଉଛି ଗତ ବର୍ଷକ ମଧ୍ୟରେ ଭାରତର ଋଣ ପରିମାଣ ପ୍ରାୟ ୧.୩୮ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି । ଗତବର୍ଷ ଭାରତ ଉପରେ ୨୪.୪ ବିଲିଅନ ଡ଼ଲାର ଋଣ ଥିବା ସମୟରେ ଏବେ ତାହା ବୃଦ୍ଧି ପାଇ ୩୯.୩ ବିଲିଅନ ଡ଼ଲାର ବା ୩.୬୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ବିଶ୍ୱବ୍ୟାଙ୍କ ସୂଚୀ ଅନୁସାରେ ତୁର୍କୀ, ମେକ୍ସିକୋ, ଚୀନ ଓ ଯୁଦ୍ଧ ବିଧ୍ୱଂସ ତୁର୍କୀ ପରି ଦେଶଗୁଡ଼ିକର ଋଣ ପୂର୍ବାପେକ୍ଷା ହ୍ରାସ ପାଇଛି ବା ସ୍ଥିର ରହିଛି । ସେହିପରି ପାକିସ୍ତାନ, ବ୍ରାଜିଲ୍, ବାଂଲାଦେଶ ପରି ଦେଶଗୁଡ଼ିକର ବିଶ୍ୱବ୍ୟାଙ୍କ ଋଣ ପରିମାଣ ଭାରତଠାରୁ ଯଥେଷ୍ଟ କମ୍ ରହିଛି।

ପରିସଂଖ୍ୟାନ ଅନୁଯାୟୀ ଭାରତ ବିଶ୍ୱ ବ୍ୟାଙ୍କର ସବୁଠାରୁ ବଡ଼ ଋଣଗ୍ରସ୍ତ ରାଷ୍ଟ୍ର ଭାବରେ ଉଭା ହୋଇଛି। ଭାରତର ମୋଟ ଋଣ ପରିମାଣ ୨୦୨୬ ପ୍ରାରମ୍ଭରେ ୩୯.୩ବିଲିୟନ୍ ଡଲାର (୩.୬୩ଲକ୍ଷକୋଟି ଟଙ୍କାରୁ ଅଧିକ) ରହିଛି। ୨୦୨୫ରେ ଭାରତର ମୋଟ ଋଣ ପରିମାଣ ୨୪.୪ ବିଲିୟନ୍ ଡଲାର (୨.୨୫ ଲକ୍ଷ କୋଟି ଟଙ୍କା) ରହିଥିଲା। ଭାରତ ବିଶ୍ୱ




ବ୍ୟାଙ୍କରୁ ନେଇଥିବା ଏହି ଅର୍ଥ ଭିତ୍ତିଭୂମି, ସ୍ୱାସ୍ଥ୍ୟ ଏବଂ ବିକାଶ ପ୍ରକଳ୍ପ କ୍ଷେତ୍ରରେ ବ୍ୟବହାର କରୁଥିବା କୁହାଯାଉଥିଲେ ହେଁ ବାସ୍ତବତଃ ଏହାକୁ ମାଗଣା ବଣ୍ଟନ, ତୁଷ୍ଟୀକରଣ ଓ ଭୋଟ ପାଇଁ ବ୍ୟବହାର କରାଯାଉଥିବା ଅର୍ଥନୀତିଜ୍ଞମାନେ ମନେ କରୁଛନ୍ତି। ଏହି ଋଣ ଭାରତ ଉଭୟ ଅନ୍ତର୍ଜାତୀୟ ପୁନର୍ଗଠନ ଓ ବିକାଶ ବ୍ୟାଙ୍କ (ଆଇବିଆର୍‌ଡି) ଏବଂ ଆନ୍ତର୍ଜାତୀୟ ବିକାଶ ସଂଘ (ଆଇଡିଏ)ରୁ ନେଇଛି। ବିଶ୍ୱ ବ୍ୟାଙ୍କରୁ ଋଣ ନେବାରେ ଭାରତ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ଇଣ୍ଡୋନେସିଆ। ଏହି ଦେଶର ମୋଟ ଋଣ ପରିମାଣ ୨୨.୨ ବିଲିୟନ୍ ▶ପୃଷ୍ଠା-୭





# ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ଇରାନ ଆକ୍ରମଣ ଅପ୍ରତ୍ୟାଶିତ ଥିଲା: ଟ୍ରମ୍ପ


ୱାସିଂଟନ/ତେହରାନ, ୧୭ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅସନ୍ତୋଷକୁ ପଦାରେ ପକାଇଛି। ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ଦ୍ୱାରା ଉପସାଗରୀୟ ଦେଶଗୁଡ଼ିକ ଉପରେ ହୋଇଥବା ପ୍ରତିଶୋଧମୂଳକ ଆକ୍ରମଣ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା। ମାତ୍ର ଗୁପ୍ତଚର ରିପୋର୍ଟ ଓ ବିଶେଷଜ୍ଞମାନେ ତାଙ୍କୁ ପୂର୍ବରୁ ଏ ନେଇ ଚେତାବନୀ ଦେଇଥିଲେ। ତେହେରାନ ଆଞ୍ଚଳିକ ଦେଶଗୁଡ଼ିକୁ ଲକ୍ଷ୍ୟ କରି ଏହି ବିବାଦକୁ ବଢ଼ାଇପାରେ ବୋଲି କହିଥିଲେ। ବୁଦ୍ଧିଜୀବୀ ଓ ସାମରିକ ବିଶେଷଜ୍ଞମାନେ ଏହାକୁ ଖଣ୍ଡନ କରି କହିଛନ୍ତି ଯେ ସେମାନେ ଏଭଳି ପରିସ୍ଥିତି ସୃଷ୍ଟି ହେବା ନେଇ ରାଷ୍ଟ୍ରପତିଙ୍କୁ ଆଗୁଆ ସତର୍କ କରାଇଥିଲେ। ଟ୍ରମ୍ପ କହିଛନ୍ତି,କେହିବି ଭାବି ନଥିଲେ ଯେ ଇରାନ ଅନ୍ୟ ମଧ୍ୟ-ପ୍ରାଚ୍ୟ ଦେଶଗୁଡ଼ିକ ଉପରେ ଆକ୍ରମଣ କରିବ। ଏହା ଦେଖି ଆମେ ସମସ୍ତେ ସ୍ତବ୍ଧ ହୋଇଥିଲୁ। ଏହା ଆମପାଇଁ ଏକ ବଡ଼ ଧକ୍କା ସଦୃଶ ଥିଲା। ଇରାନ ସହିତ ଥିବା ସମ୍ପର୍କ କ୍ଷେତ୍ରରେ ଏହି ଦେଶଗୁଡ଼ିକ ନିରପେକ୍ଷ ବୋଲି ବର୍ଣ୍ଣନା କରିଥିଲେ। ରଏଟର୍ସର ରିପୋର୍ଟ ଅନୁଯାୟୀ, ଯୁଦ୍ଧ ପୂର୍ବରୁ ଗୁପ୍ତଚର ବିଭାଗ ରିପୋର୍ଟ ଦେଇଥିଲା ଯେ ଇରାନ ସାଉଦି ଆରବ, କାତାର, ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ), ବାହାରିନ ଓ କୁଏତ ଭଳି ଦେଶଗୁଡ଼ିକୁ ଟାର୍ଗେଟ କରିପାରେ, କାରଣ ସେଠାରେ ଆମେରିକୀୟ ଘାଟି ରହିଛି। ଟ୍ରମ୍ପ ଏହି ଦେଶଗୁଡ଼ିକୁ ନିରପେକ୍ଷ ବୋଲି ବର୍ଣ୍ଣନା କରିଥିଲେ ଓ ସେମାନଙ୍କ ଉପରେ ଆକ୍ରମଣ ହେବ ବୋଲି କେହି ଆଶା କରି ନଥିଲେ। ଆମେରିକା ବୈଦେଶିକ ବିଭାଗର ପୂର୍ବତନ ଅଧିକାରୀ ନେଟ୍ ସ୍ୱାନସନ ଆକ୍ରମଣର ୪ ଦିନ ପୂର୍ବରୁ ଏକ ପ୍ରବନ୍ଧରେ ଲେଖିଥିଲେ ଯେ ଇରାନ ନିଜର ଅସ୍ତିତ୍ୱ ରକ୍ଷା କରିବା ପାଇଁ ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିପାରେ। ଟ୍ରମ୍ପ ଇରାନର ସ୍ଥିତି ବୁଝିବାରେ ବିଫଳ ହୋଇଥିବା ସେ ମତ ଦେଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଯେଉଁ ବିଶେଷଜ୍ଞମାନେ ଆଗୁଆ ସତର୍କବାଣୀ ଶୁଣାଇଥିଲେ, ସେମାନଙ୍କ ମଧ୍ୟରୁ କେତେକଙ୍କୁ ଟ୍ରମ୍ପ ଗତବର୍ଷ ଚାକିରିରୁ ବାହାର କରିଦେଇଥିଲେ। ବିଶେଷଜ୍ଞମାନେ ପୂର୍ବରୁ ଚେତାବନୀ ଦେଇଥିଲେ ଯେ ଇରାନ ହର୍ମୁଜ ପ୍ରଣାଳୀ ବନ୍ଦ କରିଦେବ, ଯାହା ବିଶ୍ୱ ଅର୍ଥନୀତି ଉପରେ ଗୁରୁତର ପ୍ରଭାବ ପକାଇବ। ଟ୍ରମ୍ପ ଅବଶ୍ୟ ପରବର୍ତ୍ତୀ ସମୟରେ ଏହି ମାର୍ଗକୁ ମୁକ୍ତ କରିବା ପାଇଁ ସହଯୋଗୀ ଦେଶମାନଙ୍କ ସାହାଯ୍ୟ ମାଗିଥିଲେ।

**ଆମେ ଆଗୁଆ ସତର୍କ କରାଇଥିଲୁ ବୋଲି କହିଲେ ବିଶେଷଜ୍ଞ**

## ଆମେରିକୀୟ ସେନା ଉପରେ ଆକ୍ରମଣ ପାଇଁ ତଥ୍ୟ ଦେଉଛି ରୁଷ ଉପଗ୍ରହ



ୱାସିଂଟନ/ତେହେରାନ, ୧୭ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଏବେ ମହାକାଶରୁ ନିୟନ୍ତ୍ରିତ ହେଉଛି। ଆମେରିକୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ରୁଷିଆ ଏବେ ଇରାନକୁ ଗୁରୁତ୍ୱପୂର୍ଣ୍ଣ ଉପଗ୍ରହ ତଥା ସାଟେଲାଇଟ୍ ଗୁପ୍ତଚର ତଥ୍ୟ ପ୍ରଦାନ କରୁଛି। ଯାହା ଫଳରେ ଇରାନ ଆମେରିକାର ଯୁଦ୍ଧ ଜାହାଜ ଓ ସାମରିକ ଘାଟି ଉପରେ ଅତି ସଠିକ ଭାବେ ଟାର୍ଗେଟ କରିବାକୁ ସକ୍ଷମ ହେଉଛି। 'ଦି ୱାସିଂଟନ ପୋଷ୍ଟ' ଅନୁଯାୟୀ, ରୁଷିଆ ନିଜର ସାଟେଲାଇଟ୍ ନେଟୱର୍କ ମାଧ୍ୟମରେ ଆମେରିକୀୟ ସୈନ୍ୟ ଓ ଜାହାଜର ଗତିବିଧି ସମ୍ପର୍କିତ ତଥ୍ୟ ଇରାନ ସହ ସେୟାର କରୁଛି। ଯଦିଓ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏହାକୁ ଅସ୍ୱୀକାର କରିଛନ୍ତି, ତଥାପି ମସ୍କୋ ଓ ତେହେରାନ ମଧ୍ୟରେ ବଢୁଥିବା ସାମରିକ ବନ୍ଧୁତା ଏହାକୁ ସ୍ପଷ୍ଟ କରୁଛି। ନିକଟରେ କୁଏତରେ ଥିବା ଏକ ଆମେରିକୀୟ ସାମିରକ ଘାଟି ଉପରେ ଇରାନର ଡ୍ରୋନ ଆକ୍ରମଣରେ ୬ ଜଣ ସୈନ୍ୟ ମୃତ୍ୟୁବରଣ କରିଛନ୍ତି। ଏହି ଆକମଣରେ ଯେଉଁ ପ୍ରକାର ସଠିକତା ଦେଖିବାକୁ ମିଳିଛି, ତାହା ରୁଷର ସାଟେଲାଇଟ୍ ଡାଟାର ବ୍ୟବହାର ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଅନ୍ୟପଟେ ଚୀନ୍ ଏହି ସଂଘର୍ଷରେ ଅତି ସତର୍କତା ଅବଲମ୍ବନ କରୁଛି। ଚୀନ ଇରାନକୁ ଆର୍ଥିକ ସହାୟତା ଓ ମିସାଇଲ ଅଂଶ ଯୋଗାଇବାକୁ ପ୍ରସ୍ତୁତ ହେଉଥିଲେ ମଧ୍ୟ ହର୍ମୁଜ ପ୍ରଣାଳୀରେ ତେଲ ପରିବହନ ବାଧାପ୍ରାପ୍ତ ହେବା ଭୟରେ କୌଣସି ବଡ଼ ପଦକ୍ଷେପ ନେବାରୁ ଦୂରେଇ ରହିଛି। ସୂଚନାଯୋଗ୍ୟ ଯେ, ଗତ କିଛିବର୍ଷ ଧରି ଇରାନ ରୁଷିଆକୁ ୟୁକ୍ରେନ ଯୁଦ୍ଧ ପାଇଁ ଡ୍ରୋନ ଓ ମିସାଇଲ ଯୋଗାଇ ଆସୁଛି। ବର୍ତ୍ତମାନ ରୁଷିଆ ଏହାର ପ୍ରତିବଦଳରେ ଇରାନକୁ ଉନ୍ନତ ସାମରିକ ସୂଚନା ଦେଇ ଆସୁଛି। ଫଳରେ ଆମେରିକା ପାଇଁ ନିଜର ସମ୍ପତ୍ତି ଓ ସୈନ୍ୟଙ୍କୁ ରକ୍ଷା କରିବା ଏକ ବଡ଼ ଆହ୍ୱାନ ପାଲଟିଛି।



## ଇରାନର ସୁରକ୍ଷା ମୁଖ୍ୟ ଲାରିଜାନୀଙ୍କୁ ହତ୍ୟା କରିଛୁ: ଇସ୍ରାଏଲ

ତେହେରାନ/ଜେରୁଜେଲମ୍, ୧୭ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକ- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯଦ୍ଧ ମଙ୍ଗଳବାର ଅଷ୍ଟାଦଶ ଦିବସରେ ପହଞ୍ଚିଛି। ଇସ୍ରାଏଲ ସେନା ଦାବି କରିଛି ଯେ ସେମାନେ ଇରାନର ଶୀର୍ଷ ସୁରକ୍ଷା ମୁଖ୍ୟ ଅଲି ଲାରିଜାନୀଙ୍କୁ ଟାର୍ଗେଟ କରିଛନ୍ତି। ତେବେ ସେ ଏହି ଆକ୍ରମଣରେ ମୃତ କିମ୍ବା ଆହତ, ତାହାର ସ୍ପଷ୍ଟ ସୂଚନା ମିଳିନାହିଁ। ଅନ୍ୟପଟେ ଇରାନ ଇସ୍ରାଏଲର ଏହି ଦାବିକୁ ଅସ୍ୱୀକାର କରିଛି ଓ ଲାରିଜାନୀଙ୍କ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ଏକ ହାତଲେଖା ଚିଠି ସେୟାର କରିଛି। ଇସ୍ରାଏଲର ଏହି ଗୁରୁତ୍ୱପୂର୍ଣ୍ଣ ଦାବି ମଧ୍ୟରେ ଲାରିଜାନୀଙ୍କ 'ଏକ୍ସ' ଆକାଉଣ୍ଟରେ ଏକ ନୋଟ୍ ପ୍ରକାଶ ପାଇଛି। ଏଥିରେ ସେ ନିକଟରେ ଆମେରକା ଆକ୍ରମଣରେ ସହିଦ ହୋଇଥିବା ଇରାନୀ ନାବିକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଯଦି ଏହି ଖବର ସତ୍ୟ ହୁଏ, ତେବେ ଯୁଦ୍ଧର ପ୍ରଥମ ଦିନରେ ସର୍ବୋଚ୍ଚ ନେତା ଆୟୋତୁଲ୍ଲା ଖାମନେଇଙ୍କ ମୃତ୍ୟୁପରେ ଲାରିଜାନୀ ହେଉଛନ୍ତି ସବୁଠାରୁ ବଡ଼ ଇରାନୀ ନେତା ଯିଏ ଏହି ସଂଘର୍ଷରେ ପ୍ରାଣ ହରାଇଛନ୍ତି। ଲାରିଜାନୀଙ୍କ ସହ ବାସିଜ୍ ପାରାମିଲିଟାରୀ ଫୋର୍ସର କମାଣ୍ଡର ଗୋଲାମରେଜା ସୋଲମାନି ଓ ଅନ୍ୟ କେତେକ ବରିଷ୍ଠ ଅଧିକାରୀ ମଧ୍ୟ ନିହତ ହୋଇଥିବା ଇସ୍ରାଏଲ ଦାବି କରିଛି। ବାସିଜ ସେନାର ୩୦୦ ଯବାନ ମଧ୍ୟ ପ୍ରାଣ ହରାଇଥିବା କୁହାଯାଇଛି। ଇସ୍ରାଏଲ ଅଧିକାରୀଙ୍କ ଅନୁଯାୟୀ, ଲାରିଜାନୀ ନିଜ ପୁଅ ସହ ଏକ ଗୁପ୍ତ ଆପାର୍ଟମେଣ୍ଟରେ ଲୁଚି ଥିବା ବେଳେ ଆକ୍ରମଣ କରାଯାଇଥିଲା। ଗୁପ୍ତଚର ସୂଚନା ପାଇବା ମାତ୍ରେ ସଠିକ ସମୟରେ ବୋମା ମାଡ଼ କରାଯାଇଥିଲା। ଲାରିଜାନୀ ଦଶନ୍ଧି ଧରି ଇରାନ ସଂସଦର ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ। ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ପରମାଣୁ ଚୁକ୍ତି ଆଲୋଚନାରେ ମୁଖ୍ୟ ଭୂମିକା ନେଇଥିଲେ। ୨୦୨୫ରେ ତାଙ୍କୁ ପୁଣିଥରେ ଜାତୀୟ ସୁରକ୍ଷା ପରିଷଦର ସଚିବ ଭାବେ ନିଯୁକ୍ତି କରାଯାଇଥିଲା। ଖାମନେଇଙ୍କ ମୃତ୍ୟୁ ପରେ ସେ ଇରାନର ଯୁଦ୍ଧ ରଣନୀତି ପ୍ରସ୍ତୁତ କରିବାରେ ପ୍ରମୁଖ ବ୍ୟକ୍ତି ଥିଲେ। ଲାରିଜାନୀଙ୍କ ଭଳି ୧୦ ଜଣ ଶୀର୍ଷ ଇରାନୀ ଅଧିକାରୀଙ୍କ ସମ୍ପର୍କରେ ସୂଚନା ଦେବାକୁ ଆମେରିକା କୋଟିଏ ଡଲାରର ପୁରସ୍କାର ଘୋଷଣା କରିଥିଲା। ଯୁଦ୍ଧ ଆରମ୍ଭରୁ ଏପର୍ଯ୍ୟନ୍ତ ଇସ୍ରାଏଲ ଇରାନର ପ୍ରାୟ ୧୦ଜଣ ଅଧିକାରୀଙ୍କୁ ହତ୍ୟା କରି ସାରିଲାଣି। ଏଥିରେ ଖାମନେଇଙ୍କ ବ୍ୟକ୍ତିଗତ ପରାମର୍ଶଦାତା ଅଲି ଶାମଖାନି ମଧ୍ୟ ସାମିଲ ଅଛନ୍ତି।

ମଙ୍ଗଳବାର ଇସ୍ରାଏଲ ସେନା ତେହରାନ ଉପରେ ବଡ଼ଧରଣର ଆକ୍ରମଣ କରିଛି। ଇରାନ ସରକାରଙ୍କ ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ଧ୍ୱଂସ କରିବା ଏହି ଆକ୍ରମଣ ଲକ୍ଷ୍ୟ। ସେପଟେ ଶ୍ରୀଲଙ୍କା ନିକଟରେ ଆମେରିକାର ଟର୍ପିଡ଼ୋ ଆକ୍ରମଣରେ ବୁଡ଼ି ଯାଇଥିବା ଇରାନର ଯୁଦ୍ଧ ଜାହାଜ 'ଆଇଆରଆଇଏସ୍ ଡେନା'ର ୮୪ ଜଣ ମୃତ ନାବିକଙ୍କ ଅନ୍ତିମ ସଂସ୍କାର ମଙ୍ଗଳବାର କରାଯାଇଛି। ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ତେହରାନବାସୀଙ୍କୁ ଏହି ଶୋଭାଯାତ୍ରାରେ ସାମିଲ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟପଟେ ହର୍ମୁଜ ପ୍ରଣାଳୀରେ ସୃଷ୍ଟି ହୋଇଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଭାରତ ଏହି ଅଞ୍ଚଳରେ ନିଜର ଦୁଇଟି ଯୁଦ୍ଧ ଜାହାଜ ମୁତୟନ କରିଛି। ଏହି ଜାହାଜଗୁଡ଼ିକ ଭାରତକୁ ତେଲ ଓ ଗ୍ୟାସ ଆଣୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବ।



## ହର୍ମୁଜରେ ଜାହାଜକୁ ଏମିତି ସୁରକ୍ଷା ଦେଉଛି ଭାରତୀୟ ନୌସେନା

ନୂଆଦିଲ୍ଲୀ, ୧୭ ।୩(ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ହର୍ମୁଜ ପ୍ରଣାଳୀକୁ ପ୍ରଭାବିତ କରିଛି। ଫଳରେ ବିଶ୍ୱରେ ତୈଳ ଯୋଗାଣ ଉପରେ ଗଭୀର ପ୍ରଭାବ ପଡ଼ିଛି। ଏହି ପଥ ଦ୍ୱାରା ପ୍ରାୟ୨୦-୨୫ ପ୍ରତିଶତ ତେଲ ରପ୍ତାନୀ ହୋଇଥାଏ। କେବଳ ଭାରତ ତା'ର ୮୦ ପ୍ରତିଶତ ତୈଳ, ଇନ୍ଧନ ତଥା ଶକ୍ତି ପାଇଁ ଏହି ପ୍ରଣାଳୀ ଉପରେ ନିର୍ଭର କରେ। ଏଭଳି ଜଟିଳ ପରିସ୍ଥିତରେ ଭାରତୀୟ ନୌସେନା ଏହି ପ୍ରଣାଳୀରେ ଅପରେସନ ସଂକଳ୍ପ ଚାଲୁ ରଖି ଯୁଦ୍ଧ ଜାହାଜ ମୁତୟନ କରିଛି। ଏହି ଯୁଦ୍ଧ ଜାହଜାଗୁଡ଼ିକ ଭାରତକୁ ଆସୁଥିବା ବାଣିଜ୍ୟିକ ଜାହାଜମାନଙ୍କୁ ସୁରକ୍ଷା ଦେଇ ବାହାର କରୁଛି। ଆଇଏନ୍ଏସ ସୁରତ ଭଳି ଆଧୁନିକ ମିସାଇଲ ଡେଷ୍ଟ୍ରୟର ମଧ୍ୟ ଉପସାଗରୀୟ ଅଞ୍ଚଳରେ ମୁତୟନ ହୋଇଛି। ଏହା ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଓ ଅନ୍ୟାନ୍ୟ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ। ଅଧିକାରୀମାନଙ୍କ କହିବା ଅନୁଯାୟୀ, ଏବେ ୨୨ଟି ଭାରତୀୟ ଜାହାଜ ହର୍ମୁଜର ପଶ୍ଚିମ ପଟେ ଅଟକି ରହିଛନ୍ତି। ଏଗୁଡିକରେ ୬୧୧ ଜଣ ନାବିକ ଅଛନ୍ତି। ଇତିମଧ୍ୟରେ ଶିବାଲିକ, ଜଗ୍ ଲଡ଼କି, ନନ୍ଦାଦେବୀ ଭାରତୀୟ ବନ୍ଦରଗୁଡ଼ିକରେ ପହଞ୍ଚିଛନ୍ତି। ଏଥିସହ ଭାରତୀୟ ନୌସେନା ଏଡେନ ଉପସାଗରରେ ପାଇରେସି ବିରୋଧରେ ଅଭିଯାନ ଜାରି ରଖିଛି। ନୌସେନା କେବଳ ଉପସାଗରୀୟ ଅଞ୍ଚଳ ନୁହେଁ, ବରଂ ଆରବ ସାଗର, ବଙ୍ଗୋପସାଗର, ମାଳଦ୍ୱୀପ- ସେସେଲ୍ସ ଅଞ୍ଚଳରେ ମଧ୍ୟ ନଜର ରଖିଛି। ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ପାଇଁ ଇରାନ ସହିତ ଭାରତର କୌଣସି ସାଧରଣ ବୁଝାମଣା ହୋଇନାହିଁ।

## ୮ ଲୋକସଭା ସାଂସଦଙ୍କ ନିଲମ୍ବନ ପ୍ରତ୍ୟାହାର

ନୂଆଦିଲ୍ଲୀ, ୧୭ ।୩(ଏଜେନ୍ସି): ଲୋକସଭାରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୮ ଜଣ ବିରୋଧୀ ସାଂସଦଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରି ନିଆଯାଇଛି। ଏମାନଙ୍କ ମଧ୍ୟରେ କଂଗ୍ରେସର ୭ ଓ ବାମପନ୍ଥୀ ଦଳର ଜଣେ ସାଂସଦ ରହିଛନ୍ତି। ଗତ ଫେବୃଆରୀ ୪ରେ ବଜେଟ ଅଧିବେଶନ ସମୟରେ ଏହି ସାଂସଦମାନଙ୍କୁ ନିଲମ୍ବିତ କରାଯାଇଥିଲା। ସେହି ସମୟରେ ରାହୁଲ ଗାନ୍ଧୀ ପୂର୍ବ ଲଦାଖରେ ଭାରତ- ଚୀନ୍ ସୀମା ବିବାଦ ପ୍ରସଙ୍ଗ ଉଠାଇଥିଲେ। ହଙ୍ଗାମା ସମୟରେ ଏହି ସାଂସଦମାନେ ବାଚସ୍ପତିଙ୍କ ଆସନ ଆଡ଼କୁ ମାଡ଼ିଯିବା ସହ କାଗଜ ଫିଙ୍ଗିଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର କଂଗ୍ରେସ ସାଂସଦ କେ ସୁରେଶ ଓ ଅନ୍ୟ ଦୁଇଜଣ ସାଂସଦ ନିଲମ୍ବନ ଆଦେଶ ପାଇଁ ପ୍ରସ୍ତାବ ଆଣିଥିଲେ। ଧ୍ୱନିମତରେ ଏହି ପ୍ରସ୍ତାବ ପାରିତ ହେବା ପରେ ସେମାନଙ୍କ ଉପରୁ କଟକଣା ହଟାଇ ଦିଆଯାଇଛି। ସମାଜବାଦୀ ପାର୍ଟି ସାଂସଦ ଧର୍ମେନ୍ଦ୍ର ଯାଦବ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ନିଲମ୍ବନ ପ୍ରତ୍ୟାହାର ସମୟରେ ବାଚସ୍ପତି ଓମ୍ ବିର୍ଲା ସମସ୍ତ ସାଂସଦଙ୍କୁ ଗୃହର ମର୍ଯ୍ୟାଦା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ପୁଣି ସଦନ ମଧ୍ୟରେ କୌଣସି ପ୍ରକାର ପୋଷ୍ଟର କିମ୍ବା ପ୍ଲାକାର୍ଡ ପ୍ରଦର୍ଶନ କରାଯାଇପାରି ନାହିଁ ବୋଲି ସେ କହିଥିଲେ।

**ପୋଷ୍ଟର, ଏଆଇ ଫଟୋ ନଦେଖାଇବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ**

## ପଞ୍ଚାୟତ ବୈଠକରେ ଶାଶୁ, ଶଳାକୁ ହତ୍ୟା କଲା ଜ୍ୱାଇଁ

### ପୁଲିସ ଏନ୍‌କାଉଣ୍ଟରରେ ମୃତ

ବରେଲି, ୧୭ ।୩(ଏଜେନ୍ସି): ଉତ୍ତର ପ୍ରଦେଶର ବରେଲି ଜିଲ୍ଲାରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହର ସମାଧାନ ପାଇଁ ବସିଥିବା ପଞ୍ଚାୟତ ବୈଠକରେ ଜଣେ ବ୍ୟକ୍ତି ନିଜ ଶାଶୁ ଓ ଶଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛି। ଅଭିଯୁକ୍ତ ଜଣକ ପୁଲିସ ଏନକାଣ୍ଟରରେ ପ୍ରାଣ ହରାଇଥିବା ସୂଚନା ମିଳିଛି। ଅଭିଯୁକ୍ତ ଅଫସର ଖାନ (୪୦) ଓ ସାଇମା (୨୮)ଙ୍କର ୯ ବର୍ଷ ପୂର୍ବେ ବିବାହ ହୋଇଥିଲା। ପାରିବାରିକ କଳହ ଯୋଗୁଁ ୫ ଦିନ ତଳେ ସାଇବା ନିଜ ବାପଘରକୁ ଚାଲିଆସିଥିଲେ। ସେମାନଙ୍କ ମଧ୍ୟ ବୁଝାମଣା କରିବା ପାଇଁ ସୋମବାର ପଞ୍ଚାୟତ ବୈଠକ ବସିଥିଲା। କିନ୍ତୁ ବୈଠକ ଚାଲିଥିବା ସମୟରେ ଅଫସର ହଠାତ ଉତ୍ତ୍ୟକ୍ତ ହୋଇ ନିଜ ଶାଶୂ ଆସମା (୫୪) ଓ ଶଳା ଆଦିଲ (୨୦)ଙ୍କୁ ଛୁରୀ ଭୁସି ହତ୍ୟା କରିଥିଲେ। ସେ ନିଜ ପତ୍ନୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ, ସେ ଏବେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ହତ୍ୟା ପରେ ଅଫସର ଫେରାର ହୋଇଯାଇଥିଲା। ମଙ୍ଗଳବାର ସକାଳେ ପୁଲିସ ତାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଆତ୍ମସମର୍ପଣ କରିବା ବଦଳରେ ସେ ପୁଲିସ ଉପରକୁ ଗୁଳି ଚଳାଇଥିଲା। ପୁଲିସର ପାଲଟା ଗୁଳିମାଡ଼ରେ ଅଫସର ଗୁରୁତର ଆହତ ହୋଇ ପ୍ରାଣ ହରାଇଛି। ଦୁଇ ପୁଲିସ କର୍ମଚାରୀ ମଧ୍ୟ ଏହି ଗୁଳି ବିନିମୟରେ ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଅଫସର ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଥିଲା। ୨୦୦୯ରେ ସେ ନିଜର ମାମୁଁଙ୍କୁ ହତ୍ୟା ଅଭିଯୋଗରେ କାରାଦଣ୍ଡ ଭୋଗୁଥିଲା ଓ କୋର୍ଟରୁ ଜାମିନ ପାଇ ବାହାରକୁ ଆସିଥିଲା।

## ରିଲ୍ସ ପାଇଁ ଗଲା ଜୀବନ

### ହସି ହସି ନିଜ ଛାତିକୁ ଗୁଳି କଲେ ଯୁବକ



ନୂଆଦିଲ୍ଲୀ, ୧୭ ।୩(ଏଜେନ୍ସି): ପୂର୍ବର ଦିଲ୍ଲୀର ଦଲ୍ଲୁପୁରା ଅଞ୍ଚଳରେ ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା ଘଟିଛି। ସୋସିଆଲ ମିଡ଼ିଆ ରିଲ୍ସ ପାଇଁ ପ୍ରସ୍ତୁତ କରିବା ସମୟରେ ଜଣେ ଯୁବକ ନିଜ ଛାତିକୁ ଗୁଳି କରି ପ୍ରାଣ ହରାଇଛନ୍ତି। ମୃତ ଯୁବକଙ୍କ ନାମ ହେଉଛି ପବନ। ପବନ ଏକ ବନ୍ଧୁକ ଷ୍ଟଣ୍ଟ ପ୍ରଦର୍ଶନ କରୁଥିବା ବେଳେ ତାଙ୍କ ସାଙ୍ଗ ଏହାର ଭିଡ଼ିଓ ରେକର୍ଡିଂ କରୁଥିଲେ। ଭିଡ଼ିଓରେ ଦେଖିବାକୁ ମିଳିଛି ଯେ ପବନ ହସି ହସି ବନ୍ଧୁକଟିକୁ ନିଜ ଛାତିରେ ଲଗାଇଥିଲେ। ପବନ ଭାବିଥିଲେ ଯେ ବନ୍ଧୁକଟି ଲକ୍ ଅଛି, କିନ୍ତୁ ଦୁର୍ଭାଗ୍ୟବଶତଃ ତାହା ହୋଇ ନଥିଲା। ଗୁଳିଟି ସିଧା ପବନଙ୍କ ଛାତିରେ ବାଜିଥିଲା। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲେ ହେଁ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଭିଡ଼ିଓ କରୁଥିବା ସାଙ୍ଗ ଜଣକ ପବନଙ୍କୁ ବନ୍ଧୁକ କିପରି ଲୋଡ୍ କରାଯାଏ ସେ ନେଇ ଟିପ୍ସ ଦେଉଥିଲେ ଓ ଗୁଳି ନ ଚଳାଇବାକୁ ଚେତାବନି ମଧ୍ୟ ଦେଉଥିଲେ। ପୁଲିସ ସୂଚନା ଅନୁଯାୟୀ, ବ୍ୟବହୃତ ପିସ୍ତଲଟି ଲାଇସେନ୍ସପ୍ରାପ୍ତ ଓ ତାହା ଭିଡ଼ିଓ ସୁଟିଂ କରୁଥିବା ସାଙ୍ଗଙ୍କର ଥିଲା। ପୁଲିସ ପ୍ରାଥମିକ ତଦନ୍ତ ପରେ କହିଛି ଯେ ବନ୍ଧୁକ ସହ ଷ୍ଟଣ୍ଟ କରିବା ପବନଙ୍କ ପାଇଁ କାଳ ହେଲା। ପୁଲିସ ଏହି ଘଟଣା ଅଧିକ ତଦନ୍ତ ଜାରି ରଖିଛି ଓ ସାଙ୍ଗଙ୍କ ବୟାନ ରେକର୍ଡ କରାଯାଇଛି।

## ଭବାନୀପୁରରେ ମମତା-ଶୁଭେନ୍ଦୁ ଲଢ଼େଇ



■ ଗତ ଥର ନନ୍ଦିଗ୍ରାମରୁ ହାରିଥିଲେ ମୁଖ୍ୟମନ୍ତ୍ରୀ
■ ପ୍ରଥମ ତାଲିକା ଜାରି କଲା ଟିଏମସି


କୋଲକାତା, ୧୭।୩ (ଏଜେନ୍ସି): ନିର୍ବାଚନ କମିଶନ (ଇସି)ଙ୍କ ତାରିଖ ଘୋଷଣା ପରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପାଇଁ ଲଢ଼େଇ ଆରମ୍ଭ ହୋଇଯାଇଛି। ବିରୋଧୀ ବିଜେପି ପ୍ରଥମ ପ୍ରାର୍ଥୀ ତାଲିକା ଜାରି କରିବାର ଦିନକ ପରେ ଶାସକ ଟିଏମସି ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରିଛି। ମୋଟ ୨୯୪ ଆସନରୁ ୨୯୧ଟି ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଅନ୍ୟ ତିନୋଟି ଆସନ ସହଯୋଗୀ ବିଜିପିଏମ ପାଇଁ ଟିଏମସି ଛାଡ଼ି ଦେଇଛି। ଗତ ବିଧାନସଭା ନିର୍ବାଚନ ପରି ଚଳିତ ଥର ମଧ୍ୟ ଦୁଇ ପୂର୍ବତନ ସହଯୋଗୀଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ। ନିଜର ପୂର୍ବତନ ସହଯୋଗୀ ତଥା ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ବିରୋଧରେ ଲଢ଼ିବାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଷ୍ପତ୍ତି ନେଇଛନ୍ତି। ମମତା ଭବାନିପୁରରୁ ଲଢ଼ିବେ। ସାମ୍ବାଦିକ ସମ୍ମିଳନୀରେ ମମତା କହିଥିଲେ ଯେ ବିଜେପି କାହିଁକି ଡରୁଛି? ଯଦି ଲଢ଼ିବାକୁ ଚାହୁଛ ତେବେ ଗ୍ୟାସ ସଙ୍କଟ ସୃଷ୍ଟି କରନାହିଁ। ମୈଦାନକୁ ଓହ୍ଲାଇ ସଠିକ ଭାବେ ମୁକାବିଲା କର। ଏହି ବିଧାନସଭା ନିର୍ବାଚନ ରାଜ୍ୟ ଅସ୍ତିତ୍ୱର ଲଢ଼େଇ। ଏଥିରେ ପଶ୍ଚିମବଙ୍ଗ ହିଁ ଜିତିବ। ଦିଲ୍ଲୀର ଲଡୁ ପରାଜିତ ହେବ।

ଚଳିତ ଥର ଟିଏମସିର ସେଲିବ୍ରିଟିଙ୍କୁ ବିଶେଷ ପ୍ରାଧାନ୍ୟ ଦେଇନାହିଁ। ତୃଣମୂଳସ୍ତରର ନେତା ଏବଂ କର୍ମୀଙ୍କ ଉପରେ ଦଳ ଭରସା ପ୍ରକଟ କରିଛି। ୨୦୨୧ରେ ଟିଏମସି ୧୫ ସେଲିବ୍ରିଟିଙ୍କୁ ଟିକଟ ଦେଇଥିଲା। ମାତ୍ର ଚଳିତ ଥର କେବଳ ୨ ଜଣଙ୍କୁ ଟିକଟ ମିଳିଛି। ସେହିପରି ୪୨ ମହିଳାଙ୍କୁ ପ୍ରାର୍ଥୀ କରାଯାଇଛି। ୪୭ ପ୍ରାର୍ଥୀ ସଂଖ୍ୟାଲଘୁ ସମ୍ପ୍ରଦାୟରୁ ଆସୁଛନ୍ତି। ଏହା ବ୍ୟତୀତ ଏସ୍‌ସି/ଏସ୍‌ଟି ବର୍ଗର ୯୫ ପ୍ରାର୍ଥୀଙ୍କୁ ଟିକଟ ଦିଆଯାଇଛି।

ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ବିଜେପିକୁ ବଡ଼ ଝଟ୍‌କା ଲାଗିଛି। ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀଙ୍କ ଘନିଷ୍ଠ ସହଯୋଗୀ ତଥା ବିଜେପି ପଞ୍ଚାୟତ ମୁଖ୍ୟ ପବିତ୍ର କର ମଙ୍ଗଳବାର ପୁଣି ଟିଏମସିରେ ସାମିଲ ହୋଇଛନ୍ତି। ଆଗାମୀ ବିଧାନସଭା ନିର୍ବାଚନରେ ସେ ନନ୍ଦୀଗ୍ରାମରୁ ବିରୋଧୀ ଦଳ ନେତା ଶୁଭେନ୍ଦୁଙ୍କ ବିରୋଧରେ ଲଢ଼ିବେ ବୋଲି କୁହାଯାଉଛି। ପୂର୍ବ ମେଦିନିପୁର ଜିଲ୍ଲା ନନ୍ଦୀଗ୍ରାମ-୨ ବ୍ଲକ ଅନ୍ତର୍ଗତ ବୋୟାଲ-୧ ଗ୍ରାମ ପଞ୍ଚାୟତର ପୂର୍ବତନ ପଞ୍ଚାୟତ ମୁଖ୍ୟ ପବିତ୍ର କର ଟିଏମସିର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଉପସ୍ଥିତିରେ ମମତାଙ୍କ ଦଳକୁ ଫେରିଛନ୍ତି। ବିଜେପିର ଜନବିରୋଧୀ ଆଭିମୁଖ୍ୟ ପାଇଁ ସେ ଅସନ୍ତୁଷ୍ଟ ଥିଲେ ବୋଲି ଟିଏମସି ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ପବିତ୍ର ୨୦୨୦ ନଭେମ୍ବରରେ ଟିଏମସି ଛାଡି ବିଜେପିରେ ଯୋଗ ଦେଇଥିଲେ। ବୋୟାଲ-୧ ଅଞ୍ଚଳରେ ବିଜେପି ସଂଗଠନକୁ ମଜବୁତ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୨୦୨୧ ବିଧାନସଭା ନିର୍ବାଚନରେ ଏହି ଅଞ୍ଚଳରେ ବିଜେପିକୁ ଅଗ୍ରଣୀ କରାଇବାରେ ତାଙ୍କର ବଡ଼ ହାତ ଥିଲା ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ଗତ ନିର୍ବାଚନରେ ଶୁଭେନ୍ଦୁ ଅଧିକାରୀ ନନ୍ଦୀଗ୍ରାମରୁ ମମତାଙ୍କୁ ୧,୯୦୦ରୁ ଅଧିକ ଭୋଟ୍‌ର ପରାସ୍ତ କରିଥିଲେ।

## ଶିଶୁ ପୋଷ୍ୟ ନେଲେ ବି ମିଳିବ ସମ୍ପୂର୍ଣ୍ଣ ମାତୃତ୍ୱ ଛୁଟି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭।୩ (ଏଜେନ୍ସି): ସୁପ୍ରିମକୋର୍ଟ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଯେକୌଣସି ବୟସର ଶିଶୁଙ୍କୁ ପୋଷ୍ୟ କଲେ ମହିଳାଙ୍କୁ ସମ୍ପୂର୍ଣ୍ଣ ୧୨ ସପ୍ତାହର ମାତୃତ୍ୱ ଛୁଟି ମିଳିବ। କେବଳ ତିନି ମାସରୁ କମ୍ ବୟସର ଶିଶୁକୁ ପୋଷ୍ୟ କଲେ ମାତୃତ୍ୱ ଛୁଟି ଦେବାର ବ୍ୟବସ୍ଥାକୁ ସୁପ୍ରିମକୋର୍ଟ ଭୁଲ୍ ବୋଲି କହିଛନ୍ତି। ସୋସିଆଲ ସିକ୍ୟୁରିଟି କୋଡ-୨୦୨୦ ସମ୍ବନ୍ଧିତ ମାମଲାର ଶୁଣାଣି କରି ଜଷ୍ଟିସ ଜେପି ପାରଦିୱାଲା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଧାରା ୬୦(୪)କୁ ଖଣ୍ଡପୀଠ ଅସାମ୍ବିଧାନିକ କହିଛନ୍ତି। ଏଥି ସହିତ ୩ ମାସର ଶିଶୁ ପୋଷ୍ୟ ନେଲେ ଥିବା ଛୁଟିର ବ୍ୟବସ୍ଥାକୁ ରଦ୍ଦ କରିଦେଇଛନ୍ତି।



ଏହି ମାମଲାକୁ ନେଇ ହଂସାନନ୍ଦିନୀ ନନ୍ଦୁରୀ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ସେ କହିଥିଲେ ଯେ ବୟସ ଆଧାରରେ ଛୁଟି ଦେବା ଭୁଲ୍ ଏବଂ ଏହା ସମ୍ବିଧାନର ଅନୁଚ୍ଛେଦ ୧୪ (ସମାନତା ଅଧିକାର) ର ଉଲ୍ଲଂଘନ କରୁଛି। ଏହା ବ୍ୟତୀତ କୋର୍ଟ କେନ୍ଦ୍ର ସରକାରଙ୍କୁ ପିତୃତ୍ୱ ଛୁଟିକୁ ମଧ୍ୟ ଆଇନରେ ଅନ୍ତର୍ଭୁକ୍ତ କରବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଏହାର ଅବଧି ପିତାମାତା ଏବଂ ସନ୍ତାନର ଆବଶ୍ୟକତା ଅନୁଯାୟୀ ସ୍ଥିର କରାଯିବା ଉଚିତ। ପିତୃତ୍ୱ ଅବକାଶ ମଧ୍ୟ ଜରୁରୀ। କାରଣ ଶିଶୁର ପ୍ରାରମ୍ଭିକ ପର୍ଯ୍ୟାୟରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହା ଦ୍ୱାରା ଶିଶୁର ଯତ୍ନ ନେବାରେ ମାତାପିତାଙ୍କ ସକ୍ରିୟ ସହଯୋଗ ରହିଥାଏ। ପିତୃତ୍ୱ ଅବକାଶକୁ ସାମାଜିକ ସୁରକ୍ଷା ଲାଭ ଭାବରେ ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାର ଆଇନ ପ୍ରଣୟନ କରନ୍ତୁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ। ସୂଚନାଯୋଗ୍ୟ ଯେ ଏବେ କେବଳ ୩ ମାସରୁ କମ୍ ବୟସର ଶିଶୁକୁ ପୋଷ୍ୟ ନେଉଥିବା ମାଆଙ୍କୁ ଛୁଟି ଦିଆଯାଉଛି।

## ହରିୟାଣାରେ ବିଜେପି ରଣନୀତି: ଫେଲ୍ କ୍ରସ୍ ଭୋଟିଂ ସତ୍ତ୍ୱେ କଂଗ୍ରେସର ବିଜୟ

ଚଣ୍ଡିଗଡ଼, ୧୭ ।୩(ଏଜେନ୍ସି): ହରିୟାଣାର ଦୁଇଟି ରାଜ୍ୟସଭା ଆସନ ପାଇଁ ଅନୁଷ୍ଠିତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ କରମବୀର ସିଂହ ବୌଦ୍ଧ ଅତି କଷ୍ଟରେ ବିଜୟୀ ହୋଇଛନ୍ତି। କଂଗ୍ରେସର ୫ ଜଣ ବିଧାୟକ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ (କ୍ରସ ଭୋଟିଂ) ଭୋଟ ଦେଇଥିବା ବେଳେ ୪ ଜଣଙ୍କ ଭୋଟ ଅସିଦ୍ଧ ଘୋଷଣା ହୋଇଥିଲା। ବିଜେପିର ସଞ୍ଜୟ ଭାଟିଆ ୩୯ଟି ପ୍ରଥମ ପସନ୍ଦ ଭୋଟ ପାଇ ସହଜରେ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ଆସନ ପାଇଁ କଂଗ୍ରେସର ବୌଦ୍ଧ ବିଜେପି ସମର୍ଥିତ ପ୍ରାର୍ଥୀ ସତୀନ ନନ୍ଦଲଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ବୌଦ୍ଧଙ୍କୁ ୨୮ଟି ଭୋଟ ମିଳିଥିବା ବେଳେ ନନ୍ଦଲଙ୍କୁ ୧୭ଟି ଭୋଟ ମିଳିଥିଲା। ୯୦ ଜଣିଆ ବିଧାନସଭାରେ ୮୮ଟି ଭୋଟ ପଡ଼ିଥିଲା। ୨ ଜଣ ଆଇଏନ୍ଏଲଡ଼ି ବିଧାୟକ ଅନୁପସ୍ଥିତ ଥିଲେ। ୫ଟି ଭୋଟ ଅସିଦ୍ଧ ବୋଲି ଘୋଷଣା କରାଯାଇଥିଲା। କଂଗ୍ରେସର ୫ ଜଣ ବିଧାୟକ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ନନ୍ଦଲଙ୍କୁ ଭୋଟ୍ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ମେଓ-ମୁସଲିମ, ଜଣେ ଶିଖ ଏବଂ ଉତ୍ତର ହରିୟାଣାର ଦୁଇଜଣ ମହିଳା ବିଧାୟକ ସାମିଲ ଥିଲେ। ୫ଟି ଭୋଟ ନାକଚ ହୋଇଥିଲା। ଯେଉଁଥିରେ କଂଗ୍ରେସର ୪ଟି ଓ ବିଜେପିର ଗୋଟିଏ ଭୋଟ ସାମିଲ ରହିଛି। ଗୁପ୍ତ ବାଲଟ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ନିର୍ବାଚନ କମିଶନ କଂଗ୍ରେସ ବିଧାୟକ ପରମବୀର ସିଂହଙ୍କ ଭୋଟ୍‌କୁ ରଦ୍ଦ କରିଥିଲେ। ସୂଚନାଯୋଗ୍ୟ ଯେ ସୋମବାର ଅପରାହ୍ଣ ୪ଟାରେ ଭୋଟ୍ ଗଣତି ହେବାର ଥିଲା, କିନ୍ତୁ ବିଜେପି ଓ କଂଗ୍ରେସ କଳି ଯୋଗୁଁ ଏହା ୯ ଘଣ୍ଟା ବିଳମ୍ବ ହୋଇଥିଲା। ଶେଷରେ ରାତି ୧ଟା ସମୟରେ ଫଳାଫଳ ଘୋଷଣା କରାଯାଇଥିଲା। ହରିୟାଣା କଂଗ୍ରେସର ନେତା ଭୂପିନ୍ଦର ସିଂ ହୁଡ୍ଡା କହିଛନ୍ତି ଯେ ବିଜେପି ଷଡ଼ଯନ୍ତ୍ର ସତ୍ତ୍ୱେ ଗଣତନ୍ତ୍ରର ବିଜୟ ହୋଇଛି। କିନ୍ତୁ ଦଳ ମଧ୍ୟରେ ହୋଇଥିବା ବିଦ୍ରୋହ କଂଗ୍ରେସ ପାଇଁ ଚିନ୍ତାର ବିଷୟ ପାଲଟି ଯାଇଛି ବୋଲି ସେ ସ୍ୱୀକାର କରିଛନ୍ତି।

## ବର୍ଷିଲା ବିଜେଡି

# ବିଶ୍ୱାସଘାତକତା କିଛି ନେତାଙ୍କ ବଂଶାନୁଗତ

ଭୁବନେଶ୍ୱର,୧୭।୩(ସମିସ): ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାରରେ ସାମିଲ ହୋଇ କ୍ରସ ଭୋଟିଂ କରିଥିବା ଦଳର ବିଧାୟକମାନଙ୍କ ଉପରେ ବର୍ଷିଛି ବିଜେଡି। ଦଳର ନୀତି, ଆଦର୍ଶ ବିରୋଧରେ ଯାଇ ବିଜେଡିର କିଛି ବିଧାୟକ ରାଜ୍ୟସଭା ନିର୍ବାଚନରେ ବିପୁଳ ଟଙ୍କା ନେଇ ଘୋଡ଼ା ବେପାରରେ ସାମିଲ ହୋଇଛନ୍ତି ଓ କ୍ରସ ଭୋଟିଂ କରିଛନ୍ତି ବୋଲି କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ବ୍ୟୋମକେଶ ରାୟ ଓ ବିଧାୟକ ଧ୍ରୁବ ଚରଣ ସାହୁ । ଯିଏ ବିଜୁ ବାବୁଙ୍କ ସହ ବିଶ୍ୱାସଘାତକତା କରିଥିଲେ, ତାଙ୍କ ପୁଅ ଏବେ ନବୀନ ବାବୁଙ୍କ ସହ ବିଶ୍ୱାସଘାତକତା କରିଛନ୍ତି ଏବଂ ଏହା ବଂଶାନୁଗତ ବୋଲି ବିଜେଡି ନେତାମାନେ କହିଛନ୍ତି ।

ପ୍ରମିଳା ମଲ୍ଲିକ କହିଛନ୍ତି ଯେ ରାଜ୍ୟସଭା ନିର୍ବାଚନରେ ଯେଉଁ ବିଧାୟକମାନେ କ୍ରସ ଭୋଟିଂ କରି ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଲେ, ଆଜି ସେମାନେ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ବିଜୁ ଲିଗାସୀର କଥା କହୁଛନ୍ତି । ଢ଼େଲା ଓ ଅଣ୍ଡା ଫିଙ୍ଗିଥିବା ଲୋକଙ୍କୁ ନବୀନ କ୍ଷମା କରିଥିଲେ ଓ କଟକ ଭଳି ଜିଲ୍ଲାରେ ତାଙ୍କ ପତ୍ନୀଙ୍କୁ ଜିଲ୍ଲାପରିଷଦ ସଭାପତି କରିଥିଲେ। ତାଙ୍କୁ ଓ ତାଙ୍କ ପୁଅକୁ ଟିକଟ ଦେଇ ବିଧାୟକ କରିଥିଲେ। ମାତ୍ର ଆଜି ସେମାନେ ନବୀନଙ୍କ ସହ ବିଶ୍ୱାସଘାତକତା କରିଛନ୍ତି ଓ କିଛି ଟଙ୍କା ପାଇଁ ନିଜକୁ ବିକ୍ରି କରିଛନ୍ତି । ବିଜୁ ବାବୁ ସବୁବେଳେ ନୀତି, ନୈତିକତା ଓ ଆଦର୍ଶର କଥା କହୁଥିଲେ । ଏମାନେ ଅର୍ଥ ଓ କ୍ଷମତା ବିନା ରହିପାରିବେ ନାହିଁ ବୋଲି ପ୍ରମାଣିତ କରି ଆଜି ଦଳ ବିରୋଧରେ ଯାଇ କ୍ରସ ଭୋଟିଂ କରିଛନ୍ତି। ଏହା କ'ଣ ବିଜୁ ଲିଗାସୀ ବୋଲି ପ୍ରମିଳା ପ୍ରଶ୍ନ କରିଛନ୍ତି ।

ବ୍ୟୋମକେଶ ରାୟ କହିଥିଲେ ଯେ ଗତକାଲି ହୋଇଥିବା ରାଜ୍ୟସଭା ନିର୍ବାଚନରେ ବିଜେଡିର କିଛି ବିଧାୟକ ଘୋଡ଼ା ବେପାରରେ ସାମିଲ ହୋଇ କ୍ରସ ଭୋଟିଂ କଲେ । ଏହି ଘୋଡ଼ା ବେପାରରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ବିଧାୟକମାନଙ୍କୁ ତାଙ୍କ ସରକାରୀ ବାସଭବନରେ ଲୁଚାଇ ରଖିଥିଲେ। ବିଜେପି ଓ ଏହାର ପ୍ରାର୍ଥୀଙ୍କଠାରୁ ବିପୁଳ ଟଙ୍କା ନେଇ ବିଧାୟକ ମାନେ ଭୋଟ ଦେଲେ। ବାଙ୍କୀର ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କହୁଛନ୍ତି ତାଙ୍କ ବାପା ଅଣକଂଗ୍ରେସ ରାଜନୀତିରୁ ଆସିଛନ୍ତି, ତେଣୁ ସେ ବିଜେଡି ଓ କଂଗ୍ରେସର ମେଣ୍ଟ ବିରୋଧରେ ଯାଇ ବିବେକାନୁମୋଦିତ ଭାବେ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଲେ । ୧୯୯୬ ମସିହାରେ ତତ୍କାଳୀନ ବିଧାୟକ ପ୍ରଭାତ ତ୍ରିପାଠୀ ବିଜୁ ବାବୁଙ୍କ ସହିତ ବିଶ୍ୱାସଘାତକତା କରି ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଜୟନ୍ତୀ ପଟ୍ଟନାୟକଙ୍କୁ ଭୋଟ ଦେଇ ଯେଉଁ ପରମ୍ପରା ସୃଷ୍ଟି କରିଥିଲେ, ସେହି ରାସ୍ତାରେ ଦେବୀ ରଞ୍ଜନ ତ୍ରିପାଠୀ। ଲୋକଲଜ୍ଜାରୁ ବର୍ତ୍ତିବା ପାଇଁ ସେ ଆଜି ବିଜୁ ଲିଗାସୀ କଥା କହୁଛନ୍ତି।

ଧ୍ରୁବଚରଣ ସାହୁ କହିଥିଲେ ଯେ ଆମେ ରେଙ୍ଗାଲୀ ବିଧାୟକଙ୍କୁ ସାଲ୍ୟୁଟ କରୁଛୁ । ତାଙ୍କୁ ୧୫ କୋଟି ଟଙ୍କା ଯଚା ଯାଇଥିଲା ଦଳ ବିରୋଧରେ ଭୋଟ ଦେବା ପାଇଁ, କିନ୍ତୁ ସେ ସଚ୍ଚୋଟତାର ପରିଚୟ ଦେଇ ଦଳ ସପକ୍ଷରେ ଭୋଟ ଦେଇଥିଲେ । ଏବେ ବିଜୁ ଲିଗାସୀ କଥା କହୁଥିବା ନେତାମାନେ ୧୯୯୫ ମସିହାରେ ବିଜୁ ବାବୁଙ୍କୁ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇ ନ ଦେବା ପାଇଁ ୩୦ଟି ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଛିଡ଼ା କରାଇ କଂଗ୍ରେସକୁ କ୍ଷମତାକୁ ଆଣିବାକୁ ବାଟ ଫିଟାଇଥିଲେ । ନବୀନ ସରକାରରେ ଯେଉଁ ନେତାମାନେ ଚିଟଫଣ୍ଡରେ ଦୁର୍ନୀତି ଓ ବିଭିନ୍ନ ଦୁର୍ନୀତି ମାମଲାରେ ସମ୍ପୃକ୍ତ ରହି ଜେଲ ଯାଇଥିଲେ, ନବୀନ ବାବୁ ତାଙ୍କ ବିଶାଳ ହୃଦୟର ପରକାଷ୍ଠା ଦେଖାଇ ସେମାନଙ୍କ ପିଲାମାନଙ୍କୁ ନିର୍ବାଚନରେ ଟିକେଟ ଦେଇ ଓ ତାଙ୍କ ପାଇଁ ପ୍ରଚାର କରି ଦୁଇ ଦୁଇ ଥର ବିଧାୟକ କରାଇଥିଲେ । ଆଜି ସେହିମାନେ ନବୀନ ବାବୁଙ୍କ ସହିତ ବିଶ୍ୱାସଘାତକତା କରି ଦଳ ବିରୋଧରେ ଯାଇ କ୍ରସ ଭୋଟିଂ କରିଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

# ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ ଅନୁଦାନ ହ୍ରାସ



## ସାଂସଦ ମାନସଙ୍କ ଉଦ୍‌ବେଗ

ଭୁବନେଶ୍ୱର,୧୭।୩(ସମିସ): ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲଗାତାର ଭାବେ ଓଡ଼ିଶାକୁ ଅର୍ଥ କମ୍ ମଞ୍ଜୁର କରାଯାଉଛି। ୨୦୨୨-୨୩ ମସିହାରେ ୨୧୧କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ମଞ୍ଜୁର କରାଯାଇଥିଲା ବେଳେ ୨୦୨୩-୨୪ ମସିହାରେ ୧୭୧ କୋଟି ଟଙ୍କା ଅନୁଦାନ ମିଳିଛି। ସେହିପରି ୨୦୨୪-୨୫ରେ ଏହା ଆହୁରି ହ୍ରାସ ପାଇଛି ଓ ଅନୁଦାନ ମାତ୍ର ୧୪୯ କୋଟିରେ ପହଞ୍ଚିଛି। ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ସମ୍ବେଦନଶୀଳତା ବଢୁଥିଲା ବେଳେ ଭିତ୍ତିଭୂମି ମିଶନରେ ଏଭଳି କେନ୍ଦ୍ରୀୟ ଅନୁଦାନ ହ୍ରାସକୁ ନେଇ ସଂସଦରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ନେଇ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ। ୨୦୨୨ ମସିହାରୁ ୨୦୨୫ ମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାରେ ମୋଟ କେତେ କେନ୍ଦ୍ରୀୟ ଗ୍ରାଣ୍ଟ ପ୍ରଦାନ କରାଯାଇଛି। ଯୋଜନା-ୱାରୀ ଏବଂ କ୍ଷେତ୍ର-ୱାରୀ ବିଭକ୍ତୀକରଣ ଓ କେନ୍ଦ୍ର ପକ୍ଷରୁ ଓଡ଼ିଶାକୁ ଅତିରିକ୍ତ ରାଶି ପ୍ରଦାନ ପ୍ରସଙ୍ଗରେ କେଉଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଛନ୍ତି ।

କେନ୍ଦ୍ରସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି ଯେ ସମାନ, ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସେବା ପାଇଁ ସାର୍ବଜନୀନ ପ୍ରବେଶ ହାସଲ କରିବା ଲକ୍ଷ୍ୟରେ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକାରୀ କରୁଛି। ସରକାର ରାଜ୍ୟ, କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି, ସ୍ୱାସ୍ଥ୍ୟ ସୁବିଧା ପାଇଁ ପର୍ଯ୍ୟାପ୍ତ ମାନବ ସମ୍ବଳର ଉପଲବ୍ଧତା, ବିଶେଷକରି ଅବହେଳିତ ଏବଂ ଅବହେଳିତ ଗୋଷ୍ଠୀ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ଏବଂ ସୁଗମତାକୁ ଉନ୍ନତ କରିବା ପାଇଁ ବୈଷୟିକ ଏବଂ ଆର୍ଥିକ ସହାୟତା ପ୍ରଦାନ କରନ୍ତି। ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ(ପିଏମ୍ ଅଭିମ୍) ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନ; ଯାହା କିଛି କେନ୍ଦ୍ରୀୟ କ୍ଷେତ୍ର ଉପାଦାନ ସହିତ ରହିଛି ଯାହାର ଯୋଜନା ଅବଧି (୨୦୨୧-୨୨ ରୁ ୨୦୨୫-୨୬) ପାଇଁ ୬୪,୧୮୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ପିଏମ୍ ଅଭିମ୍ ଅଧୀନରେ ପଦକ୍ଷେପଗୁଡ଼ିକ ପ୍ରାଥମିକ, ମାଧ୍ୟମିକ ଏବଂ ତୃତୀୟ ସ୍ତରର ସମସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ପ୍ରତିଷ୍ଠାନଗୁଡ଼ିକର ଦକ୍ଷତା ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରେ, ଯାହା ଦ୍ୱାରା ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ବର୍ତ୍ତମାନ ଏବଂ ଭବିଷ୍ୟତର ମହାମାରୀ ବା ବିପର୍ଯ୍ୟୟର ପ୍ରଭାବଶାଳୀ ପ୍ରତିକ୍ରିୟା ପାଇଁ ପ୍ରସ୍ତୁତ କରାଯାଇପାରିବ। ପିଏମ-ଅଭିମ୍‌ରେ ରାଜ୍ୟକୁ ଲଗାତାର କମ୍ ଅର୍ଥ ରିଲିଜ କରାଯାଇଥିବା ସେ ସ୍ୱୀକାର କରିଛନ୍ତି । ତେବେ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ରାଜ୍ୟକୁ ଅଧିକ ଅର୍ଥ ଦିଆଯାଇଥିବା ଉଲ୍ଲେଖ କରି ମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି ।

# ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

ଭୁବନେଶ୍ୱର,୧୭।୩(ସମିସ): କଟକ ବଡ଼ଡ଼ାକ୍ତରଖାନା ଆଇସିୟୁରେ ନିଆଁ ଲାଗି ୧୨ ଜୀବନ ଯିବା ଘଟଣାର ୪୮ ଘଣ୍ଟା ପରେ ମୁହଁ ଖୋଲିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଉନ୍ନୟନ କମିଶନର ଡ଼ି. କେ.ସିଂହଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ କମିଟିର ରିପୋର୍ଟ ଆସିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାନସଭାରେ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ । ସେ କହିଛନ୍ତି ଯେ କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଘଟି ଯାଇଥିବା ଦୁର୍ଘଟଣା ଅତି ଦୁଃଖଦାୟକ। ଏହି ଦୁର୍ଘଟଣାରେ ୧୨ ଜଣଙ୍କର ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ଏହି ଦୁର୍ଘଟଣାର ତଦନ୍ତ ପାଇଁ ଏକ ଆନ୍ତଃ ବିଭାଗସ୍ତରୀୟ ତଥ୍ୟ ଅନୁସନ୍ଧାନକାରୀ ଟିମ୍ ଗଠନ କରିଛନ୍ତି। ଉନ୍ନୟନ କମିଶନର ଡି କେ ସିଂହ ଏହି କମିଟିର ଅଧ୍ୟକ୍ଷ ଅଛନ୍ତି। ଏହି କମିଟିର ତଦନ୍ତ ରିପୋର୍ଟ ଆସିଲାପରେ ଏହି ଦୁର୍ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏସସିବି ମେଡିକାଲ ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରି ତୁରନ୍ତ ଫାୟାର କମ୍ପ୍ଲିଆଣ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଗ୍ନିଶମ ମହା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭବିଷ୍ୟତରେ ଏପରି ଦୁଃଖଦ ଘଟଣାର ଯେପରି ପୁନରାବୃତ୍ତି ନହୁଏ ସେଥି ପ୍ରତି ସତର୍କ ରହିବା ପାଇଁ ସମସ୍ତ ହସ୍ପିଟାଲର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରୋଗୀମାନଙ୍କ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିବା ମେଡିକାଲର କର୍ମଚାରୀମାନଙ୍କ ମଧ୍ୟରୁ ୧୧ ଜଣ ନିଆଁ ପ୍ରଭାବରେ ଆହତ ହୋଇଛନ୍ତି। ସମସ୍ତ ଆହତମାନଙ୍କ ସହ ନିଜେ ବ୍ୟକ୍ତିଗତ ଭାବେ କଥା ହେବା ସହ ସେମାନଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ପିଏମଏନଆରଏଫରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତ ମାନଙ୍କ ପାଇଁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହି ଅଭାବନୀୟ ଦୁର୍ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀଧର ବିଶ୍ୱାଳ ନ୍ୟାୟିକ ତଦନ୍ତ କରିବେ ଏବଂ ଏହି ତଦନ୍ତରେ ସଂପୂର୍ଣ୍ଣ ସହଯୋଗ କରିବା ପାଇଁ ଏସସିବିର ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।




# ୩ ନାବାଳକଙ୍କ ସମେତ ୭ ଲୁଟେରା ଗିରଫ



ଜୟପୁର ୧୭ ।୩(ସମିସ): ଜୟପୁର ସହରରେ ପ୍ରାଦୁର୍ଭାବ ଜମାଇଥିବା ଲୁଟେରାମାନଙ୍କ ଉପରେ ପୁଣି ପୁଲିସର ଜୋରଦାର୍ କାର୍ଯ୍ୟାନୁଷ୍ଠାନ। ଜୟପୁର ନୂତନ ଏସଡିପିଓ ଅର୍ଚ୍ଚିତା ମିଉଲଙ୍କ ନେତୃତ୍ୱରେ ଟାଉନଥାନା ପୁଲିସ ପ୍ରାୟ ୬ ଟି ମାମଲାରେ ସଂଶ୍ଳିଷ୍ଟ ରହିଥିବା ୩ ଜଣ ନାବାଳକ ଓ ୪ଜଣ ଲୁଟେରାଙ୍କୁ କାବୁ କରିବା ସହିତ କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତମାନଙ୍କ ନିକଟରୁ ଲୁଟ ଟଙ୍କା, ମୋବାଇଲ ଉଦ୍ଧାର କରାଯାଇଛି। ଗିରଫ ଦୁର୍ଦ୍ଧାନ୍ତ ଅପରାଧିମାନେ ହେଲେ ଜୟପୁର ସହରର ଗୋପବନ୍ଧୁ ନଗରର ଶିବ ନାୟକ (୨୦), ଓଡିଆ ମେଦ୍ରୀ ସାହି ବାଦଲ କୁମାର ପୁଜାରି (୨୩), ଖ୍ରୀଷ୍ଟିଆନ ସାହି ବିଜୁ ରାଜନଗରର ସମୀର ଗୁଣିଆ (୨୧) ଓରଫ ଲିପୁନ ଏବଂ ଗୋପବନ୍ଧୁ ନଗରର ଆକାଶ ହିଆଲ (୧୯)। ଏହି ୪ଜଣ ଅଭିଯୁକ୍ତ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ଅନ୍ୟ ୩ଜଣ ନାବାଳକ ଅପରାଧିଙ୍କୁ ସ୍ଥାନୀୟ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଛି। ଜାମିନ ଖାରଜ ହେବା ପରେ ଅଭିଯୁକ୍ତ ୪ ଜଣଙ୍କୁ ଜେଲ ହାଜତକୁ ଏବଂ ୩ ଜଣ ନାବାଳକଙ୍କୁ ମାଲକାନଗିରି ସୁଧାର ଗୃହକୁ ପଠାଯାଇଛି। ଆଜି ସଂଧ୍ୟାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡପିଓ କୁମାରୀ ମିଉଲ ଏନେଇ ସୂଚନା ଦେଇଛନ୍ତି। ସୂଚନାଅନୁଯାୟୀ, ଗତ ମାର୍ଚ୍ଚ ୮ ତାରିଖରେ ଅପରାହ୍ନ ୩ ଟା ସମୟରେ କୁନ୍ଦୁରା ଥାନା କନ୍ଧଗୁଡା ଗ୍ରାମର ନବୀନ ସାନ୍ତା ଏବଂ ତାଙ୍କ ଦାଦା ବାଇକରେ ନିଜ ଗ୍ରାମକୁ ଫେରୁଥିବା ବେଳେ ସ୍ଥାନୀୟ ରାଜୁ ସାହି ନିକଟରେ ୩ଜଣ ଅଭିଯୁକ୍ତ ଏକ ସ୍କୁଟି ଯୋଗେ ଉଭୟଙ୍କୁ ରାସ୍ତାରେ ଅଟକାଇ ଛୁରା ଦେଖାଇ ସାଢେ ୪ ହଜାର ଟଙ୍କା ଲୁଟ କରିଥିଲେ। ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ଘରର ସିସି କ୍ୟାମେରାରେ ଉତ୍ତୋଳନ ହୋଇଥିବା ଘଟଣା ସମୟର ଭିଡିଓ ଭାଇରାଲ ହେବା ପରେ ପୁଲିସ ନିଜ ପଟରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ। ଉକ୍ତ ଘଟଣାର ୨୪ ଘଣ୍ଟା ମଧ୍ୟରେ ଦୁଇ ଅଭିଯୁକ୍ତ ଶିବ ଓ ବାଦଲ ସମେତ ଜଣେ ନାବାଳକଙ୍କୁ ଏହି ମାମଲାରେ ଗିରଫ କରାଯାଇ ଲୁଟରେ ବ୍ୟବହୃତ ସ୍କୁଟି (ଓଡି ୧୦ ଏକ୍ସ ୭୮୨୧), ଲୁଟ ୨ ହଜାର ଟଙ୍କା ଏବଂ ଗୋଟିଏ ଛୁରା ଜବତ କରାଯାଇଥିଲା। ଏହି ମାମଲାର ତଦନ୍ତ ଏସ୍ଆଇ ସିଦ୍ଧାନ୍ତ ବେହେରା କରିଥିବା ବେଳେ ପୀଡିତଙ୍କୁ ଡକାଯାଇ ଏତଲା ଗ୍ରହଣ କରିବା ସହିତ ତାଙ୍କ ଲୁଟ ଉଦ୍ଧାର ଟଙ୍କା ଫେରସ୍ତ କରାଯାଇଛି। ଗତ ଜାନୁୟାରୀ ମାସ ୨୫ ତାରିଖରେ ଛୁରା ଦେଖାଇ ମୋବାଇଲ୍ ଏବଂ ଟଙ୍କା ଲୁଟ ଅଭିଯୋଗରେ ଅନ୍ୟାନ୍ୟ ୩ ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଦୁର୍ଦ୍ଧାନ୍ତ ଅପରାଧି ସମୀର ଗୁଣିଆ ଓରଫ ଲିପୁଚ ଫେରାର ହୋଇଥିଲା। ଅଭିଯୁକ୍ତ ଲିପୁନ ଏବଂ ଅନ୍ୟାନ୍ୟ ସହଯୋଗୀମାନେ ଗତାକାଲି ମଧ କେନାଲ ରୋଡରେ ଛୁରା ଦେଖାଇ ଜଣେ ଲୋକଙ୍କ ଠାରୁ ମୋବାଇଲ ଲୁଟ କରିଥିବା ଅଭିଯୋଗ ହେବା ପରେ ପୁଲିସ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ଲିପୁନଙ୍କ ଠାରୁ ଦୁଇଟି ଲୁଟ ମୋବାଇଲ ଜବତ କରାଯାଇଥିଲା। ଲୁଟ ନେଇ ୩ଟି ମାମଲାର ତଦନ୍ତ ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ଏସ.ଆଇ ଦିପକ କୁମାର ପଣ୍ଡା ଏବଂ ଏଏସଆଇ ଡି.ପ୍ରଭୁ ସାଇ କରୁଥିଲେ। ସେହିପରି ଅନ୍ୟ ଏକ ଲୁଟେରା ଆକାଶକୁ ମଧ ପୁଲିସ ପୂର୍ବ ମାମଲାରେ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଥିବା ନେଇ ସୂଚନା ଦେଇଛନ୍ତି।

## ୬ ଲୁଟ୍ ମାମଲାରେ ଥିଲେ ସମ୍ପୃକ୍ତ

■ ପରୀକ୍ଷା ଖାତା ଦେଖାରେ ତୃଟି

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଛାତ୍ରଛାତ୍ରୀ



ମାଲକାନଗିରି,୧୭ ।୩(ସମିସ): ମାଲକାନଗିରି ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟୟନରତ ଯୁକ୍ତ ୩ ଦ୍ୱିତୀୟ ବର୍ଷର ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀମାନେ ତୃତୀୟ ସେମିଷ୍ଟାର ପରୀକ୍ଷାର ଖାତା ଦେଖାରେ ତୃଟି ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ ଆଜି ଅନେକ ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି। ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ଅଭିଯୋଗ ଜଣାଇବା ସହ ପରୀକ୍ଷା ଖାତାକୁ ପୁନଃ ଯାଞ୍ଚ କରି ଉଚିତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ପରୀକ୍ଷା ଦେଇଥିବା ବିଭିନ୍ନ ବିଷୟରେ ୦ କିମ୍ବା ୧ ମାର୍କ ଆସିଛି, ଯାହାକି ସେମାନେ କେବେ ଆକଳନ କରିନଥିଲେ। ଏହି ବିଭାଗରେ ଥିବା ୬୭ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬ ଜଣ ଛାତ୍ରୀଙ୍କୁ ବାଦ ଦେଲେ ପ୍ରାୟ ସମସ୍ତ ଛାତ୍ରଛାତ୍ରୀଙ୍କ ବିଭିନ୍ନ ବିଷୟରେ ମାର୍କ କମ୍ ଆସିଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ପୂର୍ବରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ମାଲକାନଗିରି ମହାବିଦ୍ୟାଳୟ ଥିବା ବେଳେ କୌଣସି ସମସ୍ୟା ହେଉନଥିଲା, ବର୍ତ୍ତମାନ ଜୟପୁର ବିଶ୍ୱବିଦ୍ୟାଳୟ ଅଧିନକୁ କଲେଜ ଯିବା ପରେ ଏହିସବୁ ସମସ୍ୟା ହେଉଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏନେଇ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ରାଜମିସ୍ତ୍ରୀ ଗୁରୁତର

ଉମରକୋଟ,୧୭।୩(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳ ୭ ନମ୍ବର ୱାର୍ଡ କୁସୁମଗୁଡା ସାହିଠାରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ରାଜମିସ୍ତ୍ରୀ ଗୁରୁତର ହୋଇଛନ୍ତି। ସୂଚନାନୁଯାୟୀ, କୁସୁମଗୁଡା ସାହି ସ୍ଥିତ ଜଣଙ୍କ ଘର ଉପରଦେଇ ୧୧ କେଭି ତାର ଯାଇଥିବା ବେଳେ ତାରି ତଳେ ରାଜମିସ୍ତ୍ରୀ ରକିଦାନ ହରିଜନ କିଛି ଶ୍ରମିକଙ୍କ ସହ ଉକ୍ତ ଘରେ ଇଟା ଜୋଡେଇ କାମ କରୁଥିଲେ। ତେବେ ଅସାବଧାନତା ଯୋଗୁ ମିସ୍ତ୍ରୀଙ୍କ ହାତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ରକିଦାନ ପ୍ରାୟ ୨୦-୨୫ ଫୁଟ ଉପରୁ ତଳେ ପଡ଼ି ଯାଇଥିଲେ। ଫଳରେ ତାଙ୍କ ୨ ହାତ ଭାଙ୍ଗିଯିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଖବରପାଇ ଆଖପାଖ ଲୋକ ରକିଙ୍କୁ ଉମରକୋଟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ଉମରକୋଟ ଚିକିତ୍ସାଳୟଠାରେ ପ୍ରାଥମିକ ଚିକିତ୍ସା କରିଥିଲେ ଏବଂ ଅବସ୍ଥା ଗୁରୁତର ଥିବାରୁ ପ୍ରଥମେ ନବରଙ୍ଗପୁର ଓ ପରେ କୋରାପୁଟ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ସୂଚନା ମିଳିଛି। ଖବର ଲେଖା ସମୟରେ ଗୁରୁତର ଥିବା ସୂଚନା ମିଳିଛି।

# ଯବାପଦର ବିଦ୍ୟାଳୟର ବାର୍ଷିକ ଉତ୍ସବ




କୁନ୍ଦୁରା,୧୭।୩(ସମିସ): କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ କେରିମିଟି ପଞ୍ଚାୟତ ଅନ୍ତର୍ଗତ ଯବାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାକେଶ ଚନ୍ଦ୍ର ଗୁରୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ସରପଞ୍ଚ ମାଣିକ ସାନ୍ତା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ କେ. କ୍ରୀଷ୍ଣା ମୋହନ ରାଓ, ସମ୍ମାନୀତ ଅତିଥିଭାବେ ନାଏବ ସରପଞ୍ଚ ମନ ସାନ୍ତା, ୱାର୍ଡ ସଭ୍ୟା ମେନକା ସାନ୍ତା, ସ୍କୁଲ ପରିଚାଳନା କମିଟି ସଭାପତି ଇସ୍କମ ସାନ୍ତା, ଏସଏମସି ସଭ୍ୟ ନାଥ ସାନ୍ତା, ଅମ୍ବଗୁଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ସାବେରୀ ନଦୀରୁ ନରକଙ୍କାଳ ଉଦ୍ଧାର

## ଦେଢ଼ମାସ ତଳେ ନିଖୋଜ ମହିଳାଙ୍କ ହୋଇଥିବା ସନ୍ଦେହ



ବୈପାରିଗୁଡା,୧୭।୩(ସମିସ): ବୈପାରୀଗୁଡା ବ୍ଲକ ବାଦୁଡ଼ି ପାହାଡ଼ରେ ମାଛ ଧରିବାକୁ ଯାଇ ଦଣ୍ଡାବାଡ଼ିର ଗୋଟିଏ ପରିବାରର ଚାରି ସଦସ୍ୟ ନିଖୋଜ ଘଟଣାରେ କିଛି ଦିନ ପୂର୍ବେ ୨ ଜଣଙ୍କ ଶବ ଉଦ୍ଧାର ହୋଇଥିଲା। ଏବେ ଉକ୍ତ ଘଟଣାର ଦେଢ଼ ମାସ ପରେ ଆଜି କୋଲାବ ସାବେରୀ ନଦୀରୁ ଏକ ନର କଙ୍କାଳ ଉଦ୍ଧାର ହୋଇଛି। ଖବର ପାଇ ବୈପାରିଗୁଡା ଥାନା ଓଆଇସି ଡମ୍ବୁରୁଧର ବାତ୍ରିଆଙ୍କ ନେତୃତ୍ୱରେ କୋରାପୁଟ ଓଡ୍ରାଫ୍ ଟିମ୍ ଏବଂ ସାଇଣ୍ଟିଫିକ ଟିମ୍ ବାଦୁଡି ପାହାଡ଼ର ସାବେରୀ ନଦୀରେ ପହଞ୍ଚି କଙ୍କାଳ ଜବତ କରିଛନ୍ତି। କଙ୍କାଳକୁ ଡିଏନଏ ପରୀକ୍ଷା ପାଇଁ ଲେବକୁ ପଠାଯାଇଛି ବୋଲି ସୂଚନା ମିଳିଛି। ଏହି କଙ୍କାଳ ସ୍ଥାନୀୟ ଲୋକେ ଏବଂ ପୋଲିସ ନିଖୋଜ ପରିବାର ସଦସ୍ୟଙ୍କ ହୋଇଥିବା ଅନୁମାନ କରୁଛନ୍ତି। ସୂଚନା ଥାଉକି, ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଦଣ୍ଡାବାଡ଼ି ଗ୍ରାମର ଲଳିତ ପୂଜାରୀ ଏବଂ ତାଙ୍କ ଗର୍ଭବତୀ ପତ୍ନୀ ଗୁରୀ ପୂଜାରୀଙ୍କ ସହ ଦୁଇ ନାବାଳିକା ଝିଅ ତୁଳାବତୀ ଏବଂ ଗେଲିଙ୍କ ସହ ମାଛ ଧରିବା ପାଇଁ ଗୁପ୍ତେଶ୍ୱରର ବାଦୁଡି ପାହାଡ଼ ଦେଇ ବୋହି ଯାଉଥିବା ସାବେରୀ ନଦୀକୁ ଫେବୃୟାରୀ ୧ ତାରିଖ ଦିନ ଯାଇଥିଲେ। ହେଲେ ସେମାନେ ଘରକୁ ନ ଫେରିବାରୁ ପନ୍ଦର ଦିନ ପରେ ବୈପାରିଗୁଡା ଥାନାରେ ଲିଖିତ ଏତଲା ଦିଆଯାଇଥିଲା। ଏତଲା ପରେ ବୈପାରିଗୁଡା ପୁଲିସ ଏବଂ ଓଡ୍ରାଫ୍ ଟିମ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ସାବେରୀ ନଦୀରେ ଖୋଜାଖୋଜି କରିବା ସମୟରେ ଗତ ୧୮ ତାରିଖ ଅପରାହ୍ନରେ ବାପା ଲଳିତ ପୂଜାରୀ ଏବଂ ସାନ ଝିଅ ଗେଲି ପୂଜାରୀଙ୍କ ମୃତଦେହ ସାବେରୀ ନଦୀ କୂଳରୁ ଉଦ୍ଧାର କରିଥିଲେ। କିନ୍ତୁ ଗର୍ଭବତୀ ମାଁ ଏବଂ ବଡ଼ ଝିଅ ତୁଳାବତୀ ନିଖୋଜ ଥିଲେ। ଆଜି ବୈପାରିଗୁଡା ପୁଲିସ ଏବଂ କୋରାପୁଟ ଓଡ୍ରାଫ୍ ଟିମ୍ ସାବେରୀ ନଦୀରୁ ୪୭ ଦିନ ପରେ ହାଡ଼ କଙ୍କାଳ ଭାସୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ। ଉକ୍ତ ହାଡ଼ କଙ୍କାଳଟି ଗର୍ଭବତୀ ମହିଳା ଗୁରୀ ପୂଜାରୀଙ୍କ ହୋଇଥାଇ ପାରେ ବୋଲି ସନ୍ଦେହ କରାଯାଉଥିବା ବୈପାରିଗୁଡା ଥାନା ଓଆଇସି ଡମ୍ବୁରୁଧର ବାତ୍ରିଆ ପ୍ରକାଶ କରିଥିଲେ। ଡିଏନଏ ପରୀକ୍ଷା ପରେ ଏହା ସ୍ପଷ୍ଟ ଜଣାପଡ଼ିବ ବୋଲି ପୁଲିସ କହିଛି।

# ପୂର୍ତ୍ତବିଭାଗ କାର୍ଯ୍ୟାଳୟ ଘେରିଲା କଂଗ୍ରେସ




କୋରାପୁଟ,୧୭।୩(ସମିସ): କୋରାପୁଟ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟକୁ ନଗର କଂଗ୍ରେସ କମିଟି ପକ୍ଷରୁ ଘେରଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କୋରାପୁଟ ପୂର୍ତ୍ତ ଡିଭିଜନ ଦ୍ୱାରା କରାଯାଉଥିବା ଅନେକ କାମ ଗୁଡିକ ଅତି ନିମ୍ନମାନର ଏବଂ ବିଭାଗରେ ହେଉଥିବା ବିଭିନ୍ନ କାମରେ ବ୍ୟପକ ଅନୀୟମିତତା, ସାଙ୍ଗକୁ କୋଟି କୋଟି ଟଙ୍କାର ଦୁର୍ନୀତି ଏବଂ ବିନା ଟେଣ୍ଡରରେ କାର୍ଯ୍ୟାଦେଶ ପ୍ରଦାନ, କିଛି ହାତଗଣତି ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ତାଙ୍କୁ କାମ ଦେଖାଇ ତାଙ୍କ ସହ କାମରେ ଭାଗିଦାରୀ ହେବା, ମିଥ୍ୟା ବିଲ କରି ଟଙ୍କା ହଡ଼ପ କରିବା, କିଛି ବାହାର ଜିଲ୍ଲାର ଠିକାଦାର ମାନଙ୍କୁ ଡାକି ଅଫିସ ଭିତରେ ରହିବା ବ୍ୟବସ୍ଥା କରି ବିନା ଟେଣ୍ଡର ରେ କୋଟି କୋଟି ଟଙ୍କାର କାମ ପ୍ରଦାନ କରିବା ଭଳି ଅନେକ ଅଭିଯୋଗ ଆଣି ଆଜି ଶହଶହ ବେକାର ଯୁବକମାନେ ନଗର କଂଗ୍ରେସ ସଭାପତି ଜୟନ୍ତ କୋଟିମଙ୍କ ଆହ୍ୱାନରେ ଏବଂ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ନେତୃତ୍ୱରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ। ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, କୃଷ୍ଣ କୁଲଦୀପ, ନଗର କଂଗ୍ରେସ ସଭାପତି ଜୟନ୍ତ କୋଟିମ, ଜିଲ୍ଲା ଅନୁସୂଚିତ ଜାତି ସେଲ ଅଧକ୍ଷ ରମେଶ ଖରା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ମନୋଜ ହିଆଲ, କୋରାପୁଟ ବ୍ଲକ କଂଗ୍ରେସ ସଭାପତି ମିହିର କୁଲଦୀପ, ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟ ସରପଞ୍ଚ, କାଉନସିଲରଙ୍କ ସମେତ ଶତାଧିକ ଯୁବ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ସ୍କୁଟି ଡିକିରୁ ଅଳଙ୍କାର ଚୋରି



ରାୟଗଡ଼ା,୧୭।୩(ସମିସ): ରାୟଗଡା ସହରର ନିୟୁ କଲୋନୀ ଅଞ୍ଚଳରେ ଥିବା ହୋଟେଲ ସ୍ୱାଗତ ସମ୍ମୁଖରେ ଥିବା ଜଣେ ସୁନା ବ୍ୟବସାୟୀଙ୍କ ସ୍କୁଟି ଡିକିରୁ ୧୧୦ ଗ୍ରାମ ଓଜନର ସୁନା ଅଳଙ୍କାର ଚୋରି ହୋଇଛି। ଆଜି ମଧ୍ୟାହ୍ନରେ ସୁନା ବ୍ୟବସାୟୀ ସନ୍ତୋଷ ମହାପାତ୍ର ନିଜ ସ୍କୁଟି ହୋଟେଲ ପରିସରରେ ରଖି ଭୋଜନ କରିବାକୁ ଯାଇଥିଲେ। ଏହି ସମୟ ମଧ୍ୟରେ ତାଙ୍କ ସ୍କୁଟି ଡିକି ଭାଙ୍ଗି ପ୍ରାୟ ୧୧୦ ଗ୍ରାମ ଓଜନର ସୁନା ଅଳଙ୍କାରକୁ ୨ ଜଣ ଦୁର୍ବୃତ୍ତ ଚୋରି କରିନେଇଥିବା ହୋଟେଲ ସିସିଟିଭି ଫୁଟେଜ ଦୃଶ୍ୟରୁ ଜଣାପଡିଛି। ହୋଟେଲରୁ ଖାଇ ସାରି ବାହାରିବା ପରେ ତାଙ୍କ ସ୍କୁଟି ଡିକି ଭଙ୍ଗା ଯାଇଥିବା ବେଳେ ସେଥିରେ ସୁନା ଅଳଙ୍କାର ନ ଥିବା ଦେଖିବା ପରେ ଏନେଇ ସେ ରାୟଗଡ଼ା ଥାନାରେ ଅଭିଯୋଗ କରିଥିଲେ। ସ୍କୁଟି ଡିକିରେ ଥିବା ସୁନା ଅଳଙ୍କାର ମୂଲ୍ୟ ପ୍ରାୟ ୧୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ବ୍ୟବସାୟୀ ଶ୍ରୀ ମହାପାତ୍ର କହିଛନ୍ତି। ରାୟଗଡା ଥାନା ଅତିରିକ୍ତ ଥାନା ଆରକ୍ଷୀ ନିରୀକ୍ଷକ ଅଜିତ ପରିଡା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହୋଟେଲ ବାହାରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରି ଅଭିଯୁକ୍ତ ଦୁହିଁଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଆରମ୍ଭ କରିଛି ପୋଲିସ। ବ୍ୟବସାୟୀ ସନ୍ତୋଷ ମହାପାତ୍ରଙ୍କ ଘର ରାୟଗଡା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଥେରୁବାଲିରେ ହୋଇଥିବା ବେଳେ ସେ ରାୟଗଡା ସହରରେ ଥିବା ସୁନା ଦୋକାନୀଙ୍କ ଠାରୁ ବକେୟାରେ ସୁନା ଆଣି ଗାଁ ଠାରେ ବିକ୍ରି କରିଥାନ୍ତି। ଆଜି ମଧ ମେନ୍ ରୋଡ୍ ସ୍ଥିତ ଏକ ଦୋକାନରେ ସୁନା କିଣିବା ପରେ ତାହା ନେଇ ଥେରୁବାଲି ଯାଉଥିଲେ। ରାୟଗଡା ସହରରେ ବୃଦ୍ଧି ପାଉଥିବା ଚୋରିକୁ ରୋକିବାକୁ ଏସପି ସ୍ୱାତି ଏସ କୁମାର ପୋଲିସ ପେଟ୍ରୋଲିଙ୍ଗ ଉପରେ ଜୋର ଦେଉଥିବା ବେଳେ ଏହାକୁ ଆହୁରି କଡାକଡି କରିବା ପାଇଁ ସାଧାରଣରେ ଦାବି ହେଉଛି। ଆଜିର ଚୋରି ମାମଲା ସମ୍ପର୍କରେ ଏସଡିପିଓ ଗୌରହରି ସାହୁଙ୍କୁ ପଚାରିବାରୁ ଅଭିଯୋଗ ହସ୍ତଗତ ହେବା ପରେ ପୁଲିସ ତଦନ୍ତ କରୁଛି। ଦୁଇଟି ଟିମ୍ ତନାଘନା ଚଳାଇଛନ୍ତି ଏବଂ ଯଥାଶୀଘ୍ର ଦୁର୍ବୃତ୍ତଙ୍କୁ ଧରାଯିବ ବୋଲି କହିଛନ୍ତି।

# ସାପ କାମୁଡ଼ାରେ ଜଣେ ମୃତ

ଉମରକୋଟ,୧୭।୩(ସମିସ): ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ମୃତ ଯୁବକ ଜଣକ ହେଲେ ଉମରକୋଟ ପୌର ପରିଷଦ ଟିକିରା ସାହି ର ମନୋଜ ଗୌଡ(୨୫)। ମିଳିଥିବା ସୂଚନା ଅନୁଯାୟୀ, ମନୋଜ ଫାର୍ମ ପୋଖରୀ ନିକଟରେ ଥିବା ଧାନ ଜମିରେ ଘାସ କାଟିବାକୁ ଯାଇଥିଲେ। ଘାସ କାଟୁଥିବା ସମୟରେ ଏକ ବିଷଧର ସାପ ବାମ ହାତକୁ କାମୁଡ଼ି ଦେଇଥିଲା। ଘରକୁ ଫେରିଆସି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ଏକ ଅଟୋ ଯୋଗେ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମନୋଜକୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଥିଲେ।

# ଦେବଶଣ୍ଢେଗୁଡ଼ା ବ୍ରିଜ୍ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ



ନନ୍ଦପୁର,୧୭।୩(ସମିସ): ଦେବଶଣ୍ଢ ଗୁଡା ବାସକି ନଦୀ ଉପରେ ପ୍ରସ୍ତାବିତ ବ୍ରିଜ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ବିଭାଗୀୟ ଯନ୍ତ୍ରୀ ଜୟନ୍ତ କୁମାର ମିଶ୍ର କ୍ଷେତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚିତ ଯେ, ଦୀର୍ଘ ଦିନ ଧରି ଏହି ପୋଲ ନିର୍ମାଣ ଲାଗି ଦାବି ହୋଇଆସୁଥିବା ବେଳେ ଜିଲ୍ଲପାଳ ନନ୍ଦପୁର ଗସ୍ତ ସମୟରେ ଏହାର ଆବଶ୍ୟକତା ନିଜେ ହୃଦୟଙ୍ଗମ କରି ପୋଲ ନିର୍ମାଣ ଲାଗି ଅନୁମୋଦନ କରିଥିଲେ। ପରିଦର୍ଶନ ସମୟରେ ଯନ୍ତ୍ରୀମାନେ ନଦୀର ପ୍ରବାହ, ଭୂ-ସଂରଚନା ଓ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳର ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରିଥିଲେ। ପୋଲ ନିର୍ମାଣ ପାଇଁ ଆବଶ୍ୟକ ବୈଷୟିକ ସ୍ଥିତି ଓ ଆନୁମାନିକ ଖର୍ଚ୍ଚ ସମ୍ପର୍କରେ ପ୍ରାରମ୍ଭିକ ଆଲୋଚନା ମଧ ହୋଇଥିବା ସୂଚନା ମିଳିଛି। ବର୍ଷା ଋତୁରେ ଦେବଶଣ୍ଢ ଗୁଡାର ବାସିନ୍ଦାମାନଙ୍କ ଲାଗି ନଦୀ ପାର ହେବା ଅତ୍ୟନ୍ତ କଷ୍ଟସାଧ୍ୟ, ଯାତାୟାତ ବ୍ୟବସ୍ଥା ପୂରାପୂରି ବିପଦ ଜନକ ହୋଇପଡ଼େ। ହେଲେ ପୋଲ ନିର୍ମାଣ ପରେ ଦେବଶଣ୍ଢ ଗୁଡା ତଥା ଆଖପାଖ ଗ୍ରାମମାନଙ୍କର ଯାତାୟାତ ସୁବିଧା ସୁନିଶ୍ଚିତ ହେବାସହ ଆର୍ଥିକ ଓ ସାମାଜିକ ଉନ୍ନତି ହେବ ବୋଲି ଆଶା ବ୍ୟକ୍ତ କରାଯାଉଛି। ଯନ୍ତ୍ରୀ ଯଥାଶୀଘ୍ର ପରିଦର୍ଶନ ରିପୋର୍ଟ ଆଧାରରେ ଡିପିଆର ପ୍ରସ୍ତୁତ କରି ଅନୁମୋଦନ ନିମନ୍ତେ ପ୍ରସ୍ତାବ ପଠାଯିବ ବୋଲି କହିଛନ୍ତି। ସମସ୍ତ ପ୍ରକ୍ରିୟା ସମ୍ପନ୍ନ ହେଲେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏହି ପରିଦର୍ଶନ ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ବ୍ରିଜ୍ ନିର୍ମାଣ ନେଇ ନୂତନ ଆଶାର ଲହରୀ ସୃଷ୍ଟି ହୋଇଛି।

## ସ୍ଥିତି ଅନୁଧ୍ୟାନ କଲେ ଯନ୍ତ୍ରୀ

# ଦେଶୀ ମଦ ଜବତ; ୨ ମହିଳା ଗିରଫ



ପୋଡ଼ାଗଡ,୧୭।୩(ସମିସ): କୋରାପୁଟ ଅବକାରୀ ବିଭାଗ ସୁପରିଟେଣ୍ଡ ଅରୁଣ କୁମାର ପାଢ଼ିଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ଦଶମନ୍ତପୁର ବ୍ଲକ ଅଞ୍ଚଳରେ ମିଳିତ ଚଢ଼ଉ କରିଛନ୍ତି। ଲକ୍ଷ୍ମୀପୁର ଅବକାରୀ ଥାନା ଅଧିକାରୀ କୁଶ ଜାଲ ଦେଇଥିବା ସୂଚନା ମୁତାବକ, ଆଜି ଦିନ ୩ଟା ସମୟରେ ଲାସିବେଡା ଓ କୁମ୍ଭାର ଲୁଲା ଗ୍ରାମରେ ଚଢଉ କରି ପ୍ରାୟ ୧୫ ଲିଟର ଦେଶୀ ମଦ ଜବତ କରିବା ସହ ଦୁଇ ଜଣ ମହିଳାଙ୍କୁ ଗିରଫ କରିଥିବା ସୂଚନା ଦେଇଛନ୍ତି। ଗିରଫ ମହିଳାଙ୍କ ମଧ୍ୟରେ ଜଣେ ଲଦିବେଢା ଗ୍ରାମର ପୁଷ୍ପାଞ୍ଜଳି ଗରଡ଼ା ହୋଇଥିବା ବେଳେ ଅନ୍ୟ ଜଣେ କୁମ୍ଭାରଲୁଲା ଗ୍ରାମର ବୋଲି ଜଣାପଡ଼ିଛି। ଉଭୟ ମହିଳାଙ୍କ ନାମରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉ କୋରାପୁଟ ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁ, ଲକ୍ଷ୍ମୀପୁର ଅବକାରୀ ଥାନା ସବ୍-ଇନ୍ସପେକ୍ଟର କମଳା ମହାକୁଡ଼, ଶ୍ରୁତି ରଞ୍ଜନ ବିଶ୍ୱାଳ, ଉଷା ରାଣୀ ଭତ୍ରା, ମେଘନାଥ ଶବର, ସାଇକତ ଆଲି ପ୍ରମୁଖ ଉପସ୍ଥିତ ଥିଲେ।

# କୁଂଜବାଡି ଗାଁ ରାସ୍ତା ନିମ୍ନମାନର ଅଭିଯୋଗ

ରାୟଗଡ଼ା,୧୭।୩(ସମିସ): ରାୟଗଡ଼ା ଜିଲ୍ଲାସଦର ବ୍ଲକ କୁଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଂଜବାଡି ଗାଁକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ କାର୍ଯ୍ୟ ନିମ୍ନମାନ ଥିବା ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ଅଭିଯୋଗ ଆଣିଛନ୍ତି ରାୟଗଡ଼ା ଠିକାଦାର ସଂଘ। ରାୟଗଡ଼ା ସାର୍କିଲ ଗ୍ରାମ୍ୟ ନିର୍ମାଣ ବିଭାଜନ ଅନ୍ତର୍ଗତ ଉକ୍ତ କାମର ଟେଣ୍ଡର ପାଇ ଏହି କାମ କଳାହାଣ୍ଡି ଜିଲ୍ଲାର ଜଣେ କଣ୍ଟ୍ରାକ୍ଟର କରୁଥିବା ବେଳେ କାମ ଅତି ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ତଥା କାମରମାନ ଯାଞ୍ଚ ହେଉ ନ ଥିବାରୁ ନିର୍ମାଣ କାର୍ଯ୍ୟ ଏଭଳି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ରାସ୍ତା କାମ ଚାଲୁଥିବା ସମସୟରେ ନିର୍ଦ୍ଧାରିତ ମାନକୁ ଅନୁସରଣ କରାଯାଉ ନ ଥିବା ବେଳେ ରାସ୍ତା ଉପରେ ଯେତିକି ଏମଏମ ତଥା ଇଞ୍ଚ ଲେଖାଏଁ ପିଚୁଗୋଡି ପଡିବା କଥା ତାହା ପଡୁ ନ ଥିବାରୁ ନୂଆ ରାସ୍ତା ଅତିଶୀଘ୍ର ନଷ୍ଟ ହେବାର ଆଶଙ୍କା ଥିବା ଗ୍ରାମବାସୀ ଓ ଠିକାଦାର ସଂଘ ପକ୍ଷରୁ କୁହାଯାଇଛି। ପିଚୁ ରାସ୍ତା କାମ ଏତେ ନିମ୍ନମାନର କରାଯାଉଛି ଯେ,ହାତ ମାରିଦେଲେ ପିଚୁ ଉଠି ଯାଉଛି। ଫଳରେ କିଛି ଦିନ ମଧ୍ୟରେ ରାସ୍ତାରୁ ସଂପୂର୍ଣ୍ଣ ପିଚୁ ଉଠିଯିବ ଏବଂ ଉକ୍ତ ଅଞ୍ଚଳବାସୀ ପୁଣି ଯାତାୟାତ ସମସ୍ୟାରେ ପଡିବେ। ଆଜି ରାୟଗଡ଼ା ଠିକାଦର ସଂଘର ବହୁ



ସଦସ୍ୟ ତଥା ସ୍ଥାନୀୟ ଠିକାଦାରମାନେ କାମ ନିମ୍ନମାନର ହେଉଥିବା ଖବର ପାଇ କୁଂଜବାଡି ଗ୍ରାମକୁ ଯାଇ କାମର ମାନ ଯାଞ୍ଚ କରିଥିଲେ। ନିମ୍ନମାନର କାମ କରାଯାଇଥିବା ଦେଖିବାକୁ ପାଇବା ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହ ଲୋକଙ୍କ ପାଇଁ କରାଯାଉଥିବା କାମର ମାନ ଠିକ୍ ସେ କରିବା ପାଇଁ ସଂପୃକ୍ତ ଠିକାଦାରଙ୍କୁ ତାଗିଦ କରିବା ସହ କଡା ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏନେଇ ବିଭାଗୀୟ ଏସଡିଓ ଦିଲ୍ଲୀପ ରାଉତରାଏଙ୍କୁ ପଚାରିବାରୁ ଅଭିଯୋଗକୁ ଭିତ୍ତି କରି ତଦନ୍ତ କରାଯିବ ବୋଲି କହିଛନ୍ତି। ସୂଚନାପ୍ରକାରେ, ରାୟଗଡ଼ାସଦର ବ୍ଲକର ୭ଟି ରାସ୍ତା ନିର୍ମାଣ କାମ ସଂପୃକ୍ତ ଏ କ୍ଲାସ ଠିକାଦାର ଟେଣ୍ଡର ପାଇଥିବା ବେଳେ ଏଥିରେ ବଡକୋଶାପାଡୁ, ହାଡିଆ, କୋଡେଶୁ ରାସ୍ତା ପାଇଁ ୩୧୩.୧୪ଲକ୍ଷ ଏବଂ କୁଂଜବାଡି, ଲୁମ୍ବେସି ଠାରୁ ଖିଲିମିସିଗୁଡା, ବନ୍ଦେଲି,ଉତକାପାଡୁ ଗ୍ରାମ ରାସ୍ତା ନିର୍ମାଣ ପାଇଁ ୩୨୦.୮୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଥିବା ଜଣାପଡିଛି।

# ଉତ୍କଳ ଦିବସ ପାଳନ ପାଇଁ ପ୍ରସ୍ତୁତି



ନବରଙ୍ଗପୁର,୧୭।୩(ସମିସ): ନବରଙ୍ଗପୁର ସହର ଉପକଣ୍ଠରେ ଥିବା ହୋଟେଲ ତୃପ୍ତି ସମ୍ମିଳନୀ କକ୍ଷରେ ଉତ୍କଳ ପରିଷଦ ପକ୍ଷରୁ ପରିଷଦର ସଭାପତି ବିଜୟ ଚୌଧୁରୀଙ୍କ ସଭାପତିତ୍ୱରେ ଉତ୍କଳ ଦିବସ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ଉତ୍କଳ ଦିବସ ଦିନ ସଦର ମହକୁମାସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଉକ୍ତ ଦିନ ବନ୍ଦେ ଉତ୍କଳ ଗାନ ସମେତ ସମସ୍ତ ସଭ୍ୟ ଏବଂ ନିମନ୍ତ୍ରିତ ଅତିଥିଗଣ ପାରମ୍ପରିକ ବସ୍ତ୍ର ପରିଧାନ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ସ୍ୱାଧୀନ ଭାରତରେ ଉତ୍କଳ ପ୍ରଦେଶର ଭୂମିକା ଉପରେ ଆଧାରିତ ଏକ କବିତା ପାଠ ଉତ୍ସବ ପାଳନ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଉତ୍କଳ ଦିବସ କାର୍ଯ୍ୟକ୍ରମର ଅତିଥି ଭାବରେ ସ୍ଥାନୀୟ ବିଧାୟକ ଗୌରୀଶଙ୍କର ମାଝୀ ସମେତ ଜିଲାର ମାନ୍ୟଗଣ ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରିବା ନିମନ୍ତେ ଏକ କମିଟି ଗଠନ କରାଗଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ପରିଷଦର ଉପଦେଷ୍ଟା ତଥା ନବରଙ୍ଗପୁର ଜିଲ୍ଲା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର, ଉପସଭାପତି ଜଗଦୀଶ ତ୍ରିପାଠୀ ଏବଂ ପ୍ରଭାସିନୀ ମହାନ୍ତି, ସମ୍ପାଦକ ତପନ ବିଷୋୟୀ, ସଂଗଠନିକ ସମ୍ପାଦକ ଅଖିଳ ଭଟ୍ଟ, ସହ ସମ୍ପାଦକ ମନୋଜ କୁମାର ପଟନାୟକ, ଗୋପାଳ ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କର୍ଚ୍ଚାମାଳ ଓ ବଡଆମ୍ବଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୋଷାଗୁମୁଡ଼ା,୧୭।୩(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ୍‌ର କର୍ଚ୍ଚାମାଳ ପଞ୍ଚାୟତର କର୍ଚ୍ଚାମାଳ ଆଶ୍ରମ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭେଙ୍କଟେଶ୍ୱର ହାଲବାଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ସମନାଥ ପୂଜାରୀ ଥିବାବେଳେ ବରେଣ୍ୟ ଅତିଥି ଭାବରେ ବରିଷ୍ଠ ସମାଜସେବୀ କୁଞ୍ଜବିହାରୀ ଦାସ ଓ କୋଷାଗୁମୁଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝୀ ଥିଲେ। ସେପରି ମୁଖ୍ୟବକ୍ତା ଭାବରେ ଡିଡବ୍ଲୁଓ ପାଲକା ରବୀନ୍ଦ୍ର ଥିବାବେଳେ ସମ୍ମାନୀତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଉମାଦେବୀ ନାୟକ, ଏଡିଡବ୍ଲୁଓ ଭରତ ସାହୁ ଓ ନିବେଦିତା ବିଶ୍ୱାଳ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ରଞ୍ଜନ ମହାନନ୍ଦ ଉପସ୍ଥିତ ଥିଲେ। ଆବାହକ କର୍ଚ୍ଚାମାଳ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭେଙ୍କେଟଶ୍ୱର ହାଲବା ଥିବାବେଳେ ମଞ୍ଚପରିଚାଳନା ଅଜୁ ରାଜ୍ ସାମଲ କରିଥିଲେ। ସେପରି ବଡ଼ ଆମ୍ବଡା ଆଶ୍ରମ ବିଦ୍ୟାଳୟଠାରେ ମଧ୍ୟ ବାର୍ଷିକ ଉତ୍ସବ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆବାହକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋମଳ ନାୟକ ଥିବାବେଳେ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପରିସ୍ଥ ସମସ୍ତ ବରଣ୍ୟ, ସମ୍ମାନିତ, ସ୍ୱତନ୍ତ୍ର ଅତିଥିମାନେ ଉପସ୍ଥିତ ଥିଲେ। ଏହି ଦୁଇ ସରକାରୀ ଆଶ୍ରମ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଅଭିଭାବକ, ଗ୍ରାମର ଭଦ୍ରମଣ୍ଡଳୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କେବଳ ପାଠ ନୁହେଁ ପାଠ ସହ କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ନିଜକୁ ପ୍ରସ୍ତୁତ କରି ଆଗକୁ ବଢିବା ପାଇଁ ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝୀ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରିଶେଷରେ ଛାତ୍ରଛାତ୍ରୀଙ୍କର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

କୋରାପୁଟ,୧୭।୩(ସମିସ):




ସ୍ଥାନୀୟ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ମନୋଜ ସତ୍ୟଵାନ ମହାଜନଙ୍କ ଅଧ୍ୟକ୍ଷତାରେ ଆଗାମୀ ଏପ୍ରିଲ ଓ ମେ ମାସରେ କାଳବୈଶାଖୀ ଓ ପ୍ରବଳ ଗ୍ରୀଷ୍ମ ପ୍ରବାହର ଆଶଙ୍କାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଗାଇଡ୍‌ଲାଇନ୍ ଅନୁଯାୟୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟ ରଖିବା ପ୍ରଶାସନର ପ୍ରାଥମିକତା ରହିଛି। ଭାରୀଯାନ ଗୁଡ଼ିକରେ ଡ୍ରାଇଭରଙ୍କ ସୁରକ୍ଷା ପାଇଁ କୁଲିଂ ବ୍ୟବସ୍ଥା ସହ ଜଣେ ସହଯୋଗୀ ରହିବା ବାଧ୍ୟତାମୂଳକ କରାଯାଇଛି। ସ୍କୁଲରେ ପିଲାଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସତର୍କତା ଅବଲମ୍ବନ କରିବା ସହ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳୁଆ ସ୍କୁଲ ପାଇଁ ଆଗକୁ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାର ସମସ୍ତ ବ୍ଲକ, ମ୍ୟୁନିସିପାଲିଟି ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ପର୍ଯ୍ୟାପ୍ତ ଜଳଛତ୍ର ଓ ବିଶ୍ରାମାଗାର ଖୋଲିବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗକୁ ଓଆରଏସ ପ୍ୟାକେଟ ଓ ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା ସହ ହସ୍ପିଟାଲ ଗୁଡ଼ିକରେ ଏସି ଓ କୁଲର ସୁବିଧା ଥିବା ସ୍ୱତନ୍ତ୍ର କକ୍ଷ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଜଙ୍ଗଲରେ ନିଆଁ ରୋକିବା ପାଇଁ ବନ ବିଭାଗକୁ ସତର୍କ ରହିବାକୁ କୁହାଯାଇଛି। ଜିଲ୍ଲା, ବ୍ଲକ ଓ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ସମସ୍ତ ହେଲ୍ପଲାଇନ ନମ୍ବରକୁ ସାର୍ବଜନୀନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାର ସମସ୍ତ ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା କରାଯିବ, ଅଚଳ ନଳକୂପ, ସୌର ଚାଳିତ ନଳକୂପ ଗୁଡିକ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜିଲ୍ଲା ଗ୍ରାମୀୟ ଜଳଯୋଗାଣ ସଂସ୍ଥା ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଖରାପ ନଳକୂଅ ତୁରନ୍ତ ମରାମତି କରିବାକୁ କୁହାଯାଇଛି। ସେହିପରି ମଧ୍ୟାହ୍ନ ସମୟରେ ବାହାରେ ବୁଲିବା ବେଳେ ପାଣି ବୋତଲ, ଛତା, ଟୋପି ତଥା ଓଦା କପଡା ଆଦି ମୁଣ୍ଡରେ ପକାଇ ଯାତାୟାତ କରିବା ଏବଂ ଏନେଇ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବାକୁ ମଧ୍ୟ ବିଭିନ୍ନ ବ୍ୟବସ୍ଥା ପାଇଁ ଆଲୋଚନା ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପଞ୍ଚାୟତ ଜନପ୍ରତିନିଧିଙ୍କୁ ନେଇ ଜନସଚେତନତା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ହୁଏ ତେବେ ତୁରନ୍ତ ବିବରଣୀ ପ୍ରଦାନ କରିବାକୁ ମଧ୍ୟ ତହସିଲଦାର, ବିଡ଼ିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ ଓ ନରେଶ ଶବର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜରୁରୀକାଳୀନ ଅଧିକାରୀ ସୌଂଜିତା ମାଝୀଙ୍କ ସମେତ ଜିଲ୍ଲାର ସମସ୍ତ ବିଡ଼ିଓ, ତହସିଲଦାର ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଗୁଣପୁର,୧୭।୩(ସମିସ): ରାୟଗଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ରାୟଗଡ଼ା ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଗୁଣପୁର ସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୁଣୁପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ୍ ଜମାଦାରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଭାରପ୍ରାପ୍ତ ଜିଲ୍ଲା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଝିଲ୍ଲୀ ଶବର, ଉପାଧ୍ୟକ୍ଷ ସୁଦର୍ଶନ ଶବର, ସମସ୍ତ ସରପଞ୍ଚ, ସମିତି ସଭ୍ୟସଭ୍ୟା, ସମସ୍ତ କର୍ମଚାରୀ ବୃନ୍ଦ ଶିବିରରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୨୦ ଜଣ ଭିନ୍ନକ୍ଷମଙ୍କ ପଞ୍ଜୀକରଣ କରାଯିବା ସହ ୨ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆଶା ବାଡି, ଜଣଙ୍କୁ ଚକ ଲଗା ଚୌକି, ୯ ଜଣଙ୍କୁ ବସ ପାସ ପ୍ରଦାନ କରାଯାଇଥିଲା। ଏତଦବ୍ୟତୀତ ୩ ଜଣଙ୍କ ଡି.ଆର.ଆଇ. ଋଣ ଫର୍ମ, ୨୦ ଜଣଙ୍କ ବର୍ଦ୍ଧିତ ଭତ୍ତା ଫର୍ମ ସଂଗ୍ରହ କରାଯାଇଛି। ଯାହା ଆଗାମୀ ଦିନରେ ଅନୁମୋଦନ କରାଯାଇ ପ୍ରଦାନ କରିବାର ବ୍ୟବସ୍ଥା କରାଯିବ। ଉକ୍ତ ଶିବିରରେ ୧୨ ଜଣ ଭିନ୍ନକ୍ଷମଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ, ୩୦ ଜଣଙ୍କୁ ଭେଷଜ ବିଶେଷଜ୍ଞ, ୫୮ ଜଣଙ୍କୁ ଅସ୍ଥିଶଲ୍ୟ ବିଶେଷଜ୍ଞ, ୨୦ ଜଣଙ୍କୁ ନାସା କର୍ଣ୍ଣ ଗଳା ବିଶେଷଜ୍ଞ ଦ୍ୱାରା ପରୀକ୍ଷା କରାଯାଇ ଆଗାମୀ ଦିନରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସୁଶ୍ରୀ ସ୍ମୃତିପ୍ରଭା ପାତ୍ର, କନିଷ୍ଠ ସହାୟକ ଆଶୁତୋଷ ହୋତା ପରିଚାଳନା କରିଥିବା ବେଳେ ଅନ୍ୟାନ୍ୟ ବ୍ଲକ, ଗ୍ରାମ ପଞ୍ଚାୟତ ଓ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ଶିରାଗୁଡ଼ାରେ ଦୀପ ଯଜ୍ଞ

ଜୟପୁର,୧୭।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ଶିରାଗୁଡ଼ା ଗ୍ରାମର ତ୍ରିନାଥ ମନ୍ଦିର ନିକଟରେ ଗତକାଲି ସଂଧ୍ୟାରେ ଦୀପ ଯଜ୍ଞ ଆୟୋଜିତ ହୋଇଥିଲା। ପ୍ରାୟ ୨୫୧ ଗ୍ରାମରୁ ୧୦୦୮ ଦମ୍ପତିଙ୍କୁ ନେଇ ୨୦ ଏକର ଜମିରେ ଭୂମି ପୂଜନ କରି ଯଜ୍ଞ ଓ ସଂସ୍କାରର ଆୟୋଜନ କରିବା ସହିତ ଆଗାମୀ ଦିନରେ ଶ୍ରୀରାମ ନବମୀ କାର୍ଯ୍ୟକ୍ରମକୁ ଆୟୋଜନ କରିବାକୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ସ୍ଥାନୀୟ ଗ୍ରାମବାସୀଙ୍କୁ ନେଇ ଶ୍ରୀରାମ ସେନା ଗଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମର ପରିଚାଳନା ଜିଲ୍ଲା ଗାୟତ୍ରୀ ପରିବାର ମୁଖ୍ୟ ଟ୍ରଷ୍ଟି ରତ୍ନମ୍ବରା ପାତ୍ର, ସପ୍ତ ଶୁତ୍ରୀ କାର୍ଯ୍ୟକ୍ରମ ପ୍ରମୁଖ ନିରଞ୍ଜନ ପାଣିଗ୍ରାହି, କୋରାପୁଟ ଜିଲ୍ଲା ବ୍ଲକ୍ ସମନ୍ୱୟ ସଂଯୋଜକ ଗଙ୍ଗାଧର ପାଣିଗ୍ରାହି, ରଶ୍ମିତା ସିଅ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ପ୍ରାନ୍ତ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତ ସନାତନି ବନ୍ଧୁ, ଜନ ଜାତିଙ୍କୁ ସଂଗଠିତ ହୋଇ ରହିବା ନିମନ୍ତେ ଶ୍ରୀ ରାମ ଯୁବ ସେନା ଓ ମାଆ ଭଗବତୀ ସ୍ୱାଧ୍ୟାୟ ମଣ୍ଡଳ ଗଠନ କରାଯାଇଥିଲା। ସେହିପରି ସିଆଡିମାଳ ଗ୍ରାମରେ ଦୀପ ମହାଯଜ୍ଞ ଆୟୋଜିତ ହୋଇଥିଲା। ଏହାର ପରିଚାଳନା ମମତା ମିଶ୍ର, ସତ୍ୟନାରାୟଣ ପାତ୍ର ପ୍ରମୁଖ କରିଥିଲେ।



## ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ

# ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ସାଜିଛି ଦଦରା କୋଠା



ତେନ୍ତୁଳିଖୁଣ୍ଟି ୧୭।୩(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଅଧାଭଙ୍ଗା କୋଠା ବିପଦ ପୂର୍ଣ୍ଣ ଭାବରେ ରହିଛି। ଏହି କୋଠାକୁ ଭାଙ୍ଗିବା ପାଇଁ ୫-ଟି କାର୍ଯ୍ୟ ଜାରି ରହିଥିବା ସମୟରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସରକାର ପରିବର୍ତ୍ତନ ପରେ ବିଦ୍ୟାଳୟ ଯେଉଁ ସ୍ଥିତିରେ ଥିଲା ସେମିତି ଭାବରେ ରହିଲା। ବର୍ତ୍ତମାନ ଏହି ଦଦରା କୋଠା ବେଳେ ଏହି ଦରଭଙ୍ଗା କୋଠା ପ୍ରତି ଦୃଷ୍ଟି ନ ପଡିବାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି କୋଠା ନିକଟରେ ଉଚ୍ଚ ପ୍ରାଥମିକ

### ଭାଙ୍ଗିବାକୁ କହି ଭୁଲିଗଲା ପ୍ରଶାସନ

ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ବ୍ଲକ୍ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ ଅଧିକାରୀମାନେ ବିଦ୍ୟାଳୟ ପରିଦର୍ଶନରେ ଆସୁଥିବା ବିଦ୍ୟାଳୟ ରହିଥିବା ବେଳେ ଛୋଟଛୋଟ ପିଲା ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। କିଛି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସୁବ୍ୟବସ୍ଥା କରିବା ପାଇଁ ଦାବି ହେଉଛି।


# ବରିଷ୍ଠ ନାଗରିକଙ୍କ ପୁରୀ ଯାତ୍ରା



ବୈପାରୀଗୁଡା,୧୭।୩(ସମିସ): ବୈପାରୀଗୁଡା ବ୍ଲକ୍ କାର୍ଯ୍ୟାଳୟ ପରିସରରୁ ବରିଷ୍ଠ ନାଗରିକଙ୍କୁ ନେଇ ପୁରୀ ଅଭିମୁଖେ ବାହାରିଲା ବସ। ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ମାଧ୍ୟମରେ ବ୍ଲକ ବରିଷ୍ଠ ନାଗରିକମାନେ ପୁରୀକୁ ଜଗନ୍ନାଥ ଦର୍ଶନ ପାଇଁ ବାହାରିଛନ୍ତି। ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ମୋଟ ତିରିଶି ଜଣ ବୟୋଜ୍ୟୋଷ୍ଠ ନାଗରିକଙ୍କୁ ବସ ଯୋଗେ ପୁରୀ ପଠାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟଦର୍ଶନ ଓ ଦିବ୍ୟଅନୁଭୂତି ନେବାରୁ ବଞ୍ଚିତ ଥିବା ବରିଷ୍ଠ ନାଗରିକ, ଆର୍ଥିକ ଦୁର୍ବଳ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ବ୍ଲକ ପ୍ରଶାସନ ତରଫରୁ ଚୟନ କରାଯାଇଥିଲା। ସେମାନଙ୍କୁ ଆଜି ପୁରୀ ଶ୍ରୀମନ୍ଦିରକୁ ନିଶୁଳ୍କ ଯାତ୍ରା ସୁବିଧା ଯୋଗାଇ ଦିଆଯାଉଛି। ଏହି ଯୋଜନା ୬୦ ରୁ ୭୫ ବୟସ ମଧ୍ୟରେ ଆର୍ଥିକ ଦୁର୍ବଳ ଶ୍ରେଣୀର ବରିଷ୍ଠ ନାଗରିକ ଏବଂ ୭୫ ବୟସ ମଧ୍ୟରେ ସମସ୍ତ ବିଧବାମାନଙ୍କୁ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରିବାର ଦୀର୍ଘକାଳୀନ ସ୍ୱପ୍ନ ପୂରଣ କରିବାରେ ସାହାଯ୍ୟ କରିବ ବୋଲି ବରିଷ୍ଠ ନାଗରିକମାନେ ମତ ରଖିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ତୁମେ ଅନ୍ତତଃ ଦୈନିକ ଥରେ ତୁମ ନିଜ ସହିତ କଥା ହେବାକୁ ଚେଷ୍ଟା କର, ଅନ୍ୟଥା ବିଶ୍ୱର ଜଣେ ବୁଦ୍ଧିମାନ ବ୍ୟକ୍ତିଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ହରାଇବ।
-ବିବେକାନନ୍ଦ

## ଗୁଜବର ଲାଭାର୍ଥୀ

ଉପଭୋକ୍ତା ସାମଗ୍ରୀର ଉତ୍ପାଦନ/ଯୋଗାଣ ସହିତ ଜଡ଼ିତ କୌଣସି ସ୍ଥିତି କିମ୍ବା ଗୁଜବ କିଭଳି ବିକ୍ରୟ ବା ପ୍ରତିପକ୍ଷ କ୍ଷେତ୍ରକୁ ଲାଭାନ୍ୱିତ କରେ ଏବଂ ଉପଭୋକ୍ତା ହିଁ ଅଧିକରୁ ଅଧିକ ଶୋଷିତ ହୁଅନ୍ତି ତାହାର ଆଉ ଏକ ଉଦାହରଣ ଭାରତରେ ଦେଖିବାକୁ ମିଳିଛି। ମଧ୍ୟପ୍ରାଚ୍ୟ ବା ପଶ୍ଚିମ-ଏସିଆରେ ଯୁଦ୍ଧ ଯୁଦ୍ଧ ପରିସ୍ଥିତି ଓ ଅନିର୍ଦ୍ଦିଷ୍ଟ ଅସ୍ଥିରତା ଯୋଗୁଁ ସ୍ୱାଭାବିକ ଇନ୍ଧନ ଯୋଗାଣ ବିଶ୍ୱବ୍ୟାପୀ ଯେ ବ୍ୟାହତ ହୋଇଛି, ଏହା ଅସ୍ୱୀକାର କରିହେବ ନାହିଁ। କିନ୍ତୁ ଭାରତରେ ଇନ୍ଧନ ସ୍ଥିତି ଯେ ସଙ୍କଟଜନକ ବା ଉଦ୍‌ବେଗଜନକ ସ୍ତରରେ ପହଞ୍ଚିସାରିଛି ତାହା ଏ ପର୍ଯ୍ୟନ୍ତ ସରକାରୀ ଭାବେ ସ୍ପଷ୍ଟ କରାଯାଇନାହିଁ। ଅଥଚ ଅନୌପଚାରିକ ଅନୁମାନ ଆଧାରରେ ଖୁବ୍‌ଶୀଘ୍ର ଭାରତ ଇନ୍ଧନଶୂନ୍ୟ ହେବାକୁ ଯାଉଛି ବୋଲି ଗୁଜବ ଟିଏ ସୃଷ୍ଟି ହୋଇଛି। ଏହି ଗୁଜବ ଆଉ କେଉଁ କ୍ଷେତ୍ରକୁ ପ୍ରଭାବିତ କରୁ ବା ନ କରୁ ସହସା ରୋଷେଇ ଘରେ ପ୍ରତିଫଳିତ ହୋଇ ଶବ୍ଦଠାରୁ ମଧ୍ୟ ଅଧିକ ବେଗରେ କାନରୁ କାନ ଡେଇଁବାରେ ଲାଗିଛି ଯେ ଆଗକୁ ଆଉ ଚୁଲି ଜଳିବ ନାହିଁ କି ରୋଷେଇ ହୋଇପାରିବ ନାହିଁ। ବିଶେଷକରି କର୍ମକ୍ଷମ ସହରୀ ବାସିନ୍ଦାଙ୍କ ଉପରେ ଏହି ଗୁଜବର ପ୍ରଭାବ ଅଧିକ ପଡ଼ିଥିବାରୁ ଏଲପିଜି ସିଲିଣ୍ଡରମାନ କିଣି ପକାଇ ସେମାନେ ଠୁଳ କରିବାରେ ଲାଗିଛନ୍ତି ଏବଂ ସାଧାରଣ ଦୁଇଚକିଆ ଗାଡ଼ିଚାଳକଙ୍କ ବି ବିପୁଳ ପରିମାଣର ପେଟ୍ରୋଲ/ଡିଜେଲ୍ କିଣି ଘରେ ମହଜୁଦ କରୁଥିବା ଦେଖାଯାଉଛି।

କେବଳ ଆମ ରାଜ୍ୟ କଥା ଦେଖାଯାଉ। ଗୁଜବରେ ମାତ୍ରାଧିକ ବିଶ୍ୱାସ କରୁଥିବା ଗୃହିଣୀମାନେ ରୋକ୍‌ଠୋକ୍ ଶୁଣାଇ ସାରିଲେଣି ଯେ ଯେତିକି ଗ୍ୟାସ୍ ରହିଛି ତାହା କେବଳ ଜରୁରୀକାଳୀନ ବ୍ୟବହାର ପାଇଁ ସଂରକ୍ଷିତ ରଖାଯିବ। ଏଣିକି ଅଧିକରୁ ଅଧିକ ବାହାର ବା ହୋଟେଲ୍ ଖାଦ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ। ଏହାର ଫାଇଦା ନେଇ ଏବେ କେତେକ ହୋଟେଲ୍ ଓ ଖାଦ୍ୟ ପ୍ରସ୍ତୁତକାରୀମାନେ ଦାମ୍ ବଢ଼ାଇସାରିଲେଣି। ସେମାନଙ୍କ ଯୁକ୍ତି ଯେ ଏବେ ପୂର୍ବାପେକ୍ଷା ଖାଦ୍ୟ ଚାହିଦା ବଢ଼ିଥିବା ବେଳେ ତଦନୁଯାୟୀ ଗ୍ୟାସ୍ ବ୍ୟବହାର ମଧ୍ୟ ବଢ଼ିଛି। ଅପରପକ୍ଷରେ ଏଲପିଜି ଯୋଗାଣ ଫକ୍ଲୁଟିତ ହୋଇଥିବାରୁ ଅଧିକ ଦାମ ଦେଇ କିଣିବାକୁ ପଡ଼ୁଛି। ତେଣୁ ବ୍ୟୟଭାର ଖାଉଟି ମୁଣ୍ଡାଇବାକୁ ବାଧ୍ୟ। ଏହି ଗୁଜବରୁ ଗ୍ୟାସ୍ ଯୋଗାଣକାରୀ ସଂସ୍ଥାମାନେ ମଧ୍ୟ ମାଲେମାଲ୍ ହୋଇସାରିଲେଣି। ଉତ୍ପାଦନ ଓ ପରିବହନ ଖର୍ଚ୍ଚ ସମାନ ଥାଇ ବିକ୍ରିୟ ଦର ବଢ଼ିଲେ ଦୈନିକ ଯେତିକି ଲାଭ ହେଉଛି ତାହା ପୂର୍ବସମୟର ପ୍ରାୟ ମାସକର ଲାଭ ସହିତ ସମାନ। ଏଲପିଜି ଯୋଗାଣକାରୀ ସଂସ୍ଥାଙ୍କ ଯୁକ୍ତି ଅନୁଯାୟୀ ଚାହିଦା ବଢ଼ିଥିବାରୁ ଅର୍ଥନୀତିର ମୌଳିକ ନିୟମ ଅନୁଯାୟୀ ଦାମ୍ ବଢ଼ିବା ସ୍ୱାଭାବିକ। ପୂର୍ବରୁ ଦେଶରେ ଦୈନିକ ୫୫.୭ ଲକ୍ଷ ଏଲପିଜି ଗ୍ୟାସ ସିଲିଣ୍ଡର ବୁକିଂ ହେଉଥିବା ବେଳେ ଖାଉଟିଙ୍କ ଅତିସକ୍ରିୟତା ବା ଓଭରସ୍ମାର୍ଟ ଚରିତ୍ର ଯୋଗୁଁ ତାହା ହଠାତ୍ ଦୈନିକ ୮୮.୮ ଲକ୍ଷକୁ ବୃଦ୍ଧି ପାଇଛି। ଏହାର ଉପରାନ୍ତ ଲାଭ ଉଠାଉଛନ୍ତି ଗ୍ୟାସ୍ କମ୍ପାନୀମାନେ ଏବଂ ଅର୍ଥନୈତିକ ତତ୍ତ୍ୱର ଦାହି ଦେଇ ନିର୍ଦ୍ଦହରେ କଳାବଜାରୀ ସର୍ବସମ୍ମୁଖରେ ଚାଲିଛି। ଅଥଚ ସରକାର ଏଥିପ୍ରତି ଆଖିବୁଜି ଦେଇଛନ୍ତି।

ଖାଉଟି ଅତିକ୍ରିୟାର ଆଉ ଏକ ରୋଚକ ଉଦାହରଣ ଦେଖାଯାଉ। ସମ୍ଭାବ୍ୟ ଏଲପିଜି ଗ୍ୟାସର ଉତ୍କଟ ମରୁଡ଼ି ଯୋଗୁଁ ଗ୍ୟାସ୍ ଚୁଲା ପରିବର୍ତ୍ତେ ବିକଳ୍ପ ହୋଇଥିବାରୁ ପ୍ରଜ୍ଞାବାନ କରି ଉପଭୋକ୍ତାମାନେ ଇଣ୍ଡକ୍ସନ୍ କୁକର କିଣିବା ପାଇଁ ରୀତିମତ ପ୍ରତିଯୋଗିତା ଆରମ୍ଭ କରିଛନ୍ତି। ଫଳରେ ପୂର୍ବରୁ ମାସକୁ ଯେତିକି ଇଣ୍ଡକ୍ସନ୍ କୁକର ବିକ୍ରି ହେଉଥିଲା ଏବେ ଦୈନିକ ବିକ୍ରି ପରିମାଣ ତାହାର ୪ଶହ ଗୁଣା ଟପିଯାଇଛି। ଅନ୍‌ଲାଇନ୍ ବିକ୍ରେତାମାନଙ୍କ ହିସାବ ଅନୁଯାୟୀ ମଧ୍ୟପ୍ରାଚ୍ୟ ଯୁଦ୍ଧ ପୂର୍ବରୁ ମାସକୁ ଅତିବେଶୀରେ ୨ ହଜାର ପର୍ଯ୍ୟନ୍ତ ବିକ୍ରି ହେଉଥିବା ଇଣ୍ଡକ୍ସନ୍ କୁକରର ବିକ୍ରି ପରିମାଣ ଇନ୍ଧନ ଗୁଜବ ପରେ ଦୈନିକ ୨ ଲକ୍ଷ ଟପିଛି। ଏଥିସହିତ ରାଇସ୍ କୁକର, ଇ-ପ୍ରେସର କୁକର, ଇ-କ୍ୟାଟିଲ୍ ଆଦି ଆନୁଷଙ୍ଗିକ ଉପକରଣ ବିକ୍ରି ମଧ୍ୟ ତଦନୁପାତରେ ବଢ଼ିବାରେ ଲାଗିଛି। ଏଥିରୁ ସମ୍ପୃକ୍ତ ସଂସ୍ଥାମାନଙ୍କର ଲାଭ ପରିମାଣ ଏବଂ ସେ ବାବଦରୁ ସରକାରଙ୍କ ଟିକସ ସଂଗ୍ରହ ପରିମାଣ କେତେ ହୋଇଥିବ ତାହା ଅନୁମେୟ। ଏହି ଗୁଜବ ଏବେ ଇଭି ବା ଇଲେକ୍ଟ୍ରୋନିକ୍ ଭେହିକିଲ ବିକ୍ରି କ୍ଷେତ୍ରକୁ ବ୍ୟାପିବାରେ ଲାଗିଛି। ତେଣୁ ପ୍ରୋତ୍ସାହନ ଘୋଷଣା ସତ୍ତ୍ୱେ ଯେଉଁ ଲକ୍ଷ୍ୟକୁ ସରକାର ପୂରଣ କରିପାରୁ ନଥିଲେ ତାହାକୁ 'ଗୁଜବ' ସହଜ କରିଦେଇଛି। ଏଥିରୁ ସମ୍ପୃକ୍ତ କମ୍ପାନୀମାନେ ଯେଉଁ ଫାଇଦା ପାଉଛନ୍ତି ସେଥିରେ ସରକାରୀ ଦଳ ଯେ ଲାଭାନ୍ୱିତ ହେଉ ନଥିବ ସେ ନିଶ୍ଚିତତା କିଏ କରିବ? ତେଣୁ ବୋଧହୁଏ ସରକାର ନିଷ୍କ୍ରିୟ। ଗୁଜବକୁ ଦୃଢ଼ ଖଣ୍ଡନ ନ କରିବା ଅର୍ଥ ନୀରବ ସମର୍ଥନ ସହିତ ସମାନ।

ସାମଗ୍ରିକ ଭାବେ ଏହି ପରିସ୍ଥିତି ପାଇଁ ଉପଭୋକ୍ତାମାନଙ୍କର ଅତିକ୍ରିୟା ହିଁ ଦାୟୀ। ଖାଉଟିମାନଙ୍କ ଏହି ସ୍ୱଳ୍ପମିଆଦୀ ଅତିଚାଲାକି ବା ଅତିଦୂରଦୃଷ୍ଟିକ୍ରିୟା(ଓଭରସ୍ମାର୍ଟ) ମାନସିକତା ଅର୍ଥନୀତିକୁ ମଧ୍ୟମିଆଦୀ କାଳରେ ବିପର୍ଯ୍ୟସ୍ତ କରିଦିଏ, ଯାହା ପ୍ରାକୃତିକ ବିପର୍ଯ୍ୟୟଜନିତ ଭିତ୍ତିଭୂମି ବିପର୍ଯ୍ୟୟଠାରୁ ଆହୁରି ଅଧିକ। କେତେଜଣ ପାଶ୍ଚାତ୍ୟ ଅର୍ଥନୀତିଜ୍ଞ ଏ ସମ୍ପର୍କରେ କରିଥିବା ଏକ ଅନୌପଚାରିକ ଗବେଷଣାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ଉପଭୋକ୍ତାଙ୍କ ଏଭଳି ଅତିକ୍ରିୟା ବା ମାତ୍ରାଧିକ ସମ୍ବେଦନଶୀଳତା ଯୋଗୁଁ ଏକ ନିର୍ଦ୍ଦିଷ୍ଟ ସମୟରେ ସ୍ୱାଭାବିକତାଠାରୁ ବିକ୍ରିବଟା ୪୦ ରୁ ୪୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଯାଏ। ସେହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଚାହିଦାର ଅପ୍ରତ୍ୟାଶିତ ବୃଦ୍ଧି ଅନୁପାତରେ ଉତ୍ପାଦନ ଓ ଯୋଗାଣ ପର୍ଯ୍ୟାପ୍ତ ହୋଇପାରୁ ନ ଥିବାରୁ ଖାଉଟି ବଜାରରେ ଦରଦାମ ହଠାତ୍ ବୃଦ୍ଧି ପାଏ। ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ କଳାବଜାରୀ ପରିସ୍ଥିତି ସୃଷ୍ଟି କରନ୍ତି, ଯାହାର ପରାଭବ ସବୁଶ୍ରେଣୀର ଉପଭୋକ୍ତାଙ୍କୁ ସହିବାକୁ ପଡ଼େ।

ଖାଉଟିଙ୍କ ଏହି ଭୟାତୁର ଉପଭୋଗ ମାନସିକତା ପାଇଁ ଅନେକେ ଗଣମାଧ୍ୟମକୁ ଦାୟୀ କରୁଛନ୍ତି। ଏଥିପାଇଁ ଗଣମାଧ୍ୟମର କେତେକ ମଞ୍ଚ, ନିର୍ଦ୍ଦିଷ୍ଟ ଟିଭି ଚ୍ୟାନେଲ୍, ବିଶେଷକରି ସାମାଜିକ ଗଣମାଧ୍ୟମର ଦାୟିତ୍ୱହୀନତାକୁ ଅସ୍ୱୀକାର କରାଯାଇପାରିବ ନାହିଁ। କିନ୍ତୁ ଗଣମାଧ୍ୟମର ସମାଜ ପ୍ରତି ଉତ୍ତରଦାୟିତ୍ୱ ହେଲା ସମ୍ଭାବ୍ୟ ପରିସ୍ଥିତି ସମ୍ପର୍କରେ ଜନସମାଜକୁ ସଚେତନ ଓ ସତର୍କ କରିବା। ଅପରପକ୍ଷରେ ସରକାରଙ୍କର କର୍ତ୍ତବ୍ୟ ହେଲା ଗଣମାଧ୍ୟମର ଖବର ଆଧାରରେ ବାସ୍ତବ ସ୍ଥିତି ଆକଳନ କରି ତଦନୁଯାୟୀ ପଦକ୍ଷେପ ନେବା। ଏବେ ବଜାର ଦର ସମ୍ପର୍କରେ ଯେଉଁ ଖବରମାନ ଗଣମାଧ୍ୟମରେ ପ୍ରକାଶ ପାଉଛି ତାହା ଯେ ନିଶ୍ଚିତ ଭାବେ ଅତିରଞ୍ଜିତ ନୁହେଁ, ସରକାର ନିରେଖି ଦେଖିଲେ ଜାଣିପାରିବେ ଏବଂ ଦୃଢ଼ ଇଚ୍ଛାଶକ୍ତି ଓ ଆନ୍ତରିକତା ବଳରେ କଳାବଜାରୀ ଉପରେ ଲଗାମ କଷି ଖାଉଟି ବଜାର ଦରକୁ ନିୟନ୍ତ୍ରଣ କରିପାରିବେ।

# ସନ୍ତୁଳିତ ଅର୍ଥନୈତିକ ଉନ୍ନତିର ମାର୍ଗ

**ଡ. ଉଷାରାଣୀ ଦାଶ**

ମାନବ ସଭ୍ୟତାର ଯାତ୍ରାପଥରେ 'ଉନ୍ନତି' ଶବ୍ଦଟି କେବଳ ଧନ ସମ୍ପଦର ବୃଦ୍ଧି କିମ୍ବା ସହରୀକରଣ ବା ଚାକଚକ୍ୟର ପରିଚୟ ନୁହେଁ; ଏହା ମୂଳତଃ ଏକ ସମାଜର ସମଗ୍ର ସମୃଦ୍ଧି, ସମତା ଓ ମାନବୀୟ ମର୍ଯ୍ୟାଦାର ପ୍ରତିବିମ୍ବ। ଯେତେବେଳେ ଉନ୍ନତିର ଧାରା କେବଳ ସହରର ଚାକଚକ୍ୟ ଭିତରେ ସୀମିତ ରହିଯାଏ ଏବଂ ଗ୍ରାମୀଣ ଜୀବନ ବିକାଶହୀନତାର ଅନ୍ଧଗହ୍ୱରରୁ ବାହାରି ପାରେନାହିଁ, ସେତେବେଳେ ସେହି ଉନ୍ନତି ଅସମ୍ପୂର୍ଣ୍ଣ ଓ ଅସନ୍ତୁଳିତ ବୋଲି ମନେହୁଏ। କେବଳ ଧନ ବୃଦ୍ଧିର ଅର୍ଥ ଉନ୍ନତି ନୁହେଁ; ଲୋକଙ୍କ ଜୀବନ ମାନର ଉନ୍ନତି ହେଉଛି ପ୍ରକୃତ ଉନ୍ନତି। ତେଣୁ ସନ୍ତୁଳିତ ଅର୍ଥନୈତିକ ଉନ୍ନତି ଆଜିର ସମୟରେ ଏକ ଅତ୍ୟନ୍ତ ଆବଶ୍ୟକ ଲକ୍ଷ୍ୟ। ସମାନ ସୁଯୋଗ ଓ ସମାନ ସମ୍ପଦ ବଣ୍ଟନ ହିଁ ସନ୍ତୁଳିତ ଅର୍ଥନୈତିକ ଉନ୍ନତିର ମୂଳମନ୍ତ୍ର।

ଭାରତରେ ପ୍ରକୃତିର ବିବିଧ ରୂପ, ସଂସ୍କୃତିର ବିଭିନ୍ନ ସ୍ୱର ଏବଂ ଅର୍ଥନୀତିର ବିଭିନ୍ନ ଗତିପଥ ଏକାମ୍ ଭାବେ ଅବସ୍ଥିତ। କେଉଁଠି ଶିଳ୍ପୀକରଣର ଦ୍ରୁତ ଗତି, ଆଧୁନିକ ଭିତ୍ତିଭୂମି ଓ ବୈଷୟିକ ପ୍ରଗତି ଆର୍ଥିକ ସମୃଦ୍ଧିର ନୂତନ ଦିଗ ଉଦ୍‌ଘାଟନ କରୁଛି; ଆଉ କେଉଁଠି ଦାରିଦ୍ର୍ୟ, ବେକାରୀ ଓ ବିକାଶହୀନତାର ଛାୟା ଏପର୍ଯ୍ୟନ୍ତ ଜୀବନକୁ କବଳିତ କରି ରଖିଛି। ଓଡ଼ିଶା ପରିପ୍ରେକ୍ଷୀରେ ଏହି ଚିତ୍ର ଅଧିକ ପ୍ରଗାଢ଼ ଭାବେ ପ୍ରକାଶିତ। ପ୍ରାକୃତିକ ସମ୍ପଦରେ ସମୃଦ୍ଧ ଏହି ଭୂମିରେ ଗୋଟିଏ ପଟେ ଶିଳ୍ପ ଓ ପରିକଳ୍ପିତ ସହରୀକରଣ ଦ୍ରୁତ ଗତିରେ ଚାଲିଥିବା ବେଳେ ଅନ୍ୟ ପଟେ ଅନେକ ଗ୍ରାମୀଣ ଓ ପାହାଡ଼ିଆ ଅଞ୍ଚଳ ଏପର୍ଯ୍ୟନ୍ତ ଉନ୍ନତିର ପ୍ରବାହରୁ ବଞ୍ଚିତ ରହିଛି। ଏହି ଅସମାନତା କେବଳ ଅର୍ଥନୈତିକ ବ୍ୟବସ୍ଥାକୁ ନୁହେଁ, ସାମାଜିକ ସନ୍ତୁଳନକୁ ମଧ୍ୟ ବିପର୍ଯ୍ୟସ୍ତ କରୁଛି। ତେଣୁ ଆଜିର ଆବଶ୍ୟକତା ହେଉଛି ଏମିତି ଏକ ଉନ୍ନତି ମଡେଲ୍, ଯାହା ଗ୍ରାମ ଓ ସହର, ଧନୀ ଓ ଗରିବ, ଉନ୍ନତ ଓ ପଛୁଆ ଅଞ୍ଚଳ ମଧ୍ୟରେ ଥିବା ଦୂରତାକୁ କମାଇ ଦେଶକୁ ସମତା ଓ ସମୃଦ୍ଧିର ପଥରେ ଆଗକୁ ନେଇଯିବ।

ସନ୍ତୁଳିତ ଅର୍ଥନୈତିକ ଉନ୍ନତିର ଅର୍ଥ ଦେଶର ସମସ୍ତ ଅଞ୍ଚଳ, ସମସ୍ତ ବର୍ଗ ଓ ସମସ୍ତ କ୍ଷେତ୍ରରେ ସମାନ ଭାବରେ ଉନ୍ନତି ହେବା। ଯେତେବେଳେ ଗ୍ରାମ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଛୋଟ ଶିଳ୍ପ ସବୁ ଅଞ୍ଚଳରେ ସମାନ ଭାବରେ ଉନ୍ନତି କରେ, ସେତେବେଳେ ଦେଶର ସମଗ୍ର ଆର୍ଥିକ ପ୍ରଗତି ସମ୍ଭବ ହୁଏ। ତେଣୁ ସନ୍ତୁଳିତ ଉନ୍ନତି ହେଉଛି ଏମିତି ଏକ ପଥ, ଯେଉଁଠାରେ ପ୍ରଗତି ସହ ସମାନତା ଓ ସାମାଜିକ ନ୍ୟାୟ ହାତ ଧରି ଅଗ୍ରସର ହୁଅନ୍ତି। ସନ୍ତୁଳିତ ଅର୍ଥନୈତିକ ଉନ୍ନତି ହେଉଛି ସମାଜରେ ସମତା ଓ ସମୃଦ୍ଧିର ସେତୁ। ଏହାକୁ ହାସଲ କରିବା ପାଇଁ କୃଷି ଓ ଗ୍ରାମୀଣ ଅର୍ଥନୀତିର ସଶକ୍ତୀକରଣ ସର୍ବାଦୌ ଆବଶ୍ୟକ। ଆଧୁନିକ ଓ ବହୁବିଧ କୃଷି ପ୍ରଣାଳୀ, ଜଳସେଚନ ବ୍ୟବସ୍ଥାର ବିସ୍ତାର, ଉତ୍ତମ ଉତ୍ପାଦନଶୀଳ ବୀଜ, ଯାନ୍ତ୍ରିକ କୃଷି ଓ ଡିଜିଟାଲ ତଥ୍ୟ ବ୍ୟବସ୍ଥାର ପ୍ରଚାର ଓ କୃଷକଙ୍କ ପାଇଁ ଆର୍ଥିକ ସହାୟତା ଯୋଗାଇବା ସହିତ କୃଷକଙ୍କୁ ତାଙ୍କ ଉତ୍ପାଦନ ପାଇଁ ଯଥୋଚିତ ମୂଲ୍ୟ ମିଳିବା ଓ କୃଷି ଉତ୍ପାଦର ସଂରକ୍ଷଣ ଓ ବଜାର ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଆବଶ୍ୟକ। ଧାନ ସହିତ ସବୁଜ ପନିପରିବା, ଫଳ, ମସଲା, ଫୁଲଚାଷକୁ ପ୍ରୋତ୍ସାହନ ଦେବା ସହିତ ମାଛ ଚାଷ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନକୁ ମଧ୍ୟ ଗ୍ରାମୀଣ ଅର୍ଥନୀତିର ମୁଖ୍ୟ ଅଂଶ ଭାବେ ଗଢ଼ି ତୋଳିବା ଉଚିତ।

ଏଥିସହିତ ଗ୍ରାମର ଉନ୍ନତିକୁ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଦେଶର ଅନେକ ଗ୍ରାମ ଏପର୍ଯ୍ୟନ୍ତ ମୂଳ ଭିତ୍ତିଭୂମି ସୁବିଧାରୁ ବଞ୍ଚିତ। ଭଲ ସଡ଼କ, ରେଳପଥ, ବନ୍ଦର, ବିମାନବନ୍ଦର, ପାନୀୟ ଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟ କେନ୍ଦ୍ର ଓ ଇଣ୍ଟରନେଟ ସୁବିଧା ଯଦି ଗ୍ରାମ ଅଞ୍ଚଳରେ ଉପଲବ୍ଧ ହୁଏ, ତେବେ ସେଠାରେ ଆର୍ଥିକ କାର୍ଯ୍ୟକଳାପ ବଢ଼ିବ, ନିବେଶକମାନେ ସହଜରେ ଶିଳ୍ପ ସ୍ଥାପନ କରିପାରିବେ ଏବଂ ଲୋକମାନେ ସହରକୁ ପ୍ରବାସ କରିବାର ଆବଶ୍ୟକତା କମିଯିବ। ଗ୍ରାମର ଉନ୍ନତି ବିନା ଦେଶର ସମଗ୍ର ଉନ୍ନତି ସମ୍ଭବ ନୁହେଁ ହୃଦୟଙ୍ଗମ କରି ମହାତ୍ମାଗାନ୍ଧୀ କହିଥିଲେ, 'ଭାରତର ଆତ୍ମା ତାହାର ଗ୍ରାମମାନଙ୍କ ମଧ୍ୟରେ ରହିଛି।' ବାସ୍ତବିକ ଉନ୍ନତି ଯଦି କେବଳ ସହରରେ ସୀମିତ ରହେ, ତେବେ ଦେଶ ଅବିକଶିତ ହୋଇ ଦୀର୍ଘକାଳ ପର୍ଯ୍ୟନ୍ତ ରହିଯିବ।

ଦେଶର ବଡ଼ ସହରରେ କେନ୍ଦ୍ରୀଭୂତ ନ ହୋଇ ଭିନ୍ନ ଭିନ୍ନ ଅଞ୍ଚଳରେ ବଡ଼ ଶିଳ୍ପ ସହିତ ଛୋଟ ଓ ମଧ୍ୟମ ଶିଳ୍ପଗୁଡ଼ିକ ଗଢ଼ିଉଠିବା ଆବଶ୍ୟକ, ଯାହା ଚାକିରି ସୁଯୋଗ ସୃଷ୍ଟି କରିବା ସହ ଆୟବୃଦ୍ଧିରେ ସହାୟକ ହେବ। ମାନୁଫାକ୍ଚରିଂ, ଟେକ୍ସଟାଇଲ, ଖାଦ୍ୟ ପ୍ରକ୍ରିୟାକରଣ, ରସାୟନ, ଆଇଟି, ନବୀକରଣ ଶକ୍ତି ଓ ଇଲେକ୍ଟ୍ରୋନିକ୍ସ ଭଳି ନୂତନ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ଦରକାର। ଏହାସହିତ ଖଣିଜ ସମ୍ପଦକୁ କେବଳ ରପ୍ତାନୀ ନ କରି ଏହାର ମୂଲ୍ୟ ବୃଦ୍ଧି କରି ରାଜ୍ୟରେ ନିର୍ମାଣ କରାଯିବା ଦରକାର। ମାଛ ଚାଷ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ବିକାଶ ସହିତ ହସ୍ତତନ୍ତ, ହସ୍ତଶିଳ୍ପ, ଡୋକ୍ରା କଳା, ପଥର କାମ, ପଟ୍ଟଚିତ୍ର ଓ ଆପ୍ଲିକ୍ କାମ ଭଳି ଶିଳ୍ପକୁ ଜାତୀୟ ଓ ଅନ୍ତର୍ଜାତୀୟ ବଜାର ସହ ଯୋଡ଼ାଯିବା ଉଚିତ। ଶିକ୍ଷା ଓ ସ୍ୱାସ୍ଥ୍ୟ ମଧ୍ୟ ସନ୍ତୁଳିତ ଅର୍ଥନୈତିକ ଉନ୍ନତିର ମୂଳ ଆଧାର। ଗ୍ରାମ ଓ ପଛୁଆ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାକୁ ଆହୁରି ଶକ୍ତିଶାଳୀ କରିବା ଆବଶ୍ୟକ। ଆଇଟି, ମେକାନିକାଲ, ଇଲେକ୍ଟ୍ରୋନିକ୍ସ, ଡିଜିଟାଲ ଟେକ୍ନୋଲୋଜି ଓ ଷ୍ଟାର୍ଟଅପ୍ ଆଦି ନୂତନ ବୈଷୟିକ ଓ ବୃତ୍ତିମୂଳକ କୌଶଳରେ ପ୍ରଶିକ୍ଷଣ ଦିଆଗଲେ ପ୍ରଶିକ୍ଷାର୍ଥୀ ଆତ୍ମନିର୍ଭରଶୀଳ ହୋଇପାରିବେ। ଗ୍ରାମ ଓ ପଛୁଆ ଅଞ୍ଚଳରେ ବୈଷୟିକ କଲେଜ, ପଲିଟେକ୍‌ନିକ୍ ଭଳି ଶିକ୍ଷା ସଂସ୍ଥା ଓ କୌଶଳ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବା ଆବଶ୍ୟକ।

ଭାରତରେ ଅଞ୍ଚଳୀୟ ବିଷମତା ମଧ୍ୟ ଏକ ବଡ଼ ସମସ୍ୟା। କିଛି ରାଜ୍ୟ ଯଥା ମହାରାଷ୍ଟ୍ର, ଗୁଜୁରାଟ, କର୍ଣ୍ଣାଟକ ଓ ତାମିଲନାଡୁ ଆର୍ଥିକ ଭାବରେ ଅଧିକ ଉନ୍ନତ, ଯେତେବେଳେ କିଛି ରାଜ୍ୟ ଏପର୍ଯ୍ୟନ୍ତ ପଛୁଆ ଅଛନ୍ତି। ସେହିପରି ଓଡ଼ିଶାର କିଛି ଜିଲ୍ଲା ଯଥା କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ ଓ ନବରଙ୍ଗପୁର ଆର୍ଥିକ ଭାବରେ ଅଧିକ ପଛୁଆ। ଏହି ବିଷମତା କମାଇବା ପାଇଁ ଏହି ଅଞ୍ଚଳଗୁଡ଼ିକରେ ଅଧିକ ନିବେଶ, ଶିଳ୍ପ ସ୍ଥାପନ ଓ ଭିତ୍ତିଭୂମି ବିକାଶ ମାଧ୍ୟମରେ ସମାନ ଉନ୍ନତି ସୁନିଶ୍ଚିତ କରିବା ଆବଶ୍ୟକ। ପରିବେଶ ସୁରକ୍ଷା ମଧ୍ୟ ଆର୍ଥିକ ଉନ୍ନତି ସହ ଜଡ଼ିତ। ଖଣିଜ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ବିକାଶ କରିବା ଏବଂ ପୁନର୍ବାସନକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଗଛ ଲଗାଇବା ଓ ପ୍ରାକୃତିକ ସମ୍ପଦର ସଠିକ ବ୍ୟବହାର ମାଧ୍ୟମରେ ସୁସ୍ଥାୟୀ ଓ ପରିବେଶ-ମିତ୍ର ଉନ୍ନତିକୁ ପ୍ରୋତ୍ସାହନ ଦେବା ଆବଶ୍ୟକ। ପର୍ଯ୍ୟଟନ ଶିଳ୍ପର ବିକାଶ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ଏହି କ୍ଷେତ୍ରରେ ଯଥେଷ୍ଟ ପ୍ରଚାର ଓ ଭିତ୍ତିଭୂମି ସୁବିଧାର ଆବଶ୍ୟକତା ରହିଛି, ଯାହାଦ୍ୱାରା ହୋଟେଲ, ପରିବହନ, ପର୍ଯ୍ୟଟନ ସେବା ଓ ସାଂସ୍କୃତିକ ଉତ୍ସବ ମାଧ୍ୟମରେ ଏହି ଅଞ୍ଚଳର ବିକାଶ ହୋଇପାରିବ।

ଡ ବି.ଆର୍. ଆମ୍ବେଦକର କହିଥିଲେ, 'ସମାଜର ଉନ୍ନତିକୁ ମାପିବାର ସର୍ବୋତ୍ତମ ମାନଦଣ୍ଡ ହେଉଛି ତାହାର ଦୁର୍ବଳ ଓ ପଛୁଆ ଲୋକମାନଙ୍କର ଅବସ୍ଥା।' ସମାଜର ଦୁର୍ବଳ ବର୍ଗ ଯଥା ଗରିବ, ମହିଳା, ଅନୁସୂଚିତ ଜାତି ଓ ଜନଜାତି ଓ ପଛୁଆ ବର୍ଗଙ୍କ ଉନ୍ନତି ମଧ୍ୟ ସନ୍ତୁଳିତ ଆର୍ଥିକ ଉନ୍ନତିର ଅଂଶ। ଏହି ବର୍ଗର ଲୋକମାନଙ୍କୁ ଶିକ୍ଷା, ଚାକିରି ଓ ଆର୍ଥିକ ସହାୟତା ପ୍ରଦାନ ସହିତ ସ୍ୱୟଂସହାୟକ ଗୋଷ୍ଠୀ, ମହିଳା ଉଦ୍ୟୋଗିତା ଓ ଗ୍ରାମୀଣ ଉଦ୍ୟୋଗକୁ ପ୍ରୋତ୍ସାହନ ଦେଇ ସେମାନଙ୍କୁ ଆତ୍ମନିର୍ଭର କରାଯାଇପାରିବ। ସନ୍ତୁଳିତ ଅର୍ଥନୈତିକ ଉନ୍ନତି କେବଳ ଏକ ଆର୍ଥିକ ନୀତି ନୁହେଁ; ଏହା ଏକ ସାମାଜିକ ଦାୟିତ୍ୱ ଓ ନୈତିକ ଆବଶ୍ୟକତା। ଯେତେବେଳେ ଉନ୍ନତିର ଫଳ ସମାଜର ସବୁଠୁ ଦୁର୍ବଳ ମଣିଷ ପର୍ଯ୍ୟନ୍ତ ପହଞ୍ଚେ, ସେତେବେଳେ ଦେଶର ପ୍ରକୃତ ପ୍ରଗତି ଘଟେ। ଗ୍ରାମର ଉନ୍ନତି, କୃଷିର ପୁନରୁତ୍ଥାନ, ଶିଳ୍ପର ବିବିଧତା, ଶିକ୍ଷା ଓ ସ୍ୱାସ୍ଥ୍ୟର ସୁଦୃଢ଼ତା, ଭିତ୍ତିଭୂମି ବିକାଶର ସମନ୍ୱୟ ଓ ପରିବେଶ ସୁରକ୍ଷା ଆଦି ସମସ୍ତ ଦିଗରେ ସମନ୍ୱିତ ପ୍ରୟାସ ହେଉଛି ସନ୍ତୁଳିତ ଅର୍ଥନୈତିକ ଉନ୍ନତିର ମୂଳ ଆଧାର। ଯଦି ଏହାକୁ ଦୃଢ଼ ଇଚ୍ଛାଶକ୍ତି, ଦୂରଦର୍ଶୀ ନୀତି ଓ ସାମୂହିକ ସହଯୋଗ ସହିତ ଆଗକୁ ବଢ଼ାଯାଏ, ତେବେ ଉନ୍ନତିର ଏହି ଯାତ୍ରା କେବଳ ଆର୍ଥିକ ସମୃଦ୍ଧିକୁ ନୁହେଁ, ସାମାଜିକ ସମତାକୁ ମଧ୍ୟ ସୁଦୃଢ଼ କରିପାରିବ। ଭାରତରେ ସରକାରୀ ନୀତି, ବେସରକାରୀ ନିବେଶ ଓ ସାଧାରଣ ଲୋକଙ୍କ ସଚେତନତା ମିଳିତ ଭାବରେ କାମ କଲେ ଏହି ଲକ୍ଷ୍ୟ ସାଧନ ହୋଇପାରିବ। ଉନ୍ନତିର ଆଲୋକ ଯେତେବେଳେ ଦେଶର ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ସହର ଓ ପ୍ରତ୍ୟେକ ଜୀବନକୁ ଛୁଇଁଯିବ, ସେତେବେଳେ ଭାରତର ସମୃଦ୍ଧିର ସ୍ୱପ୍ନ ବାସ୍ତବ ରୂପ ନେବ।

ଏମ୍‌ସ, ଭୁବନେଶ୍ୱର, ମୋ: ୯୪୩୮୧୩୩୬୧୨

# ଅଭିନବ ବର୍ଷାଜଳ ପରିଚାଳନା

**ବିଦ୍ୟାଧର ମହାରଣା**

ଯେଉଁସବୁ କୌଶଳ ଅବଲମ୍ବନ କରି ବର୍ଷାଜଳ ସଂରକ୍ଷଣ କରାଯାଏ ତାହା ଅପର୍ଯ୍ୟାପ୍ତ ମନେହୁଏ। ବାସ୍ତବରେ ଗରିବ ଚାଷୀଙ୍କ ହେପାଜତରେ ଥିବା ଅଣଜଳସେଚିତ ଡିପଜମି ଏଥିରୁ ବିଶେଷ ଲାଭ ପାଏନାହିଁ। ସାଧାରଣତଃ ବର୍ଷାଜଳ ସଂରକ୍ଷଣ ପାଇଁ ସ୍ୱସ୍ଥାନ (ଇନସିଟୁ) ଓ ବାହ୍ୟସ୍ଥାନ (ଏକ୍ସ ସିଟୁ) ପ୍ରଣାଳୀ ଅନୁସରଣ କରାଯାଏ, ଯାହାଦ୍ୱାରା ଭୂତଳ ଜଳପତ୍ତନ ବୃଦ୍ଧିପାଏ। ଏହାସତ୍ତ୍ୱେ ଏହା ସର୍ବଦା ମରୁଡ଼ି ମୁକାବିଲା କରିବା ଏବଂ ଦୁଇଟି ଫସଲ ପାଇଁ ଅସମର୍ଥ ପ୍ରମାଣିତ ହେଲାଣି। ଜଳଅମଳ ପ୍ରକଳ୍ପର ଗଚ୍ଛିତ ସାମର୍ଥ୍ୟ, ପୁନଃଭରଣ ସାମର୍ଥ୍ୟ, ବାଷ୍ପୀଭବନ ପରିମାଣ ଓ ଉପମୃତ୍ତିକାରେ ଜଳପ୍ରବାହ ବିଷୟ ବିଚାରକୁ ନନେଇ କେବଳ ବର୍ଷାଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବା ବିଶେଷ ଫଳପ୍ରଦ ହୁଏନାହିଁ। ସୁତରାଂ ବୃଷ୍ଟିପୁଷ୍ଟ ଜମିରେ ବର୍ଷା ଦିନରେ ମାଟିମଧ୍ୟରେ ଅଧିକ ପରିମାଣରେ ବର୍ଷାଜଳ ସଂରକ୍ଷଣ କରି ଦୁଇଟି ଫସଲଚାଷ କରିବା ପାଇଁ ଅନ୍ୟ ଏକ ଫଳପ୍ରଦ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ଅନୁଭୂତ ହେଲା। ଅଧିକ ବ୍ୟୟସାପେକ୍ଷ ଜଳଅମଳ ପ୍ରକଳ୍ପ ଓ ଫାର୍ମ ପୋଖରୀ ନିର୍ମାଣ ଅପେକ୍ଷା ସ୍ୱଳ୍ପ ବ୍ୟୟରେ ଓ ସରଳ ଉପାୟରେ ବର୍ଷାଜଳ ମାଟିମଧ୍ୟରେ ଅଧିକଦିନ ସଞ୍ଚିତ କରି ରଖିବାକୁ କୃଷି ଇଞ୍ଜିନିୟରମାନେ କେତେକ ନୂତନ କୌଶଳ ବାହାର କରି ସଫଳତାର ସହ କ୍ଷେତ୍ରରେ ପ୍ରଦର୍ଶନ କରିଛନ୍ତି।

ଯେତିକି ଜଳ ମାଟିମଧ୍ୟକୁ ପ୍ରବେଶକରେ ତାହା ମାଧ୍ୟାକର୍ଷଣ ଶକ୍ତି ଯୋଗୁଁ ଉପମୃତ୍ତିକା ଦେଇ ଭୂତଳଜଳ ସହ ମିଶେ। ଏହି ଜଳରୁ କିଛି କୈଶିକ ନଳୀ ଦେଇ ଉପରକୁ ଉଠେ ଓ ଉଦ୍ଭିଦକୁ ଉପଲବ୍ଧ ହୁଏ। ଏହି ତଥ୍ୟକୁ ଆଧାର କରି ଏକ ନୂତନ ବୈଜ୍ଞାନିକ କୌଶଳ ବାହାର କରାଯାଇଛି। ଭୂମି ଉପରେ ବର୍ଷା ପାଣି ପଡ଼ିଲେ ସେଥିରୁ ୪୦% ଭୂପୃଷ୍ଠ ଉପରେ ଅପବାହ ହୋଇ ୮% ଭୂତଳ ରାସ୍ତାରେ ବହିଯାଏ। ସେହିପରି ବାଷ୍ପୀଭବନରେ ପ୍ରାୟ ୩୭ ପ୍ରତିଶତ ଏବଂ ପ୍ରାକୃତିକ ଓ ମାନବୀୟ କ୍ରିୟା ହିସାବରେ ମାତ୍ର ୨୩ ପ୍ରତିଶତ ମାଟିରେ ସଞ୍ଚିତ ହୋଇ ଫସଲ ପାଇଁ ବ୍ୟବହୃତ ହୁଏ। ଭୂପୃଷ୍ଠ ପ୍ରବାହ ସେକେଣ୍ଡ ପ୍ରତି ୦.୬ ମିଟର ହେଲା ବେଳେ ଭୂତଳ ଗତି ଘଣ୍ଟାପ୍ରତି ମାତ୍ର ୭୫ ମିଲିମିଟର। ବର୍ଷାପାଣି ବହିଯିବା ଆଗରୁ ଯେତେଦୂର ସମ୍ଭବ ଏହାକୁ ଅଟକାଇବା ଦ୍ୱାରା ମାଟିମଧ୍ୟକୁ ଅଧିକ ଜଳ ଅନ୍ତଃକ୍ଷରଣ ହୋଇ ସଞ୍ଚିତ ହେବ। ଯଦି କୌଣସି ଉପାୟରେ ବର୍ଷାଜଳକୁ ବହିବାକୁ ନଦେଇ ଧୀରେଧୀରେ ମାଟିମଧ୍ୟକୁ ପ୍ରବେଶ କରାଯାଏ ତାହାହେଲେ ଏହା ମୃତ୍ତିକା ମଧ୍ୟରେ ଥିବା ବୃହତ୍ ଓ କ୍ଷୁଦ୍ର ଛିଦ୍ର ମଧ୍ୟରେ ବହୁଦିନ ପର୍ଯ୍ୟନ୍ତ ସଞ୍ଚିତ ହୋଇ ରହିପାରିବ। ସାଧାରଣତଃ ଅପବାହ ବା ରନ୍‌ଅଫ ସମୟ ୩୦ ମିନିଟ୍ ଏବଂ ଏହି ସ୍ୱଳ୍ପ ସମୟ ମଧ୍ୟରେ ଏହାକୁ ଅନ୍ତଃକ୍ଷରଣ ଦ୍ୱାରା ମାଟିମଧ୍ୟକୁ ପ୍ରବେଶ କରିବା ସମ୍ଭବ ନୁହେଁ, କାରଣ ଅନ୍ତଃକ୍ଷରଣ ବେଗ ଘଣ୍ଟାକୁ ମାତ୍ର ୭୫ ମିଲିମିଟର। ଏଣୁ ଗ୍ରାମରେ ୫୦ ପ୍ରତିଶତ ବର୍ଷା ବା ୭୫୦ ମିଲିମିଟର ମାଟି ମଧ୍ୟକୁ ପ୍ରବେଶ କରାଇବା ତେବେ ଅନ୍ୟୂନ ୧୦ ଘଣ୍ଟା ସମୟ ଆବଶ୍ୟକ। କୌଣସି ଯାନ୍ତ୍ରିକ ଉପାୟରେ ଆମେ ଯଦି ବର୍ଷାଜଳ ଅପବାହ ସମୟକୁ ୧୦ ଘଣ୍ଟାକୁ ବୃଦ୍ଧି କରିପାରିବା ତେବେ ୭୫୦ ମିଲିମିଟର ବର୍ଷାଜଳ ଅନ୍ତଃକ୍ଷରିତ ବା ଇନଫିଲଟ୍ରେସନ ହୋଇ ମାଟିର ଛିଦ୍ରଗୁଡ଼ିକରେ ସଞ୍ଚିତ ହୋଇ ରହିପାରିବ। ଅଣୁ ଛିଦ୍ରଗୁଡ଼ିକରେ ଯେଉଁ ଜଳ ରହେ ତାହା ସହଜରେ ବାହାରି ଯାଏନାହିଁ। କେବଳ ଉଦ୍ଭିଦ ଚେର ଏହାକୁ ଗ୍ରହଣ କରିବାରେ ସକ୍ଷମ। ବୃହତ୍ ଛିଦ୍ରରେ ରହିବା ଜଳ ସମାନ୍ତରାଳ ଭାବରେ କିମ୍ବା ମାଧ୍ୟାକର୍ଷଣ ଶକ୍ତି ପ୍ରଭାବରେ ନିମ୍ନକୁ ଗତିକରି ଉପମୃତ୍ତିକାରେ ରହେ। ଏହା ଭୂତଳ ଜଳପତ୍ତନ ବୃଦ୍ଧିକରେ ଯାହାକୁ ପମ୍ପ ସାହାଯ୍ୟରେ ଉତ୍ତୋଳନ କରି ଜଳସେଚନ ପାଇଁ ବ୍ୟବହାର କରାଯାଇଥାଏ। ଯେହେତୁ ଉପମୃତ୍ତିକା ଜଳ ଘଣ୍ଟାକୁ ୭୫ ମିଲିମିଟର ଗତିରେ ପ୍ରବାହ କରେ ଗୋଟିଏ ଗ୍ରାମର ଜଳ ଏକ କିଲୋମିଟର ଦୂରରେ ଥିବା ଅନ୍ୟ ଗ୍ରାମକୁ ଯିବାପାଇଁ ୫-୫୬ ଦିନ ସମୟ ଆବଶ୍ୟକ। ଏତେବେଳକୁ ପୁଣି ବର୍ଷା ଆସି ସାରିଥିବ। ଏଣୁ ଗ୍ରାମରେ ବର୍ଷରେ ଦୁଇଟି ଫସଲ ସୁବିଧାରେ ଅମଳ ହୋଇପାରିବ।

ତାହାହେଲେ ଅସଲ ଚାବିକାଠି ହେଉଛି ବର୍ଷାଜଳ ଅପବାହ ସମୟକୁ ବୃଦ୍ଧି କରିବା। ଉପର ମୁଣ୍ଡରୁ ଯେଉଁ ପାଣି ତଳକୁ ଗଡ଼ି ଆସେ ତାକୁ ପ୍ରଥମରେ ଅଟକାଇବା ପାଇଁ ଏକ ଦୃଢ଼ ମାଟିବନ୍ଧ ଗଡ଼ାଣିର ବିପରୀତ ଦିଗରେ ନିର୍ମାଣ କରାଯାଏ। ଜଳର ପ୍ରବାହ ଗତିକୁ ମନ୍ଥର କରିବା ପାଇଁ କିଆରୀ ଚାରିପାଖରେ ହୁଡ଼ା ଦେଇ କୋଣରେ ଗୋଟିଏ ଶୋଷଣ ଖାଲ ବା ସୋକ୍ ପିଟ୍ ଖୋଳାଯାଏ। ଏହା ଫଳରେ ବର୍ଷାଜଳ ଧୀରେଧୀରେ ବହୁତ ସମୟ କିଆରୀ ମଧ୍ୟରେ ପ୍ରବାହିତ ହେବା ଯୋଗୁଁ ଅଧିକାଂଶ ଜଳ ମାଟି ମଧ୍ୟକୁ ପ୍ରବେଶ କରି ସବୁଛିଦ୍ର ମଧ୍ୟରେ ଓ ଉପ ମୃତ୍ତିକା ମଧ୍ୟରେ ସଂରକ୍ଷିତ ହୋଇ ବହୁଦିନ ରହେ। ଚାଷୀମାନେ ଗ୍ରାମ ମଧ୍ୟରେ ଦିଗ-ପରିବର୍ତ୍ତନ ହୁଡ଼ା ବା ଡାଇଭର୍ସନ ବଣ୍ଡ ଓ ଜମିରେ ହୁଡ଼ା ପକାଇବା ଦ୍ୱାରା ଠିଆପାଣି ବ୍ୟବହାର କରିବା ସହିତ ମାଟି ମଧ୍ୟକୁ ଅନ୍ତଃକ୍ଷରଣ ପରିମାଣ ବୃଦ୍ଧି ହୋଇଥାଏ। ଜମି ଚାରିପାଖରେ ହୁଡ଼ା ନିର୍ମାଣ ସହିତ ଗୋଟିଏ କୋଣରେ ସୋକପିଟ୍ ନିର୍ମାଣ କଲେ ୨୪ ଘଣ୍ଟାର ବର୍ଷାଜଳ କିଆରୀରେ ଠିଆ ହୋଇ ଧୀରେଧୀରେ ମାଟି ମଧ୍ୟକୁ ଅନ୍ତଃକ୍ଷରଣ ହୋଇ ରହିପାରିବ। ଏହି ଜଳ ସିଧାସଳଖ ବାଷ୍ପୀଭୂତ ହେବନାହିଁ। ଏଣୁ ଏହାକୁ ଦୁଇଟି ଫସଲ ପାଇଁ ବ୍ୟବହାର କରିହେବ। ବିଭିନ୍ନ ପରୀକ୍ଷଣରୁ ଜଣାପଡ଼ିଛି ଯେ ଉପରୋକ୍ତ ଉପାୟରେ ଅନ୍ୟୂନ ତିନିବର୍ଷର ବର୍ଷାଜଳ ମାଟିମଧ୍ୟରେ ରହିପାରିବ, ଯାହାକୁ ଆମେ ଫସଲ ପାଇଁ ବ୍ୟବହାର କରିପାରିବା। ଏହା ଅତ୍ୟନ୍ତ ସରଳ ଓ କମ୍ ଖର୍ଚ୍ଚରେ କେତେକ ମାଟିବନ୍ଧ ନିର୍ମାଣ କରି ଆମେ ଗାଁ ପାଣି ଗାଁ ରେ ଓ ଜମି ପାଣି ଜମିରେ ରଖିପରିବା। ଗ୍ରାମରେ ନଦୀ, ନାଳ, ପୋଖରୀ ଓ କୂଅରୁ ଜଳ ମିଳୁଥିଲେ ମଧ୍ୟ ମୂଳ ଉତ୍ସ ହେଉଛି ବର୍ଷା। ଏଣୁ ବର୍ଷା ଜଳ ଯେତେ ଅଧିକ ସଂରକ୍ଷଣ କରାଯିବ ସେତେ ଭଲ ଫସଲ ହେବ। ଏପରି କୌଶଳ ସମ୍ବନ୍ଧୀୟ ପ୍ରଶିକ୍ଷଣ କୃଷକମାନଙ୍କୁ ଦିଆଯିବା ଆବଶ୍ୟକ। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ସହିତ ଏଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟୟ ବରାଦ କରିବା ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଷଡ଼୍‌ଭୁଜ ଗୌରାଙ୍ଗ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ଶ୍ରୀଚୈତନ୍ୟ ଅନୁଗାମୀମାନଙ୍କ ସହ ଶ୍ରୀକ୍ଷେତ୍ର ପାଖାପାଖି ପହଞ୍ଚିବା ପରେ ନୀଳଚକ୍ର ଦର୍ଶନ କରି ତାଙ୍କ ଶରୀରରେ ଅପୂର୍ବ ଦିବ୍ୟ ଶିହରଣ ସୃଷ୍ଟି ହେଲା। ଅଠରନଳା ପାଖରୁ ସେ ଅନ୍ୟମାନଙ୍କୁ ଛାଡ଼ି ଦେଇ ଶ୍ରୀମନ୍ଦିର ଅଭିମୁଖେ ଦୌଡ଼ିଲେ। ସିଂହଦ୍ୱାର ବାଟଦେଇ ମନ୍ଦିରରେ ପ୍ରବେଶ କଲେ ଏବଂ ସାହାଣମେଲା ଚାଲିଥିବାରୁ କଳାହାଟ ଦ୍ୱାର ପାଖରେ ପହଞ୍ଚିଗଲେ। ମହାପ୍ରଭୁଙ୍କ ଶ୍ରୀମୁଖ ଦର୍ଶନ କରିବା ମାତ୍ରେ ସେ ତଲ୍ଲୀନ ହୋଇ ଠାକୁରଙ୍କୁ ଆଲିଙ୍ଗନ କରିବା ଉଦ୍ଦେଶ୍ୟରେ ରତ୍ନବେଦୀ ଆଡ଼କୁ ଲମ୍ଫ ପ୍ରଦାନ କଲେ ଏବଂ ଗର୍ଭଗୃହରେ ଚେତାଶୂନ୍ୟ ହୋଇ ପଡ଼ିଗଲେ। ସେତେବେଳେ ସେଠାରେ ବିଶିଷ୍ଟ ବେଦ ବିଶାରଦ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ଥିଲେ। ସେ ଚେତାଶୂନ୍ୟ ସୌମ୍ୟ ଦର୍ଶନ ଯୁବକ ଶରୀରରେ ଅନେକ ଦୁର୍ଲଭ ଦିବ୍ୟଲକ୍ଷଣ ଦେଖି ତାଙ୍କୁ ଶିଷ୍ୟମାନଙ୍କ ସାହାଯ୍ୟରେ ନିଜ ଘରକୁ ନେଇଗଲେ।

ପଣ୍ଡିତ ବାସୁଦେବ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଥିଲେ ବଙ୍ଗପ୍ରଦେଶର ନଦିୟାର ମୂଳବାସିନ୍ଦା। ବେଦାନ୍ତ ନ୍ୟାୟ ଦର୍ଶନରେ ତାଙ୍କର ପ୍ରଗାଢ଼ ଜ୍ଞାନ ଥିଲା। ଗଜପତି ପ୍ରତାପରୁଦ୍ର ଦେବ ଭଟ୍ଟାଚାର୍ଯ୍ୟଙ୍କ ପାଣ୍ଡିତ୍ୟର ପରିଚୟ ପାଇ ତାଙ୍କୁ ପୁରୀ ନେଇ ଆସିଥିଲେ। ସେ ପୁରୀରେ ଶିକ୍ଷାଦାନ କରିବା ସହିତ ମନ୍ଦିରରେ ଠାକୁରଙ୍କ ପୂଜାର ବୈଦିକ ରୀତି ଆଧାର ତଦାରଖ କରୁଥିଲେ। ନଦିଆରେ ସେ ଶିକ୍ଷାଦାନ କରୁଥିବା ବେଳେ ବାଲ୍ୟାବସ୍ଥାରେ ଚୈତନ୍ୟ ତାଙ୍କର ଛାତ୍ର ଥିଲେ। ଯା' ଭିତରେ ଅନେକ ବର୍ଷ ବିତି ଯାଇଥିବାରୁ କେହି କାହାରିକୁ ପ୍ରଥମ ଦେଖାରେ ଚିହ୍ନି ପାରି ନ ଥିଲେ। ଭଟ୍ଟାଚାର୍ଯ୍ୟଙ୍କ ପାଖରେ ରହୁଥିବା ତାଙ୍କ ଭଉଣୀଙ୍କ ସ୍ୱାମୀ ଗୋପୀନାଥ ମଧ୍ୟ ଥିଲେ ନଦିୟାର ମୂଳ ବାସିନ୍ଦା। ସେ ପୂର୍ବରୁ ବହୁବାର ଚୈତନ୍ୟଙ୍କ କୀର୍ତ୍ତନ ଅନୁଷ୍ଠାନରେ ଯୋଗ ଦେଇଥିବାରୁ ତାଙ୍କୁ ଚିହ୍ନି ପାରିଲେ। ଚୈତନ୍ୟଙ୍କ ଚେତା ଫେରି ପାଇବାର ସୂତ୍ର ତାଙ୍କୁ ଜଣାଥିଲା। ତେଣୁ ସେ ଚୈତନ୍ୟଙ୍କ ଶିଷ୍ୟମାନଙ୍କ ସନ୍ଧାନରେ ବଡ଼ଦାଣ୍ଡକୁ ଦୌଡ଼ିଲେ ଏବଂ ସେଠାରେ ସେମାନଙ୍କୁ ପାଇ ଭଟ୍ଟାଚାର୍ଯ୍ୟଙ୍କ ଘରକୁ ନେଇ ଆସି କୀର୍ତ୍ତନ ଆରମ୍ଭ କରିଦେଲେ। କୀର୍ତ୍ତନ ଶୁଣିବା ପରେ ଚୈତନ୍ୟ ଆଖି ଖୋଲିଲେ। ଭଟ୍ଟାଚାର୍ଯ୍ୟ ତାଙ୍କ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ସେ ତାଙ୍କୁ ଯଥାବତ୍ ପ୍ରଣିପାତ କଲେ। ଚୈତନ୍ୟ ତାଙ୍କୁ ଆଶୀର୍ବାଦ କରି କହିଲେ- କୃଷ୍ଣମତିରସ୍ତୁ।

ବୈଦିକ ଜ୍ଞାନରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିବାରୁ ଭଟ୍ଟାଚାର୍ଯ୍ୟଙ୍କ ମନରେ ବହୁତ ଗର୍ବ ଥିଲା ଏବଂ ତାଙ୍କଠାରୁ ଚୈତନ୍ୟ ବେଦତତ୍ତ୍ୱ ଶିଖିବା ଆବଶ୍ୟକ ବୋଲି କହୁଥିଲେ। ଭଟ୍ଟାଚାର୍ଯ୍ୟଙ୍କ ଏତାଦୃଶ ମନୋଭାବ ଗୋପୀନାଥଙ୍କୁ ବ୍ୟଥିତ କଲା। ସେ ଚୈତନ୍ୟଙ୍କ ପାଖକୁ ଯାଇ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କରି ତାଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ଅନୁରୋଧ କଲେ। କିନ୍ତୁ ସ୍ଥିତପ୍ରଜ୍ଞ ଚୈତନ୍ୟ ଗୋପୀନାଥଙ୍କ ଅନୁରୋଧକୁ ଅଗ୍ରାହ୍ୟ କରି ବରଂ ଭଟ୍ଟାଚାର୍ଯ୍ୟଙ୍କଠାରୁ ଶିକ୍ଷା ଗ୍ରହଣ କରିବାକୁ ରାଜି ହୋଇଗଲେ। ନିଷ୍ପତ୍ତି ଅନୁଯାୟୀ ଭଟ୍ଟାଚାର୍ଯ୍ୟ ପ୍ରତିଦିନ ଅପରାହ୍ଣରେ ମନ୍ଦିର ବେଢ଼ାରେ ଚୈତନ୍ୟଙ୍କୁ ବେଦ ଶିକ୍ଷା ଦେଲେ। ସାତ ଦିନପରେ କେତେ ଶିକ୍ଷା ଗ୍ରହଣ କରିଛନ୍ତି ବୋଲି ଭଟ୍ଟାଚାର୍ଯ୍ୟଙ୍କ ପ୍ରଶ୍ନରେ ଚୈତନ୍ୟ କହିଲେ, 'ବେଦର ଶ୍ଳୋକମାନଙ୍କର ଅର୍ଥ ଏତେ ସହଜ ଯେ ତା'ର ସଠିକ ଉଚ୍ଚାରଣ କଲେ ସଂସ୍କୃତରେ ସାଧାରଣ ଜ୍ଞାନ ଥିବା ଲୋକ ମଧ୍ୟ ବୁଝି ପାରିବ। କିନ୍ତୁ ଆପଣଙ୍କ ଉଚ୍ଚାରଣ ଓ ବ୍ୟାଖ୍ୟା ତ୍ରୁଟିପୂର୍ଣ୍ଣ ଥିବାରୁ ଆପଣ ଯାହା କହୁଛନ୍ତି ସେଥିରୁ ମୁଁ କିଛି ବୁଝିପାରୁନି।' ଭଟ୍ଟାଚାର୍ଯ୍ୟ ଏପରି ଆକ୍ଷେପ ଶୁଣି କ୍ଷୁବ୍ଧ ହେଲେ। ସେ ବେଦ ଆବୃତ୍ତି କରିବା ପାଇଁ ଚୈତନ୍ୟଙ୍କୁ ଆହ୍ୱାନ କଲେ। ଚୈତନ୍ୟ ଆଖି ବନ୍ଦ କରି ବେଦ ଆବୃତ୍ତି କରିବାକୁ ଲାଗିଲେ। ତାଙ୍କ ମୁଖରୁ ବେଦର ନିର୍ଭୁଲ ଆବୃତ୍ତି ଶୁଣି ଭଟ୍ଟାଚାର୍ଯ୍ୟ ମନ୍ତ୍ରମୁଗ୍ଧ ହୋଇଗଲେ ଏବଂ ଆଣ୍ଠୁମାଡ଼ି ପ୍ରାର୍ଥନା କରିବାକୁ ଲାଗିଲେ। ସେ ଆଖି ଖୋଲିବା ବେଳକୁ ଚୈତନ୍ୟଙ୍କ ଯାଗାରେ ଏକ ଷଡ଼୍‌ଭୁଜ ବିଷ୍ଣୁ ବିଗ୍ରହ ବିରାଜମାନ କରିଥିଲେ। ତାଙ୍କର ଦୁଇ ହାତରେ ଧନୁଶର, ଆଉ ଦୁଇ ହାତରେ ମୋହନ ବଂଶୀ ଏବଂ ଆଉ ଦୁଇ ହାତରେ ଦଣ୍ଡ କମଣ୍ଡଳୁ ଶୋଭା ପାଉଥିଲା। ସେ ଥିଲେ ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ର, ନନ୍ଦନନ୍ଦନ ଶ୍ରୀକୃଷ୍ଣ ଓ ସଚ୍ଚୀନନ୍ଦନ ଗୌରାଙ୍ଗଙ୍କର ସମ୍ମିଳିତ ବିଗ୍ରହ। ଏପରି ବିଗ୍ରହ ଦର୍ଶନ କରି ଭଟ୍ଟାଚାର୍ଯ୍ୟ ତନ୍ମୟ ହୋଇ ମୁଦ୍ରିତ ନୟନରେ କିଛିସମୟ ବସି ରହିଲେ। ଆଖି ଖୋଲିବା ବେଳକୁ ଷଡ଼୍‌ଭୁଜ ବିଗ୍ରହ ଅନ୍ତର୍ହିତ ହୋଇ ଯାଇଥିଲେ ଏବଂ ତାଙ୍କ ଯାଗାରେ ଗୌରାଙ୍ଗ ବସି ମନ୍ଦମନ୍ଦ ହସୁଥିଲେ। ଏହାପରେ ଭଟ୍ଟାଚାର୍ଯ୍ୟ ଗୌରାଙ୍ଗଙ୍କୁ ଜଣେ ଅବତାର ପୁରୁଷଭାବେ ଗ୍ରହଣ କଲେ। ଶ୍ରୀମନ୍ଦିର ପରିସରରେ ଦକ୍ଷିଣଦ୍ୱାର ପାଖରେ ଶ୍ରୀଚୈତନ୍ୟ ଯେଉଁ ଯାଗାରେ ଷଡ଼୍‌ଭୁଜ ସ୍ୱରୂପରେ ଦର୍ଶନ ଦେଇଥିଲେ ସେଠାରେ ତାଙ୍କର ଷଡ଼୍‌ଭୁଜ ମୂର୍ତ୍ତି ଆରାଧିତ ହେଉଛନ୍ତି।

ମୋ: ୯୨୦୦୦୮୩୪୩୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ଯଥାଯଥ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ...

## ବିଧାନସଭାରେ...

ଭାଗ ନେଇନଥିଲେ। ଏନେଇ ଗୃହ ବାହାରେ ପ୍ରତିକ୍ରିୟା ରଖି ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଓଡ଼ିଶାର ସ୍ୱାସ୍ଥ୍ୟସେବାର ଯେଉଁ ବିକଳ ଚିତ୍ର ଆସୁଛି ସେନେଇ ସରକାର ସଚେତନ ଅଛନ୍ତି ତ ? ଏସସିବିରେ ନିଆଁ ଲାଗିବା ଏବଂ ଏଥିରେ ରୋଗୀ ପୋଡ଼ି ହୋଇ ମରିବା ଘଟଣା ଏହାର ନଗ୍ନ ଉଦାହରଣ । ଏଥିରେ ସରକାର କଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ? ଘଟଣାରେ ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେବାର କଥା। ଅନ୍ତତପକ୍ଷେ ଓଡ଼ିଶାର ଲୋକଙ୍କୁ ସରକାର ପଦକ୍ଷେପ ନେଲେ ବୋଲି ଏଥିରୁ ବାର୍ତ୍ତା ଯାଆନ୍ତା। ଗୋଟିଏ ପିଅନ ଉପରେ ଏଯାଏଁ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ । ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ଯେତେବେଳେ ସମ୍ ହସ୍ପିଟାଲରେ ନିଆଁ ଲାଗିଥିଲା ସେତେବେଳେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ପ୍ରଦାନ କରିଥିଲେ। ଉକ୍ତ ହସ୍ପିଟାଲର ମାଲିକ ମଧ୍ୟ ବନ୍ଧା ହୋଇଥିଲେ। ଏସସିବି ଅଗ୍ନିକାଣ୍ଡ ଘଟଣାରେ ୧୨ ଜଣ ମରିଗଲେ। ମନ୍ତ୍ରୀ କିନ୍ତୁ ହସୁଛନ୍ତି, ଏଯାଏଁ ଇସ୍ତଫା ଦେଇନାହାନ୍ତି। ତଦନ୍ତ ଉପରେ ଆମର ବିଶ୍ୱାସ ନାହିଁ। ତେଣୁ ତୁରନ୍ତ ମନ୍ତ୍ରୀଙ୍କୁ ବରଖାସ୍ତ କରାଯାଉ ଏବଂ ଏହାପରେ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି।

## ଇସ୍ତଫା ଦିଅନ୍ତୁ...

ମୃତ୍ୟୁର ସାମ୍ନା କରିବାକୁ ପଡ଼ିଲା। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଁ ମୋର ଗଭୀର ସମବେଦନା ଜଣାଉଛି। ପରିବାର ଲୋକେ ଶୋକ ପାଳନ କରୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ 'ତଦନ୍ତ' ଆଳରେ ନିଜକୁ ଲୁଚାଇ ପାରିବ ନାହିଁ। ବିଚାର ବିଭାଗୀୟ ତଦନ୍ତ ସ୍ୱାଗତଯୋଗ୍ୟ, କିନ୍ତୁ ରାଜନୈତିକ ନେତୃତ୍ୱକୁ ଏହି ଦଦନ୍ତ ସେମାନଙ୍କ ଦାୟିତ୍ୱରୁ ମୁକ୍ତ କରିପାରିବ ନାହିଁ। ତେଣୁ ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କ ତୁରନ୍ତ ଇସ୍ତଫା ଦିଅନ୍ତୁ । ସୁରକ୍ଷା ବ୍ୟବସ୍ଥାରେ ଏହି ଭୟଙ୍କର ତ୍ରୁଟି ପାଇଁ ସେ ନୈତିକ ଦାୟିତ୍ୱ ଗ୍ରହଣ କରିବା ଉଚିତ୍। ଏଥିସହିତ ବର୍ତ୍ତମାନ ଘୋଷଣା କରାଯାଇଥିବା ଅନୁକମ୍ପାମୂଳକ ସହାୟତା ଅତି ନଗଣ୍ୟ। ପ୍ରତ୍ୟେକ ମୃତକଙ୍କ ପରିବାର ପାଇଁ ୫୦ ଲକ୍ଷ ଟଙ୍କାର ସହାୟତା ପାଇଁ ବାଚସ୍ପତିଙ୍କ ନିକଟରେ ନବୀନ ଦାବି ରଖିଛନ୍ତି।

## ଟ୍ରମ୍ପଙ୍କୁ...

ଯୁଦ୍ଧଜାହଜ ପଠାଇବାକୁ ମନା କରିବା ସହ ଏହି ମିସନରେ ଯୋଗ ଦେବାର ପ୍ରସ୍ତାବକୁ ପ୍ରତ୍ୟାଖାନ କରିଛନ୍ତି। ସହଯୋଗୀ ଦେଶଗୁଡ଼ିକର ନିରବତା ଓ ପ୍ରତ୍ୟାଖ୍ୟାନରେ ଅସନ୍ତୋଷ ପ୍ରକାଶ କରି ଟ୍ରମ୍ପ ମଙ୍ଗଳବାର କହିଛନ୍ତି ଯେ ଆମକୁ କାହାରି ସାହାଯ୍ୟ ଦରକାର ନାହିଁ। ଆମେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ଓ ଆମେ ପାଖରେ ସବୁଠାରୁ ଶକ୍ତିଶାଳୀ ସେନା ରହିଛି। ଜର୍ମାନୀ, ସ୍ପେନ୍ ଓ ଇଟାଲୀ ଭଳି ଦେଶଗୁଡ଼ିକ ଏହି ଅଭିଯାନରେ ସାମିଲ ହେବାକୁ ମନା କରି ଦେଇଛନ୍ତି। ଜର୍ମାନୀ ଚାନ୍ସଲର ଫ୍ରିଡିରିକ ମେର୍ଜ କହିଛନ୍ତି ଯେ, ଏହି ଯୁଦ୍ଧ ପୂର୍ବରୁ ତାଙ୍କ ସହ କୌଣସି ପରାମର୍ଶ କରାଯାଇ ନଥିଲା ଏବ ଜର୍ମାନୀ ପାଖରେ ଏଥିପାଇଁ ଜାତିସଂଘ କିମ୍ବା ନାଟୋର କୌଣସି ଆବଶ୍ୟକୀୟ ଅନୁମତି ନାହିଁ। ଏଥିରେ କ୍ଷୁବ୍ଧ ଟ୍ରମ୍ପ ଏହିକ୍ରମରେ ବ୍ରିଟେନ ଉପରେ ବିଶେଷ ଭାବେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଯୁଦ୍ଧ ଆରମ୍ଭରେ ବ୍ରିଟେନ ଦୁଇଟି ବିମାନବାହୀ ଜାହାଜ ପଠାଇବାକୁ ମନା କରିଦେଇଥିଲା, କିନ୍ତୁ ଯୁଦ୍ଧ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପରେ ସହାଯ୍ୟ ପାଇଁ ପସ୍ତାବ ଦେଇଥିଲା, ଯାହାକୁ ୱାସିଂଟନ ପ୍ରତ୍ୟାଖ୍ୟାନ କରିଛି। ଟ୍ରମ୍ପ କହିଛନ୍ତି ଯେ ସେ ଏହି ଆହ୍ୱାନ କରିଥିଲେ ମୁଖ୍ୟତଃ ମିତ୍ର ଦେଶଗୁଡ଼ିକ ପ୍ରତିକ୍ରୟା ଦେଖିବା ପାଇଁ। ସହଯୋଗୀ ଦେଶଗୁଡ଼ିକୁ ସହାଯ୍ୟ ମାଗିବା ଏକ ପରୀକ୍ଷା ଥିଲା, ଯେଉଁଥିରୁ ଜଣାପଡ଼ିଲା ଯେ, ଆବଶ୍ୟକ ସମୟରେ କିଏ ଆମେରିକା ସହ ଛିଡ଼ା ହୋଇଛନ୍ତି।

ଉଲ୍ଲେଖଥାଉ କି, ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିଥିଲେ, ଯେଉଁଥିରେ ଇରାନର ସର୍ବୋଚ୍ଚ ନେତା ଆୟୋତୁଲ୍ଲା ଅଲି ଖାମନେଇଙ୍କ ମୃତ୍ୟୁ ଘଟିଥିଲା। ଏହାର ଜବାବରେ ଇରାନ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଯୋଗାଣ ଏହି ମାର୍ଗ ଦେଇ ହୋଇଥାଏ। ଏହି କାରଣରୁ ବିଶ୍ୱ ବଜାରରେ ଆଶୋଧିତ ତୈଳ ଦଳର ବ୍ୟାରଲ ପିଛା ୨୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି।

## ୬ ବିଧାୟକଙ୍କୁ...

ଦଳର ସମ୍ବିଧାନ ଓ ନିୟମ ଅନୁଯାୟୀ ଯଥୋଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ୱତନ୍ତ୍ର ରହିବ ବୋଲି କୁହାଯାଇଛି।

ବିଜେଡି ବିଧାୟକ ଦଳ ବୈଠକରେ ଦଳୀୟ ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଓ ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କ ସପକ୍ଷରେ ଭୋଟ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏହାକୁ ଦଳର ସବୁ ବିଧାୟକ ମାନିବା ପାଇଁ ତିନି ଧାଡ଼ିଆ ହ୍ୱିପ୍ ଜାରି ହୋଇଥିଲା। ମାତ୍ର ଦଳୀୟ ନିର୍ଦ୍ଦେଶକୁ ଭାଙ୍ଗି ସୁବାସିନୀ ଜେନା, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ନବ ମଲ୍ଲିକ ଓ ଚକ୍ରମଣି କହଁର ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ କ୍ରସ ଭୋଟିଂ କରିଥିଲେ । ନବୀନ ନିବାସରେ ୩ ଦିନ ଧରି ଏ ସଂକ୍ରାନ୍ତରେ ନିରନ୍ତର ବୈଠକ ହୋଇଥିଲା। ଚକ୍ରମଣି ଓ ନବଙ୍କ ବ୍ୟତୀତ ଅନ୍ୟ ୪ ଜଣ ବିଧାୟକ ଏହି ବୈଠକରେ ଯୋଗ ଦେଇଥିଲେ । ସୁବାସିନୀ ଦଳର ନିଷ୍ପତ୍ତି ମାନିବେ ବୋଲି ଗଣମାଧ୍ୟମକୁ କହିଥିଲେ, ରମାକାନ୍ତ ଭୋଇ ଲୁଙ୍ଗି ପିନ୍ଧି ଅନ୍ୟ ବିଧାୟକଙ୍କ ସହ ମତଦାନ ପୂର୍ବ ରାତିରେ ଫଟୋ ଉଠାଇଥିଲେ। ଦେବୀରଞ୍ଜନ ଓ ସୌଭିକ ମଧ୍ୟ ଦଳୀୟ ନିଷ୍ପତ୍ତିକୁ ବିରୋଧ କରିବା ପରି କୌଣସି ମତ ମନ୍ତବ୍ୟ ଦେଇ ନ ଥିଲେ । ମାତ୍ର ପରଦିନ ମତଦାନ ବେଳେ ଏହି ୬ ବିଧାୟକ ଦଳ ପିଠିରେ ପଛରୁ ଛୁରୀ ମାରି କ୍ରସ ଭୋଟିଂ କରିଥିଲେ । ଯାହା ଫଳରେ ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କ ପରାଜିତ ହୋଇଥିଲେ ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ବିଜୟ ସୁଗମ ହୋଇଥିଲା । ଯାହାକୁ ନେଇ ସମ୍ପୃକ୍ତ ବିଧାୟକମାନଙ୍କ ବିରୋଧରେ ସେମାନଙ୍କ ନିର୍ବାଚନମଣ୍ଡଳୀରେ ଅସନ୍ତୋଷ ତୀବ୍ର ରୂପେ ନେଇଛି । ସେମାନଙ୍କୁ ଦଳରୁ ବହିଷ୍କାର କରିବା ପାଇଁ ଦାବି ତେଜିଛି ।

ଜାରି ନୋଟିସରେ କୁହାଯାଇଛି ଯେ ବିଜୁ ଜନତା ଦଳ ଟିକେଟରୁ ଆପଣ ବିଧାୟକ ଭାବରେ ନିର୍ବାଚିତ ହୋଇଛନ୍ତି। ତେବେ ଗତ ୧୬ ତାରିଖରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନ ସମୟରେ ଆପଣ ଏପରି ଆଚରଣ କରିଛନ୍ତି ଯାହା ବିଜୁ ଜନତା ଦଳର ଗଭୀର ଅନୁଶାସନ ଭଙ୍ଗ ସହ ଦଳ ଆପଣଙ୍କ ଉପରେ ରଖିଥିବା ବିଶ୍ୱାସକୁ ଭାଙ୍ଗିଥିବା ନେତୃତ୍ୱଙ୍କ ନଜରକୁ ଆସିଛି। ଆପଣମାନେ ଦଳ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ଏବଂ ୧୫ ତାରିଖରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ ଉଲ୍ଲଘଂନ କରିଛନ୍ତି। ଆପଣଙ୍କ ଏହି ଆଚରଣ ବିଜେଡି ସମ୍ବିଧାନର ମୂଳ ସିଦ୍ଧାନ୍ତର ଉଲ୍ଲଘଂନ କରୁଛି। ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ ଆପଣ ଉପରୋକ୍ତ ନିର୍ଦ୍ଦେଶକୁ ବିରୋଧ କରି ବିଜୁ ଜନତା ଦଳ ଦ୍ୱାରା ସମର୍ଥିତ ନଥିବା ଏକ ପ୍ରାର୍ଥୀଙ୍କୁ ଭୋଟ୍ ଦେଇଛନ୍ତି। ରାଜ୍ୟସଭା ନିର୍ବାଚନରେ ଦଳର ଅଧିକୃତ ପ୍ରତିନିଧିଙ୍କ ସମ୍ମୁଖରେ ଆପଣଙ୍କ ଦ୍ୱାରା ପ୍ରଦର୍ଶିତ ବାଲଟ୍ ବାଧତାମୂଳକ ପ୍ରଦର୍ଶନ ଦ୍ୱାରା ଏହା ପ୍ରମାଣିତ ହୋଇସାରିଛି। ଏହି ଆଚରଣ ଗମ୍ଭୀର ଅନୁଶାସନହୀନତା, ଦଳୀୟ ବିଶ୍ୱାସର ଭଙ୍ଗ ଏବଂ ବିଜୁ ଜନତା ଦଳର ଶୃଙ୍ଖଳା ପ୍ରତି ସ୍ପଷ୍ଟ ଭାବେ ହାନୀକାରକ ଅଟେ। ଏହା ଆପଣଙ୍କୁ ଦଳର ସଦସ୍ୟତା ସ୍ୱେଚ୍ଛାରେ ତ୍ୟାଗ କରିବା ସହ ସମାନ ବିବେଚନା କରାଯାଉଛି ବୋଲି ଶ୍ରୀମତି ମଲ୍ଲିକ ନୋଟିସରେ ଉଲ୍ଲେଖ କରିଛନ୍ତି। ଆପଣଙ୍କ ଉପରିଲିଖିତ ଆଚରଣ ପ୍ରାଥମିକ ଭାବରେ ଏହା ପ୍ରମାଣ କରୁଛି ଯେ ଆପଣ ଯେଉଁ ରାଜନୈତିକ ଦଳର ଟିକେଟରୁ ନିର୍ବାଚିତ ହୋଇଥିଲେ ତାହାର ସଦସ୍ୟତା ସ୍ୱେଚ୍ଛାରେ ତ୍ୟାଗ କରିଛନ୍ତି। ତେଣୁ ଧାର୍ଯ୍ୟ ସମୟ ମଧ୍ୟରେ ଉତ୍ତର ରଖିବାକୁ ଶ୍ରୀମତି ମଲ୍ଲିକ ନୋଟିସରେ ଉଲ୍ଲେଖ କରିଛନ୍ତି।

## କଂଗ୍ରେସରୁ ୩...

ନିର୍ଦ୍ଦେଶକ୍ରମେ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କୁ ଭୋଟ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଦଳୀୟ ନିର୍ଦ୍ଦେଶକୁ ଅବମାନନା କରି ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ମୋହନା ବିଧାୟକ ଦାଶରଥି ଗମାଙ୍ଗୋ ଓ ବାରବାଟୀ କଟକ ବିଧାୟିକା ସୋଫିଆ ଫିରଦୋସ ବିଜେପି ସମର୍ଠଥତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଛନ୍ତି। ଏଆଇସିସି ନିର୍ଦ୍ଦେଶକ୍ରମେ ଏହି ବିଧାୟକମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ଶ୍ରୀ ପାଢ଼ୀ କହିଛନ୍ତି । ପିସିସି ମିଡିଆସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ କ୍ରସ ଭୋଟିଂ କରିଥିବା ୩ ବିଧାୟକଙ୍କ ଏଭଳି ଆଚରଣ ଅକ୍ଷମଣୀୟ। ନିଜକୁ କଂଗ୍ରେସର ସଚ୍ଚା ରକ୍ଷକ ବୋଲି ବାହାସ୍ଫୋଟ ମାରୁଥିବା ନେତା ଗାଇଗୋରୁଙ୍କ ଭଳି ବିଜେପି ନିକଟରେ ବିକ୍ରୀ ହୋଇଗଲେ। ଦଳର ସର୍ବୋଚ୍ଚ ନେତା ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼୍‌ଗେଙ୍କୁ ଏହି ବିଧାୟକମାନେ ଭେଟିବାପାଇଁ ଗଲେ ନାହିଁ। କଂଗ୍ରେସ ଟିକେଟ ଓ ଦଳୀୟ ସହଯୋଗ ବଳରେ ନିର୍ବାଚନୀ ବୈତରଣୀ ପାର ହୋଇଥିବା ବିଧାୟକଙ୍କ ଏତାଦୃଶ କାର୍ଯ୍ୟ କେବେବି କ୍ଷମଣୀୟ ନୁହେଁ। ଯେଉଁମାନଙ୍କମାନଙ୍କ ଚୋରା ଓ ଦୁର୍ନିତୀଯୁକ୍ତ କାରବାର ଅଛି, ସେମାନେ ଶାସକ ଦଳକୁ ସମର୍ଥନ କରିବାକୁ ବାଧ୍ୟ। ତେବେ ବିଜେପି ସମର୍ଠଥତ ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ କେତେ କୋଟି ଟଙ୍କା ନେଇଛନ୍ତି ତାହା ନିଜ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ପାଖରେ ପ୍ରକାଶ କରନ୍ତୁ ବୋଲି ସେ କହିଛନ୍ତି। ବର୍ତ୍ତମାନ ସେମାନଙ୍କୁ ନିଲମ୍ବନ କରାଯାଇଛି ଆଗକୁ ସଭ୍ୟପଦ ରଦ୍ଦ ପାଇଁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି। ପୂର୍ବରୁ ଶରଦ ଯାଦବଙ୍କ ସଭ୍ୟ ପଦ ରଦ୍ଦ ହୋଇଛି। ପୁନଶ୍ଚ ଦଳର ଅନ୍ୟ ବିଧାୟକମାନଙ୍କୁ କୋଟି କୋଟି ଟଙ୍କାର ପ୍ରଲୋଭନ ସତ୍ତ୍ୱେ ସେମାନେ ନିଜ ନୈତିକତାକୁ ବଜାୟ ରଖିଛନ୍ତି ଏବଂ ଦଳର ନିର୍ଦ୍ଦେଶକୁ ସମ୍ମାନ କରିଥିବାରୁ ଦଳ ସେମାନଙ୍କୁ ଧନ୍ୟବାଦ ଜଣାଇଛି ବୋଲି ସେ କହିଛନ୍ତି ।

## କାଗଜରେ ସୁରକ୍ଷା...

ପ୍ରଶାସନିକ ଦାୟିତ୍ୱହୀନତାକୁ ଦାଣ୍ଡରେ ପକାଇଛି। ବିଶେଷକରି, ଅକ୍ସିଜେନ୍ ସିଷ୍ଟମ ଓ ଉଚ୍ଚ ଭୋଲଟେଜ୍ ଯନ୍ତ୍ରପାତି ଥିବା ଆଇସିୟୁରେ ସୁରକ୍ଷାବଳୟ ବିଫଳ ହେବା କେବଳ ଅସାବଧାନତା ନୁହେଁ, ବରଂ ଏହା ଏକ ଅପରାଧ ସଦୃଶ ଅବହେଳା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ଏହି ଘଟଣାକୁ ନେଇ ସବୁଠାରୁ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି ପ୍ରଶାସନିକ କାର୍ଯ୍ୟାନୁଷ୍ଠାନର ଦୋମୁହାଁ ନୀତି। ୨୦୧୬ମସିହାରେ ସମ ହସ୍ପିଟାଲ ଅଗ୍ନିକାଣ୍ଡ ସମୟରେ ତତକାଳୀନ ସରକାର ଅତି କଠୋର୍ ଆଭିମୁଖ୍ୟ ଗ୍ରହଣ କରି ଦାୟୀ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିଥିବା ବେଳେ ଏସ୍‌ସିବି ଘଟଣାରେ ପ୍ରଶାସନିକ କୋହଳତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଯଦିଓ ସରକାର ପରିବର୍ତ୍ତନ ହୋଇଛି, କିନ୍ତୁ ପୁଲିସ ଓ ପ୍ରଶାସନିକ ବ୍ୟବସ୍ଥା ପ୍ରାୟତଃ ସମାନ ରହିଛି; ତଥାପି ଏହି ଦୁଇଟି ଘଟଣାରେ ପଦକ୍ଷେପ ମଧ୍ୟରେ ଥିବା ଆକାଶ ପାତାଳ ପାର୍ଥକ୍ୟ ଏକ ପ୍ରଶାସନିକ ପକ୍ଷପାତର ସଂକେତ ଦେଉଛି। ସୁପ୍ରିମକୋର୍ଟଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଏବଂ ଏଏମଆରଆଇ କିମ୍ବା ଉପହାର ସିନେମା ହଲ ଭଳି ବଡ଼ ଧରଣର ଅଗ୍ନିକାଣ୍ଡ ଘଟଣାରୁ ଶିକ୍ଷା ନ ପାଇବା ଫଳରେ ଆଜି ପୁଣି ଥରେ ନିରୀହ ଜୀବନ ହାନି ଘଟିଛି। ରାଜ୍ୟ ସରକାର ଏହି ଘଟଣାରେ କେବଳ ତଦନ୍ତ ନିର୍ଦ୍ଦେଶ ଦେଇ ଚୁପ୍ ରହିବା ଉଚିତ ନୁହେଁ, ବରଂ ଦାୟୀ ଅଧିକାରୀ ଓ କର୍ତ୍ତୃପକ୍ଷଙ୍କ ବିରୋଧରେ 'କ୍ରିମିନାଲ ନେଗ୍ଲିଜେନ୍ସ' ମାମଲା ରୁଜୁ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏବେ ବିଭିନ୍ନ ମହଲରେ ଦାବି ହୋଇଛି।

ଓଡ଼ିଶାର ସମସ୍ତ ସରକାରୀ ଓ ବେସରକାରୀ ହସ୍ପିଟାଲଗୁଡ଼ିକର ଫାୟାର ସେଫ୍ଟି ଅଡିଟ୍ ସହ ଆକସ୍ମିକ ଯାଞ୍ଚ କରିବା ପାଇଁ ଏକ ଦୃଢ଼ ବ୍ୟବସ୍ଥା ପ୍ରସ୍ତୁତ କରିବାର ଏବେ ସମୟ ଆସିଛି। ଏସସିବି ଅଗ୍ନିକାଣ୍ଡ ଏକ ଚେତାବନୀ ବୋଲି ବିବେଚନା କରି ଯଦି ଏବେ ମଧ୍ୟ ଶୂନ୍ୟ ସହିଷ୍ଣୁତା ନୀତି ଆପଣା ନ ଯାଏ, ତେବେ ଭବିଷ୍ୟତରେ ଏପରି ଆଉ ଏକ କାଳରାତ୍ରିକୁ ଏଡ଼ାଇବା ଅସମ୍ଭବ ହୋଇପଡ଼ିବ। ନିୟମ ସମସ୍ତଙ୍କ ପାଇଁ ସମାନ ହେଉ ଏବଂ ଜନସାଧାରଣଙ୍କ ଜୀବନକୁ ମୂଲ୍ୟହୀନ ଭାବୁଥିବା ପ୍ରଶାସନିକ ବ୍ୟବସ୍ଥାକୁ ଉତ୍ତରଦାୟୀ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

## ବିଶ୍ୱବ୍ୟାଙ୍କର ଋଣୀ...

ଡଲାର। ବିଶ୍ୱ ବ୍ୟାଙ୍କର ସବୁଠୁ ଅଧିକ ଋଣୀ ଦେଶ ସୂଚୀରେ ତୃତୀୟ ସ୍ଥାନରେ ରହିଛି ପାକିସ୍ତାନ। ପାକିସ୍ତାନର ମୋଟ ଋଣ ପରିମାଣ ୨୦ ବିଲିୟନ୍ ଡଲାର (୧.୮୪ ଲକ୍ଷ କୋଟି ଟଙ୍କା) ।୨୦୨୫ରେ ବିଶ୍ୱ ବ୍ୟାଙ୍କର ସବୁଠୁ ଅଧିକ ଋଣକାରୀ ୧୦ ଦେଶ ତାଲିକାରେ ପାକିସ୍ତାନ ନ ସ୍ଥାନ ପାଇନ ଥିଲା। ମାତ୍ର ଚଳିତ ବର୍ଷ ଏହା ସାରା ବିଶ୍ୱରେ ୩ୟ ଋଣୀ ରାଷ୍ଟ୍ର ଭାବରେ ଉଭା ହୋଇଛି। ଚତୁର୍ଥ ସ୍ଥାନରେ ଥିବା ବାଂଲାଦେଶ ଉପରେ ମୋଟ ୧୯.୮ ବିଲିୟନ୍ ଡଲାର(୧.୮୨ ଲକ୍ଷ କୋଟି ଟଙ୍କା) ଋଣଭାର ରହିଛି। ରୁଷ ସହ ଯୁଦ୍ଧରେ ଲିପ୍ତ ଥିବା ସତ୍ତ୍ୱେ ୟୁକ୍ରେନ ବିଶ୍ୱବ୍ୟାଙ୍କରୁ ନୂଆ ଋଣ ନେଇନାହିଁ। ପୂର୍ବପରି ଏହି ଦେଶ ଉପରେ ୧୬.୬ ବିଲିୟନ୍ ଡଲାରର ଋଣ ରହିଛି।

ବିଶ୍ୱ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ଉଚ୍ଚମଧ୍ୟମ ଆୟବର୍ଗକୁ ଉନ୍ନୀତ ହେଉଥିବା ଦୃଷ୍ଟିରୁ ଚୀନର ଋଣ ପରିମାଣ କମୁଛି ଏବଂ ବ୍ରାଜିଲର ଋଣ ସ୍ଥିର ରହିଛି। ଏହି ଦୁଇ ଦେଶ ଘରୋଇ ପୁଞ୍ଜି ବଜାରରୁ ଉତ୍ତମ ଭାବେ ପରିଚାଳନା କରିବାକୁ ସକ୍ଷମ ହୋଇଛନ୍ତି ବୋଲି ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି ।

# କେରଳରେ ଦୁଇ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ପାତ୍ରପୁର, ୧୭ ।୩ (ସମିସ): ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ୍‌ରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା ବୃଦ୍ଧି ପାଉଛି। ସୋମବାର ପୁଣି କେରଳରେ ଦୁଇ ଯୁବ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଖାରିଆଗୁଡ଼ା ଗ୍ରାମର ନରସିଂହ ପ୍ରଧାନ(୩୨) ଓ ସନ୍ତୋଷ ବାଡ଼ତ୍ୟା(୩୧)। ସେମାନେ କେରଳର ତ୍ରିସୁର ଅଞ୍ଚଳର ଏକ ଘରୋଇ କମ୍ପାନୀରେ ଅପରେଟର୍ ଭାବେ କିଛି ଦିନ ହେବ କାମ କରୁଥିଲେ। କାମ ସମୟରେ ଏକ କୂଅରୁ ଛେଳିକୁ ବାହାର କରିବା ବେଳେ ଦୁହେଁ କୂଅ ଭିତରେ ଅଟକି ପଡ଼ିଥିଲେ। ପରେ ସହକର୍ମୀମାନେ ଉଦ୍ଧାର କରି ହସ୍ପିଟାଲକୁ ନେଇଥିବା ବେଳେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ତଦନ୍ତରେ ଶ୍ୱାସରୋଧ କିମ୍ବା ବିଦ୍ୟୁତ୍ ସ୍ପର୍ଶ ଯୋଗୁଁ ମୃତ୍ୟୁ ଆଶଙ୍କା କରାଯାଉଛି। ସ୍ଥାନୀୟ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଗତବର୍ଷ ମଧ୍ୟ ଏହି ବ୍ଲକ୍‌ର ୯ ଦାଦନ ଶ୍ରମିକ ପ୍ରାଣ ହରାଇଥିଲେ। ଏହି ଦୁଃଖଦ ଘଟଣାରେ ଦୁଇପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ଗ୍ରାମରେ ଶୋକର ଛାୟା ଖେଳିଯାଇଥିବା ବେଳେ ସରକାରୀ ସହାୟତା ପାଇଁ ସାଧାରଣରେ ଦାବି ହେଉଛି।


Leadership and beyond
ଦି ନ୍ୟୁ ଇଣ୍ଡିଆ ଏସ୍ୟୋରେନ୍ସ କଂପନୀ ଲିମିଟେଡ
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ:୦୬୭୪-୨୫୪୫୪୬୭

**ସଂଶୋଧନ ପତ୍ର:**
**ଇ-ଟେଣ୍ଡର ନିମନ୍ତେ ବିଡ୍ ଦାଖଲର ଅନ୍ତିମ ତାରିଖ ବୃଦ୍ଧି**

ଇ-ଟେଣ୍ଡର (ବିଜ୍ଞାପନ ନଂ. ଭୁବନେଶ୍ୱର ଆରଓ/ଇଏସ୍‌ଟିବି/ ଭଦ୍ରକ ବିଓ/ ଇଣ୍ଟେରିୟର ସିଭିଲ ଆଣ୍ଡ ଇଲେକ୍ଟ୍ରିକାଲ ୱାର୍କ/୫୫୦୮୦୧) ଯାହାକି ଏହି ବିଭାଗ ଦ୍ୱାରା ତା୧୬.୦୨.୨୦୨୬ରିଖରେ ଜାରି କରାଯାଇଥିଲା। ତଦନୁଯାୟୀ ସମସ୍ତ ସମ୍ଭାବ୍ୟ ବିଡରମାନଙ୍କୁ ଜଣାଇ ଦିଆଯାଉଛି କି, ବିଭାଗ ତରଫରୁ ନିମ୍ନମତେ ଇ-ଟେଣ୍ଡର ନିମନ୍ତେ ବିଡ୍ ଦାଖଲର ଅନ୍ତିମ ତାରିଖ ବୃଦ୍ଧି କରାଗଲା।

| ବିବରଣୀ | ମୂଳ ତାରିଖ | ସଂଶୋଧିତ ତାରିଖ |
|---|---|---|
| ବିଡ୍ ଦାଖଲର ସମାପ୍ତି ତାରିଖ | ୦୯.୦୩.୨୦୨୬ ଅପରାହ୍ନ ୫ ଘଟିକା | ୧୯.୦୩.୨୦୨୬ ଅପରାହ୍ନ ୫ ଘଟିକା |
| ବିଡ୍ ଖୋଲାଯିବା ତାରିଖ | ୧୦.୦୩.୨୦୨୬ ପୂର୍ବାହ୍ନ ୧୧ ଘଟିକା | ୨୦.୦୩.୨୦୨୬ ପୂର୍ବାହ୍ନ ୧୧ ଘଟିକା |

ବିଡରମାନେ ଟେଣ୍ଡର କାଗଜାତ୍ ଆମର ୱେବ୍‌ସାଇଟ୍: www.tenderwizard.com/NIAEPROCରୁ ଡାଉନଲୋଡ୍ କରିପାରିବେ।

ସ୍ୱା/- ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

**AFFIDAVIT**

I, BOENA RAMA RAJU,S/o BOINA APPLA SWAMY, resident of At- Nuagam, PO - Soshahandi, PS - Kotpad, Dt - Koraput - 764056, Odisha declare by this Affidavit No. 1163, dated - 16/03/2026, that now onwards I shall be known as **BOINA RAMA RAJU** for all future purpose.

**Notice (for Minor)**

By virtue of an affidavit sworn before **Executive Magistrate Begunia, dated-12.03.2026, I, Bharati Nayak,** Vill- Radhakantapur, Po-Chakapada, Ps-Begunia, Dist-Khordha, Pincode-752062 declare that I have changed the name of my daughter from Lovely Nayak to Sujata Nayak. Henceforth, she shall be known as **Sujata Nayak** for all purposes.

**Bharati Nayak**

**AFFIDAVIT**

By virtue of an Affidavit before Notary Public, Malkangiri, I **Ghenu Badanayak**, aged about 38 Years, S/o.: Ghasi Badanayak, resident of Village: Chitapari-4, PO: Nilakhambari, P.S.: Orkel, Dist.: Malkangiri, declare by this Affidavit No.: **698/2026**, Dated: **16/03/2026**, that I have changed my name from Ghenu Hantal to **Ghenu Badanayak.** Henceforth I shall be known as **Ghenu Badanayak** for all future purposes.

**AFFIDAVIT**

I, BOINA NIRMALAW/o BOINA RAMA RAJU, resident of At- Nuagam, PO - Soshahandi, PS - Kotpad, Dt - Koraput -764056, Odisha declare by this Affidavit No. 1164, dated -16/03/2026, that now onwards I shall be known as **BOENA NIRMALA** for all future purpose.

**AFFIDAVIT**

By virtue of an affidavit no. 1920 before the Executive Magistrate, Sambalpur, dtd. 20.06.2025, I, Soumyaranjan Nayak, S/o Basant Nayak, At- Sakshigopinathpada, P.S. Dhanupali, Dist- Sambalpur, declare that my correct name is Soumyaranjan Nayak but in my CBSE certificate my name is wrongly written as Somya Ranjan Nayak. Both names is one and the same person. Henceforth, I shall be known as **Soumyaranjan Nayak** for all purposes.

**AFFIDAVIT**

By virtue of an affidavit no- 388, dated- 5/2/2026 sworn before Executive Magistrate, Banpur, declare that I, Pabitra Mohan Parida, aged about- 48 years, S/o- Baikuntha Parida of Address At- Bahadalpur, P.o-Sarakantar, P.s-Khandagiri, Dist- Khordha, Odisha, Pin-751019, declare that I have changed my name from Pabitra Kumar Parida to Pabitra Mohan Parida. Henceforth, I Pabitra Kumar Parida & Pabitra Mohan Parida both are one and same person. But now onwards I shall be known as Pabitra Mohan Parida, for all future purposes.

**Pabitra Mohan Parida**

**AFFIDAVIT**

By virtue of an affidavit no- 762, dated- 11/3/2026 sworn before Executive Magistrate, Banpur, declare that I, Pramoda Kumar Martha, S/o- Guna Martha of Address At- Nachhipur, Po- Panchugaon, Ps- Banpur, Dist- Khordha, Odisha, Pin-752035, declare that I have changed the name of my minor daughter's name from Pratueptarna Martha to Bhoomika Martha. Henceforth, she shall be known as **Bhoomika Martha** for all purposes.

**Bhoomika Martha**

**AFFIDAVIT**

By virtue of an affidavit no. 02 before the Executive Magistrate, Padampur, dtd. 17.03.2026, I, Manoranjan Nayak, S/o Dhaneswar Nayak, R/o Mahagaon, P.O. Chandibhata, P.S. Jagdalpur, Dist. Bargarh- 768042, declare that my minor daughter's name has been changed from Sruti Nayak to Srutimayee Nayak. Henceforth, she shall be known as **Srutimayee Nayak** for all purposes.

**Manoranjan Nayak**


# ଶଳାକୁ ପିଟିପିଟି ହତ୍ୟା




ଭେଡେନ, ୧୭।୩ (ସମିସ): ସାମାନ୍ୟ ବଚସାରୁ ଶଳାକୁ ପିଟିପିଟି ମାରିଦେଲା। ବରଗଡ଼ ଜିଲ୍ଲା ଭେଡେନ୍ ବ୍ଲକ୍ ଚିଚିଣ୍ଡା ହାଇସ୍କୁଲ ପଡ଼ାରେ ମଙ୍ଗଳବାର ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ସୁଦୀପ ବାଗ(୨୮)। ଖବର ପାଇ ସାଇଣ୍ଟିଫିକ୍ ଟିମ୍ ସହ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଓ ଭେଡେନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ, ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଭିଣୋଇ ଶୁକଦେବ ମହାନନ୍ଦ ଥାନାରେ ଆତ୍ମସମର୍ପଣ କରିଛି। ଶୁକଦେବର ଘର ଶାଳନା ଗାଁରେ। ପୁଲିସ୍ ସୂଚନାନୁଯାୟୀ, ଶୁକଦେବ ୫ବର୍ଷ ହେବ ନିଜ ସ୍ତ୍ରୀ, ପିଲାଙ୍କ ସହ ଶ୍ୱଶୁରଘରେ ରହି ଆସୁଥିଲା। ଆଜି ପରିବାରର ଅନ୍ୟ ବୟସ୍କ ସଦସ୍ୟ ବାହାରକୁ ଯାଇଥିବା ବେଳେ ଶଳା-ଭିଣୋଇଙ୍କ ମଧ୍ୟରେ କୌଣସି କଥାକୁ କେନ୍ଦ୍ର କରି ବଚସା ହୋଇଥିଲା। ଏଥିରେ ରାଗିଯାଇ ଶୁକଦେବ ପାଖରେ ପଡ଼ିଥିବା ଏକ କାଠଫାଳିଆରେ ସୁଦୀପକୁ ପିଟିପିଟି ହତ୍ୟା କରିଥିଲା। ହତ୍ୟାକାଣ୍ଡ ପରେ ଘର ସମ୍ମୁଖରେ ମୃତଦେହ ପକାଇ ଫେରାର୍ ହୋଇଯାଇଥିଲା। ଘରେ ଥିବା ଅଭିଯୁକ୍ତର ନାବାଳିକା ଝିଅ ଏହା ଦେଖି ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲା। ପାଖ ଲୋକ ତୁରନ୍ତ ପୁଲିସକୁ ଜଣାଇଥିଲେ।

# ପିଲାଚୋର ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା



ନବରଙ୍ଗପୁର, ୧୭।୩ (ସମିସ): ପିଲାଚୋର ସନ୍ଦେହରେ ବୃଦ୍ଧଙ୍କୁ ପିଟିପିଟି ହତ୍ୟା। ନବରଙ୍ଗପୁର ସଦର ଥାନା ଅଞ୍ଚଳ ଖଣ୍ଡିଗୁଡା ଗ୍ରାମରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ନବରଙ୍ଗପୁର ପୁଲିସ ନିଜ ଆଡୁ ଏକ ହତ୍ୟା ମାମଲା ରୁଜୁ କରିବା ସହ ଗ୍ରାମର ୪ଜଣଙ୍କୁ ଅଟକ ରଖି ପଚାରାଉଚରା କରୁଛି। ପୁଲିସ ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ବୃଦ୍ଧଜଣଙ୍କ ସଦର ଥାନା ଅନ୍ତର୍ଗତ ଖଣ୍ଡିଗୁଡ଼ା ଗାଁ ଓ ଆଖପାଖ ଅଞ୍ଚଳରେ ବୁଲାବୁଲି କରୁଥିବା ବେଳେ କିଛି ଗ୍ରାମବାସୀ ତାଙ୍କୁ ପିଲାଚୋର ସନ୍ଦେହରେ ଆକ୍ରମଣ କରିଥିଲେ। ଖବର ପାଇ ନବରଙ୍ଗପୁର ପୁଲିସ ଆହତ ବୃଦ୍ଧଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ଲାଗି ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୃଦ୍ଧଙ୍କ କେହି ସମ୍ପର୍କୀୟ ବର୍ତ୍ତମାନ ଯାଏଁ ଏନେଇ ଅଭିଯୋଗ କରି ନଥିବାରୁ ପୁଲିସ ନିଜଆଡୁ ମାମଲା(୯୪/୨୬) ରୁଜୁ କରି ତଦନ୍ତ ଚଳାଇଛି। ବୃଦ୍ଧଙ୍କ ଶବକୁ ଶବ ସଂରକ୍ଷିତ ଗୃହରେ ରଖାଯାଇଛି। କେହି ଦାବିଦାର ନ ମିଳିଲେ ପରବର୍ତ୍ତୀ ସମୟରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ନବରଙ୍ଗପୁର ଏସଡିପିଓ କୃଷ୍ଣଚନ୍ଦ୍ର ଭତ୍ରା କହିଛନ୍ତି।

# ଦାରିଙ୍ଗବାଡ଼ିରେ କୁଆପଥର ବର୍ଷା



ଦାରିଙ୍ଗବାଡ଼ି, ୧୭।୩(ସମିସ): କାଳବୈଶାଖୀ ପ୍ରଭାବରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରବଳ କୁଆପଥର ବର୍ଷା ହୋଇଛି। ଫଳରେ ଚାରିଆଡ଼େ କୁଆପଥର ଧଳା ରଙ୍ଗର ଚାଦର ଘୋଡ଼େଇ ହୋଇଥିବା ଭଳି ଦେଖାଯାଉଥିଲା। ରାସ୍ତାଘାଟ ସବୁ ଧଳା ଦେଖାଯାଉଥିବା ବେଳେ ଅଞ୍ଚଳରେ ପ୍ରାୟ ଘଣ୍ଟାଏରୁ ଅଧିକ ସମୟ ଧରି ଏଭଳି କୁଆପଥର ବର୍ଷା ହୋଇଥିଲା। ବର୍ଷା ଯୋଗୁଁ ପାଗରେ ପରିବର୍ତ୍ତନ ହୋଇ ଶୀତ ଅନୁଭୂତ ହେଉଛି। ଚଳିତବର୍ଷର ଏହା ପ୍ରଥମ କୁଆପଥର ବର୍ଷା ହୋଇଥିବାରୁ ହଳଦୀ ଚାଷୀ ସହିତ ଅନ୍ୟ ପରିବା ଚାଷୀ ଖୁସିଥିବା ବେଳେ କୁଆପଥର ବର୍ଷା ଯୋଗୁ ଆମ୍ବ ବଉଳ ଝଡ଼ି ଯାଇଥିବା ଜଣାପଡ଼ିଛି।

**ରଖେ ହରି ତ ମାରେ କିଏ!**

# ହାତୀ ପାଦ ତଳୁ ଫେରିଲା ଜୀବନ



ଢେଙ୍କାନାଳ, ୧୭।୩ (ସମିସ): କଥାରେ ଅଛି ରଖେ ହରି ତ ମାରେ କିଏ। ହାତୀ ପାଦ ତଳୁ ଜଣେ ଯୁବକ ଅକ୍ଷତ ଅବସ୍ଥାରେ ନିଜ ଜୀବନ ବଞ୍ଚାଇ ଫେରିଛନ୍ତି। ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜରେ ଆଜି ଏଭଳି ଏକ ଚମତ୍କାର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନାନୁଯାୟୀ, ତାଳବରକୋଟ ଖୁଣ୍ଟକଟା ସାହି ନିକଟରେ କିଛି ହାତୀପଲ ଘୂରି ବୁଲୁଥିଲେ। ହାତୀପଲଙ୍କୁ ଦେଖିବାକୁ ସ୍ଥାନୀୟ ଲୋକ ଭିଡ଼ ଜମାଇଥିଲେ। କିଛି ଲୋକ ହାତୀ ଦେଖିବାକୁ ତା' ପଛେପଛେ ଗୋଡ଼ାଇଥିଲେ। ଏହି ସମୟରେ ଖୁଣ୍ଟକଟାର ସ୍ୱର୍ଗତଃ ବିନୋଦ ବେହେରାଙ୍କ ପୁଅ ବିଦ୍ୟାଧର ବେହେରା ହାତୀ ପଛରେ ଥିବା ବେଳେ ହାତୀଟି ବୁଲି ପଡ଼ିଥିଲା। ହାତୀଟି ତାଙ୍କୁ ତଳେ ପକାଇବା ସହ ତାଙ୍କ ଉପରେ ପଛ ଦୁଇଗୋଡ଼କୁ ରଖି ଦଳି ପକାଇଥିଲା। କିନ୍ତୁ ଏଥିରେ ଯୁବକଙ୍କ କୌଣସି କ୍ଷତି ହୋଇନଥିଲା। ହାତୀଟି ସେଠାରୁ ପଳାଇବା ପରେ ଯୁବକଜଣଙ୍କ ଅକ୍ଷତ ଅବସ୍ଥାରେ ସେଠାରୁ ଫେରି ଆସିଥିଲେ।

# ଶିକ୍ଷୟିତ୍ରୀଙ୍କ ମାଡ଼ରେ ନବମ ଛାତ୍ର ଗୁରୁତର; ହସ୍ପିଟାଲରେ ଭର୍ତ୍ତି

କପ୍ତିପଦା, ୧୭।୩ (ସମିସ): ପ୍ରଶ୍ନର ଉତ୍ତର ଦେଇନପାରିବାରୁ ଛାତ୍ରଙ୍କୁ ନିର୍ଘାତ ମାଡ଼। ସ୍ଥିତି ଏମିତି ଯେ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ଏଥିଯୋଗୁଁ ଛାତ୍ରଜଣଙ୍କ ଆଜି ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। କପ୍ତିପଦା ବ୍ଲକ୍ ତାଳପୋଖରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏପରି ଏକ ଘଟଣା ଘଟିଛି। ଆହତ ଛାତ୍ରଜଣଙ୍କ ହେଲେ, ଶୁଭଙ୍କର ବେହେରା। ସେ ନବମ ଶ୍ରେଣୀରେ ପାଠ ପଢ଼ନ୍ତି। ଆଜି ଶିକ୍ଷୟିତ୍ରୀ ଦୀପ୍ତିମୟୀ ବରାଳ ତାଙ୍କୁ କିଛି ପ୍ରଶ୍ନ ପଚାରିଥିଲେ। ଶୁଭଙ୍କର ଉତ୍ତର ଦେଇ ନପାରିବାରୁ ଶିକ୍ଷୟିତ୍ରୀ ଦୀପ୍ତିମୟୀ ତାଙ୍କୁ ବାଡ଼ିରେ ନିର୍ଘାତ ପିଟିଥିଲେ। ଏଥିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ସେ ଘରକୁ ଫେରି ଏକ ଘର ଭିତରେ କବାଟ ବନ୍ଦ କରି ରହିଥିବା ବେଳେ ସଂଜ୍ଞାହୀନ ହୋଇପଡ଼ିଥିଲେ। ପରିବାରଲୋକେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିବା ସହ ଉଦଳା ମେଡିକାଲରେ ଭର୍ତ୍ତି କରାଇଥିଲେ। ଘଟଣାକୁ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱୀକାର କରିଥିବା ବେଳେ ଶ୍ରେଣୀକଡ଼ରେ ପାଟି କରିଥିବାରୁ ଛାତ୍ରଙ୍କୁ ମାଡ଼ ହୋଇଥିବା କହିଛନ୍ତି। ସେପଟେ ମାଡ଼ ମାରିଥିବା ଶିକ୍ଷୟିତ୍ରୀ ଦୀପ୍ତିମୟୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


13001/664/2526

**OFFICE OF THE MUNICIPAL COUNCIL: DEOGARH**
**e-mail: co-deogarhmcnp@gov.in**
**Notice No.: 796/DM, Dt. 16/03/2026**
**Corrigendum notice to tender call notice No-627/DM, DT. 05.03.2026**

Key Correction made in the notice for the work — Privatization of Sanitation work Deogarh Municipal Council for ward no.- 01 to 11.
1. The Financial bid document in column no-3 may be read as the quantity of sweeper (unskilled) – 104 nos. instead of sweeper unskilled.
2. The Financial bid document in column no-4 & 5 may be blanked instead of 83 and 462 respectively.
3. In criteria and general instruction to tender in point no-18:Read as the workers should not be below 18 years and above 60 years instead of not below 18 years and above 50 years.
4. All other terms and conditions remain unchanged.

**Executive Officer**
**Deogarh Municipality**

OIPR-13001/13088/1/25-26/0022

32001/208/2526

**Office of the Superintending Engineer**
**Earth Dam Division**
At/Po: Chitrakonda, Dist. Malkangiri
E-mail: executiveengineereddckd@gmail.com

**QUOTATION CALL NOTICE NO: 02/2025-26 (Vehicle)**

Sealed quotations are invited from interested reputed service provider for providing 01 (One) no. of (1) AC Diesel/Petrol driven vehicle (Scorpio/Creta/Mahindra Marazzo) for Chief Construction Engineer, Potter Irrigation Project, Balimela;(2) AC Diesel/Petrol Driven vehicle (TUV300/Bolero/Sumo Gold/Ertiga) for Superintending Engineer, Earth Dam Division, Chitrakonda;(3) AC Diesel/Petrol Driven vehicle (Bolero) for Sub-Divisional Officer, Earth Dam Sub-Division No. I & II, Chitrakonda;(4) AC Diesel/Petrol Driven vehicle (Bolero) for Sub-Divisional Officer, Earth Dam Sub-Division No. III, Malkangirifor the year 2026-27 (Period from 01.04.2026 to 31.03.2027) for official use having seating capacity not more than ten including driver, which shall conform to the Terms and Conditions (Annexure-II) on monthly rent basis.The bidder(s) can furnish offer for one or more vehicles, but separate application form for individual vehicle should be furnished.
1. The application form of quotation containing General Bid Information & Terms and conditions for hiring of vehicles etc. will be available with the cashier of this office and can be obtained from 20.03.2026 from 10.00 A.M. to 26.03.2026 up to 5.00 P.M. on working days during working hours on payment of Rs.100/- (one hundred) only per set.
2. The completed quotation in all respect should reach the undersigned on or before 30.03.2026 by 1.30 P.M. and shall be opened on same day at 4.00 P.M.
3. The authority reserves the rights to reject any or all quotations without assigning any reason thereof.
4. Further details can be seen in the website Govt. of Odisha: www.odisha.gov.in

**Superintending Engineer**
**Earth Dam Division, Chitrakonda**

OIPR-32001/32019/1/25-26/0004

# ରାସ୍ତାରେ ବୁସ୍ କଟିଂ ନାଁରେ କାଟିନେଲେ ଗଛ



ବନ ବିଭାଗ ନିରବଦ୍ରଷ୍ଟା

ମୁନିଗୁଡା,୧୭।୩(ସମିସ): ଗ୍ରୀଷ୍ମ ଋତୁ ଆସୁ ଆସୁ ମୁନିଗୁଡା ଅଞ୍ଚଳରେ ଅସହ୍ୟ ଗରମ ଲୋକଙ୍କୁ ଅସ୍ତବ୍ୟସ୍ତ କଲାଣି। ଯାତ୍ରୀମାନଙ୍କ ସୁବିଧା ପାଇଁ ମୁନିଗୁଡାରୁ ଅମ୍ବାଦଳା ରାସ୍ତାରେ ବନ ବିଭାଗ ପକ୍ଷରୁ ରାସ୍ତା କଡରେ ବିଭିନ୍ନ ପ୍ରକାର ଗଛ ଲଗାଯାଇଥିଲା। ମୁନିଗୁଡାରୁ ଅମ୍ବାଦଳା ପର୍ଯ୍ୟନ୍ତ ରାସ୍ତାରେ ପୂର୍ତ୍ତ ବିଭାଗ ପକ୍ଷରୁ ବୁଶ କଟିଂ କାମ ଚାଲିଥିବା ବେଳେ ଏହା ଏବେ ବିବାଦର କାରଣ ହୋଇଯାଇଛି। ବୁଶ କଟିଂ ନାଁରେ ରାସ୍ତା ଦୁଇ ପାଶ୍ୱର୍ରେ ଥିବା ଗଛମାନଙ୍କୁ ମଧ୍ୟ କାଟି ସଫା କରାଯାଉଥିବା ଅଭିଯୋଗ ହୋଇଛି। ଏହା କେବଳ ଝାଡ଼ି ସଫା ନୁହେଁ, ବରଂ ଯୋଜନାବଦ୍ଧ ଭାବରେ ଗଛ ନଷ୍ଟ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ, ଏହି ରାସ୍ତା କଡରେ ଯାତ୍ରୀମାନଙ୍କୁ ଛାୟା ଓ ପରିବେଶ ସୁରକ୍ଷା ପାଇଁ ପ୍ରତି କିଲୋମିଟରରେ ପ୍ରାୟ ୫୦୦ଟି ଗଛ ଅର୍ଥାତ୍ ପ୍ରତି ୮ ଫୁଟରେ ଗୋଟିଏ ଲେଖାଏଁ ଲିମ୍ବ, କରଞ୍ଜ, ଚକୁଣ୍ଡା ଆଦି ଗଛ ଲଗାଯାଇଥିଲା। କିନ୍ତୁ ବର୍ତ୍ତମାନ ବୁଶ କଟିଂ ନାଁରେ ସେହି ଗଛମାନଙ୍କୁ କାଟି ଦିଆଯାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଏଥିରେ ସ୍ଥାନୀୟବାସୀନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି କାର୍ଯ୍ୟ ସମୟରେ ବନ ବିଭାଗର ନିରବତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଯେଉଁଥିରେ ଗଛ ସୁରକ୍ଷା ପାଇଁ ବନ ବିଭାଗର ଭୂମିକା ମୁଖ୍ୟ, ସେଠାରେ ଏମିତି ଘଟଣା ଘଟୁଥିବା ସତ୍ତ୍ୱେ କୌଣସି ପଦକ୍ଷେପ ନ ନେବା ନେଇ ପ୍ରଶ୍ନ ଉଠିଛି। ଏହି ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହି ଘଟଣା ପରେ ପରିବେଶ ସୁରକ୍ଷା ଓ ସରକାରୀ ଯୋଜନାର ଅନୁଷ୍ଠାନ ଉପରେ ପୁନର୍ବାର ପ୍ରଶ୍ନ ଉଠିଛି। ଯଦି ଠିକ ସମୟରେ ପଦକ୍ଷେପ ନ ନିଆଯାଏ, ତେବେ ଏହା ଆଗାମୀ ଦିନରେ ଆଉ ବଡ଼ ପରିବେଶୀୟ ସମସ୍ୟାକୁ ଆମନ୍ତ୍ରଣ କରିପାରେ ବୋଲି ମତ ପ୍ରକାଶ ପାଇଛି।

# ନାବାଳିକାଙ୍କୁ ବିବାହ ଓ ନିର୍ଯାତନା; ସ୍ୱାମୀ ଗିରଫ

ଜୟପୁର,୧୭ ।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ମହିଳା ଥାନା ପୁଲିସ ଗତ ୭ ବର୍ଷ ପୂର୍ବେ ବଳ ପୂର୍ବକ ଘରରୁ ଉଠାଇ ନେଇ ନାବାଳିକାଙ୍କୁ ବିବାହ କରିବା, ନିର୍ଯାତନା ଏବଂ ଘରରୁ ବାହାର କରିଦେବା ଅଭିଯୋଗରେ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ସ୍ୱାମୀ ବନ୍ଧୁଗାଁ ଥାନା ନୀଳାବାଡି ଗ୍ରାମର କଣ୍ଡାଗିରି ମହେଶ (୨୭)। ଗତ ୭ ବର୍ଷ ପୂର୍ବେ ୧୭ ବର୍ଷିୟା ନାବାଳିକାଙ୍କୁ ଜୋରଜବରଦସ୍ତ ଉଠାଇ ନେଇ ଜୀବନରେ ମାରିଦେବାକୁ ଧମକଚମକ ଦେଇ ବିବାହ କରିଥିଲେ ଏବଂ ନିଜ ଗୃହରେ ରଖିଥିଲେ। ନାବାଳିକାଙ୍କୁ ପତ୍ନୀ ଭାବେ ରଖି ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଏହାର ୮ ମାସ ପରେ ଉଭୟ ପରିବାର ସହମତି କ୍ରମେ ଉଭୟ ପୀଡିତା ଓ ଅଭିଯୁକ୍ତଙ୍କ ଯୁବକଙ୍କୁ ହିନ୍ଦୁ ଓ ଆଦିବାସୀ ପରମ୍ପରା ଅନୁଯାୟୀ ବିବାହ କରାଯାଇଥିଲା। ଦୀର୍ଘ ୨ ବର୍ଷ ଉଭୟ ଖୁସିରେ ରହିବା ପରେ ଅଭିଯୁକ୍ତ ସ୍ୱାମୀ ଅନ୍ୟଜଣେ ଯୁବତୀ ମୀନତି କାଡ୍ରାକାଙ୍କ ସହିତ ଅବୈଧ ସମ୍ପର୍କ ରଖିଥିଲେ। ଗତ ୪ ବର୍ଷ ହେଲା ସ୍ୱାମୀ ଏବଂ ତାଙ୍କର ପ୍ରେମିକାଙ୍କୁ ଘରେ ରହିବା ସହ ପୀଡିତାଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦେଇ ଆସୁଥିଲେ। ଗତ ମାସରେ ପୀଡିତାଙ୍କୁ ଅଭିଯୁକ୍ତ ସ୍ୱାମୀ ଏବଂ ତାଙ୍କର ପ୍ରେମିକା ଘରରୁ ବାହାର କରିଦେଇଥିଲେ। ପୀଡିତା ନିଜ ବାପା ଘରରେ ଆସି ରହିବା ପରେ ଗ୍ରାମରେ ବରିଷ୍ଠ ଗ୍ରାମବାସୀମାନଙ୍କ ଉପସ୍ଥିତିରେ ଏହି ବିବଦର ସମାଧାନ ନେଇ ବୈଠକ ଆୟୋଜିତ ହୋଇଥିଲା। କିନ୍ତୁ କୌଣସି ଫଳାଫଳ ନ ହେବାରୁ ଶେଷରେ ନିରାଶ ହୋଇ ପୀଡିତା ମହିଳା ଥାନାରେ ପହଞ୍ଚି ଗତ ଫେବୃୟାରୀ ୫ ତାରିଖରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ମହିଳା ଥାନାରେ ନିବାଳିକା ଉତ୍ପୀଡିନା, ମାଡିମାରିବା ଏବଂ ଜୀବନରେ ମାରିବା ଧମକଚମକ ନେଇ ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଥିଲା। ଏହାର ତଦନ୍ତ ପରେ ଅଭିଯୁକ୍ତକୁ ଗିରଫ କରାଯାଇ ମହିଳା ଥାନା ପୁଲିସ କୋର୍ଟ ଚାଲାଣ କରିଛନ୍ତି ବୋଲି ମହିଳା ଥାନା ଅଧିକାରୀ ଆଶ୍ରିତା ଖାଲକୋ ସୂଚନା ଦେଇଛନ୍ତି।

# ରାଜରାସ୍ତାରେ ଆଉଟ୍‌ସୋର୍ସିଂ କର୍ମଚାରୀ; କାର୍ଯ୍ୟ ବାଧାପ୍ରାପ୍ତ

କାଲିମେଲା,୧୭।୩(ସମିସ): ରାଜ୍ୟ ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘର ଆନ୍ଦୋଳନ ଡାକରା ପରେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକରେ ବିଭିନ୍ନ ବିଭାଗ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି। ବ୍ଲକରେ ଏମଜିଏନଆରଇଜିଏସ , ସାମାଜିକ ସୁରକ୍ଷା, ଆବାସ ଜନିତ କାର୍ଯ୍ୟ ଠପ୍ ହୋଇଛି। ଲୋକେ କାର୍ଯ୍ୟାଳୟକୁ ଆସି ସଂପୃକ୍ତ ବିଭାଗର କର୍ମଚାରୀ ଅନୁପସ୍ଥିତ ଥିବା ଦେଖି ଫେରି ଯାଉଥିବା ଜଣାପଡିଛି। ସରକାରଙ୍କ ବିଭିନ୍ନ ବିଭାଗରେ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ସୁଚାରୁରୂପେ କର୍ତ୍ତବ୍ୟ ସମ୍ପାଦନ କରିଆସୁଛନ୍ତି। ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ତୃଣମୂଳସ୍ତରରୁ ସେମାନେ କାମ କରୁଛନ୍ତି। ଅଥଚ ସେମାନଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପୋଷଣ କରିଆସୁଥିବା ଅଭିଯୋଗ ହୋଇଛି। ବିଭିନ୍ନ ସମୟରେ ସେମାନଙ୍କୁ ଛଟେଇ କରାଯାଉଥିବା ବେଳେ ଦରମା ପ୍ରଦାନରେ ମଧ୍ୟ ପାତରଅନ୍ତର ନୀତି କରାଯାଉଛି ବୋଲି ଆଉଟସୋର୍ସିଂ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ସେମାନଙ୍କ ଚାକିରି ଅସୁରକ୍ଷିତ ହୋଇପଡ଼ିଥିବା ବେଳେ ସ୍ୱଳ୍ପ ଦରମାରେ ପରିବାର ପୋଷଣ ମଧ୍ୟ କଷ୍ଟସାଧ୍ୟ ହୋଇପଡୁଛି ବୋଲି ସମ୍ପୃକ୍ତ କର୍ମଚାରୀମାନେ କହିଛନ୍ତି। ଫଳରେ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଆଉଟ୍‌ସୋର୍ସିଂ କର୍ମଚାରୀମାନେ କହିଛନ୍ତି। ସେହିପରି ପୂର୍ବ ସରକାର ସମୟରେ କାର୍ଯ୍ୟ କରିଥିବା ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ସମସ୍ତ ସରକାରୀ କର୍ମଚାରୀଙ୍କ ମଧ୍ୟରେ ସମାନତା ଆଣିବା ଏବଂ ସେମାନଙ୍କ ଚାକିରି ସୁରକ୍ଷା ନେଇ ସରକାର ପ୍ରତିଶ୍ରୁତି ଦେବାକୁ ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘ ଦାବି କରିଛି।

# ଭିଡି ବିଶ୍ୱବିଦ୍ୟାଳୟ ତଦନ୍ତ କମିଟିର ମା'ମାର୍କମା କଲେଜ ପରିଦର୍ଶନ



ବିଷମକଟକ,୧୭।୩(ସମିସ): ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସ୍ଥାନୀୟ ତଦନ୍ତକାରୀ କମିଟି ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ଶିକ୍ଷା ବର୍ଷ ୨୦୨୫-୨୬ ନିମନ୍ତେ ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା' ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟକୁ ପରିଦର୍ଶନରେ ଆସିଥିଲେ। ଏହି ପରିଦର୍ଶନ ଦଳରେ ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ପ୍ରଧାନ, ଆସିଷ୍ଟାଣ୍ଟ ପ୍ରଫେସର ଡଃ. ବିବି ନନ୍ଦ ଓ ମଡେଲ ଡିଗ୍ରୀ କଲେଜ ରାୟଗଡାର ଅଧ୍ୟକ୍ଷ ଡଃ. ଶ୍ୟାମା ମହାପାତ୍ର ଆସିଥିଲେ। ଏହି ଅବସରରେ ସେମାନେ କଲେଜର ସମସ୍ତ ନଥିପତ୍ର, ପରୀକ୍ଷାଗାର, ଗ୍ରନ୍ଥାଗାର, ଆଇଟି ଲେବ ଓ ବିଜ୍ଞାନ ବିଭାଗର ସମସ୍ତ ପ୍ରୟୋଗଶାଳାକୁ ବୁଲି ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଏହା ସହିତ ଯୁକ୍ତ ତିନି ମହାବିଦ୍ୟାଳୟର ଶେଷବର୍ଷର ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ପରିଶେଷରେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ ଅଣକର୍ମଚାରୀମାନଙ୍କ ସହ ଆଲୋଚନା କରି ଫେରିଥିଲେ।

# ପଟ୍ଟାଙ୍ଗୀରେ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର



ପଟ୍ଟାଙ୍ଗି,୧୭।୩(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ପଞ୍ଚାୟତ ସମିତି ସଭାଗୃହଠାରେ ୨୦୨୫-୨୬ ଆର୍ଥିକ ବର୍ଷର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ସମଗ୍ର ଶିକ୍ଷାୟର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ ଯୋଗଦେଇ ବ୍ଲକ ସାମାଜିକ ସମୀକ୍ଷକଙ୍କ ଦ୍ୱାରା ଅଣାଯାଇଥିବା ମୋଟ ୪୭ ଗୋଟି ଅଭିଯୋଗ ଗୁଡ଼ିକର ଶୁଣାଣି କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମ କୃଷ୍ଣ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ପାଙ୍ଗି, ଜିଲ୍ଲାପରିଷଦ ସଦସ୍ୟ ଲଇଛନ ଖରା, ଏପିଓ ସୌମେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଗ୍ରାମ ସାଧନ କର୍ମୀମାନେ ପ୍ରତ୍ୟେକ ଗ୍ରାମକୁ ଗସ୍ତ କରି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ସମଗ୍ର ଶିକ୍ଷାର ରହିଥିବା ଅଭିଯୋଗ ଗୁଡ଼ିକର ରିପୋର୍ଟ ଗୁଡ଼ିକୁ ପଞ୍ଚାୟତ ସମିତି ସାମାଜିକ ସମୀକ୍ଷକ ପ୍ରତିପା କୁମାର ପାଙ୍ଗିଙ୍କୁ ପ୍ରଦାନ କରିଥିଲେ। ବିଭିନ୍ନ ଯନ୍ତ୍ରୀମାନେ ବିଲ ନହେବା ସତ୍ତ୍ୱେ ଟଙ୍କା ପ୍ରଦାନ କରୁଥିବା, ଅମ୍ବାବିଲୀ ପଞ୍ଚାୟତରେ ସୂଚନା ଫଳକ ନଥିବା ସତ୍ତ୍ୱେ ବିଲ ପ୍ରଦାନ, ନୂଆଗାଁ ପଞ୍ଚାୟତରେ ବୁଦୁ ଟାମାଲଙ୍କ କାମ ହୋଇଥିବା ବେଳେ ବୋଡ ନିର୍ମାଣ ହୋଇନଥିବା ଆଦି ଅଭିଯୋଗ ଉପଜିଲ୍ଲାପାଳ ଶ୍ରୀ ହିଆଲା ଶୁଣିଥିଲେ। ସମଗ୍ର ଶିକ୍ଷା ଅଭିଯୋଗ ତଥା ବିଦ୍ୟାଳୟରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକ ହେବା ସତ୍ତ୍ୱେ କାର୍ଯ୍ୟଗୁଡ଼ିକ ନିମ୍ନମାନର ହୋଇଥିବା। ଖେଳ ପଡିଆ, ପାଚେରୀ ଆଦିରର ଅଭାବ ରହିଛି। ବିଦ୍ୟାଳୟ ଗୁଡିକରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ହେବା ସତ୍ତ୍ୱେ ନିମ୍ନମାନର କାର୍ଯ୍ୟ ହୋଇଥିବା ଯୋଗୁ ଛାତରୁ ପାଣି ଗଳୁଛି। ଗାଙ୍ଗରଜପୁର ପଞ୍ଚାୟତର ଚିକଲାମାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛଅ ଗୋଟି ନୂତନ ଚୌକି କିଣା ବାବଦକୁ ୨୨ ସହ ଟଙ୍କା ଦର୍ଶାଇଥିବା ବେଳେ କିନ୍ତୁ ଚୌକି ଗୁଡ଼ିକ ବିଦ୍ୟାଳୟରେ ଦେଖିବାକୁ ମିଳିନଥିଲା। ପେଟୁର ପଞ୍ଚାୟତର ଭାଟିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଦୋକାନର ପ୍ରକୃତ ଚୌକି ଦର ୭୫୦ ରହିଥିବା ବେଳେ ତାହାକୁ ଅଧିକା ଦର ତଥା ୧୨୦୦ ଟଙ୍କା ବିଲ ଦେଖାଇ ଅର୍ଥ ହେରଫେର ଅଭିଯୋଗ, ପୁକାଲି ପଞ୍ଚାୟତର ମାଳିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଟେବୁଲ କିଣା ବାବଦରେ ୩୫୦୦ ଟଙ୍କା ବିଲ ଦେଖାଇଥିଲେ, କିନ୍ତୁ ବିଦ୍ୟାଳୟରେ ଟେବୁଲ ଦେଖିବାକୁ ମିଳିନଥିଲା। ପେଟୁର ପଞ୍ଚାୟତ ପଦମପୁର ପ୍ରାଥମିକ ବିଦ୍ୟାଳୟରେ ଖେଳ ସାମଗ୍ରୀ ତଥା କ୍ରିକେଟ ବ୍ୟାଟ ଚାରୋଟି କିଣିଥିବା ବିଲ ଦେଇଥିବା ବେଳେ ବିଦ୍ୟାଳୟରେ ମାତ୍ର ଗୋଟିଏ ରହିଥିଲା ଏବଂ ନୂତନ ଆଲମାରୀ କିଣିବା ବାବଦରେ ୧୦ ହଜାର ଟଙ୍କା ଖର୍ଚ୍ଚ ଦେଖାଇଥିବା ବେଳେ ଆଲମାରୀ ଯାଞ୍ଚ ସମୟରେ ବିଦ୍ୟାଳୟରେ ଦେଖିବାକୁ ମିଳିନଥିବା ବେଳେ ଯାଞ୍ଚ କରିବା ପରେ ଭୟରେ ନୂତନ ଆଲମାରୀ କିଣି ବିଦ୍ୟାଳୟରେ ରଖିଥିବା ନେଇ ବ୍ଲକ ସାମାଜିକ ସମୀକ୍ଷକ ଶ୍ରୀ ପାଙ୍ଗି ଉପଜିଲ୍ଲାପାଳ ଶ୍ରୀ ହିଆଲ୍‌ଙ୍କ ନିକଟରେ ଅଭିଯୋଗ ଆଣିଥିଲେ। ଉପଜିଲ୍ଲାପାଳ ଶ୍ରୀ ହିଆଲ ଅଞ୍ଚଳରେ ଯେତିକି ମଧ୍ୟ ଅଭିଯୋଗ ଆସିଛି ତାହାର ସମାଧାନ ଏବଂ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତ ସମିତିରେ ସମସ୍ତ ପ୍ରକାର ଯାଞ୍ଚ ଗ୍ରାମ ସାଧନ କର୍ମୀ ତଥା ଜମ୍ବୁବତି ଖିଲ, ରାଧିକା ଦିଷାରି, ଗାଙ୍ଗେଶ୍ୱରୀ ବାଙ୍କା, ରାଧିକା ଟାମାଲା, ସବିତା ଖିଲ, କେ ଚେଟି, ସବିତା ରୁଢ଼ି, ଲକ୍ଷ୍ମୀ ସେଡା ପ୍ରମୁକ ଗ୍ରାମ ସାଧନ କର୍ମୀ ମାନେ ପ୍ରତ୍ୟେକ ଗ୍ରାମକୁ ଗସ୍ତ କରି ସାମାଜିକ ସମୀକ୍ଷା କରି ଅଧିକାରୀଙ୍କୁ ଏହାର ରିପୋର୍ଟ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟ ଗୁଡ଼ିକର ଆଜି ଶୁଣାଣି କରାଯାଇଥିବା ନେଇ ଜଣାପଡିଛି।

# ନାବାଳିକାଙ୍କୁ ଦୁଷ୍କର୍ମ; ଯୁବକ ଗିରଫ

ଜୟପୁର,୧୭ ।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ମହିଳା ଥାନା ପୁଲିସ ପକ୍ଷରୁ ବି.ସିଙ୍ଗପୁର ଥାନା ଉପରଗୁଡା ଗ୍ରାମର ଜଣେ ୧୩ ବର୍ଷିୟ ଅନୁସୂଚିତ ଜନଜାତି ବର୍ଗର ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଉକ୍ତ ଥାନା ବାଇବାଇଗୁଡା ଗ୍ରାମର ଯୁଧିଷ୍ଠୀର ଗୌଡ (୧୯)। ଅଭିଯୁକ୍ତ ଗତବର୍ଷ ଗଣେଷପୂଜା ଅବସରରେ ଯୁଧିଷ୍ଟିର ନାବାଳିକାଙ୍କ ଗ୍ରାମକୁ ଆସିଥିଲେ। ନାବାଳିକାଙ୍କ ସହ ଅଭିଯୁକ୍ତଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଅଭିଯୁକ୍ତ ନାବାଳିକାଙ୍କୁ ଡାକି ନିକଟସ୍ଥ ବୁଢାରଜା ମନ୍ଦିର ନିକଟରେ ତାଙ୍କୁ ଦୁଷ୍କର୍ମ କରିଥିଲେ। ବାରମ୍ବାର ଏପରି ଦୁଷ୍କର୍ମ କରିବା ପରେ ଶେଷରେ ଗତବର୍ଷ ସେପ୍ଟେମ୍ବର ୩ ତାରିଖରେ ନାବାଳିକା ଅଭିଯୁକ୍ତଙ୍କୁ ବିବାହ କରି ତାଙ୍କ ଗ୍ରାମକୁ ନେବାକୁ କହିଥିଲେ। ଅଭିଯୁକ୍ତ ଯୁବକ ଯୁଧିଷ୍ଟିର ରାଗିଯାଇ ଖରାପ ଭାଷାରେ ନାବାଳିକା ଏବଂ ତାଙ୍କ ଜାତିକୁ ନେଇ ଗାଳିଗୁଲଜ କରିବା ସହ ବିବାହ କରିବାକୁ ମନା କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୀଡିତାଙ୍କ ଦାଦା ଖବର ଜାଣିବା ପରେ ତାଙ୍କ ବାପାଙ୍କୁ ସମସ୍ତ ଘଟଣାର ସୂଚନା ଦେଇଥିଲେ। ନାବାଳିକାଙ୍କୁ ତାଙ୍କ ବାପା ଗ୍ରମକୁ ଆଣି ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ଉପସ୍ଥିତିରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଅଭିଯୁକ୍ତ ଯୁବକ ଯୁଧିଷ୍ଟିରକୁ ମଧ୍ୟ ଡକାଯାଇ ପୀଡିତାକୁ ବିବାହ କରିବାକୁ କୁହାଯାଇଥିଲା। କିନ୍ତୁ ଅଭିଯୁକ୍ତ ବିବାହ କରିବାକୁ ମନା କରିଦେବା ପରେ ପୀଡିତାଙ୍କ ପିତା ମହିଳା ଥାନାରେ ପହଞ୍ଚି ଏତଲା ଦେଇଥିଲେ। ଏନେଇ ମହିଳା ଥାନାରେ ମାମଲା(୧୪୭/୨୫) ରୁଜୁ କରାଯାଇ ନାବାଳିକା ନିର୍ଯାତନା ଏବଂ ଅନୁସୂଚିତ ଜାତି ଓ ଜାନଜାତି ନିର୍ଯାତନା ସମେତ ଅନ୍ୟାନ୍ୟ ଦଫାରେ ମାମଲା ରୁଜୁ କରାଯାଇ ଗତକାଲି ଅଭିଯୁକ୍ତଙ୍କୁ ଗିରଫ କରିଥିବା ନେଇ ଥାନା ଅଧିକାରୀ ଆଶ୍ରିତା ଖାଲକୋ ସୂଚନା ଦେଇଛନ୍ତି।

# ସଦାଶିବ ସୁକୁମାର ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ଉମରକୋଟ ୧୭।୩(ସମିସ): ଉମରକୋଟ ସରକାରୀ ପିଏମ ଶ୍ରୀ ନୋଡାଲ ସଦାଶିବସୁକୁମାର ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ ସ୍ପନ୍ଦନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଛାତ୍ର ତଥା ଉମରକୋଟ ମୁନସିପାଲିଟିର କାଉନସିଲର ସାଇ ନାରାୟଣ ପାଢ଼ୀ ଯୋଗଦେଇଥିଲେ। ସେ ସ୍କୁଲର ଉନ୍ନତି ପାଇଁ ମନ୍ତ୍ରୀ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ସ୍କୁଲର ପୂର୍ବତନ ଶିକ୍ଷାବିତ୍ ଉମେଶ ଭୁକ୍ତା, ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଞ୍ଚାସୀନ ଥିଲେ। ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ, ସ୍ଥାନୀୟ ବିଡ଼ିଓ ମନୋଜ କୁମାର ମେହେର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ, ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ସ୍କୁଲ ଏସଏମସି କମିଟି ଅଧ୍ୟକ୍ଷ ବେଞ୍ଜାମିନ ଉପାସି, ବିଶିଷ୍ଟ ଶିକ୍ଷାବିତ ଦେବେନ୍ଦ୍ର ବାଗ, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଙଂଜିତା କଁଅର, ସମସ୍ତ ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଚନ୍ଦନା ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ।

● ଅଚଳ ସୋଲାର ଲାଇଟ୍

# ଅନ୍ଧାରରେ ଟିକିରି ମୁଖ୍ୟରାସ୍ତା



ଟିକିରି,୧୭।୩(ସମିସ): କୋଟି କୋଟି ଟଙ୍କା ଖର୍ଚ୍ଚ ନିର୍ମିତ ହୋଇଥିବା ସୋଲାର ଲାଇଟ୍ ଏବେ ଅଚଳ ହୋଇ ପଡ଼ିରହିଛି। ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ଟିକିରି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ସାହି ଓ ମୁଖ୍ୟ ରାସ୍ତାରେ ସୋଲାର ଲାଇଟ୍ ପଞ୍ଚାୟତ ଓ ଘରୋଇ କମ୍ପାନୀ ପକ୍ଷରୁ ଲାଇଟ୍ ଗୁଡ଼ିକ ଲୋକଙ୍କ ସୁବିଧା ପାଇଁ ଲଗାଯାଇଥିଲା। ଗୋଟିଏ ବର୍ଷ ଲୋକେ ସୁବିଧାରେ ରହି ଆସୁଥିଲେ। କିନ୍ତୁ ଏବେ ଟିକିରି ମୁଖ୍ୟ ରାସ୍ତା ଥିବା କିଛି ଲାଇଟ୍ ଓ ବିଭିନ୍ନ ସାହିରେ ଥିବା ଲାଇଟ୍ ଏବେ ଅଚଳ ହୋଇ ପଡ଼ିରହିଛି। ରକ୍ଷଣାବେକ୍ଷଣା ଅଭାବ ଯୋଗୁଁ ଏହି ସବୁ ଲାଇଟ୍ ଅଚଳ ହୋଇପଡିଥିବା ବେଳେ ଏଥିପ୍ରତି ବ୍ଲକ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ କିମ୍ବା କମ୍ପାନୀ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ରାସ୍ତା, ସରକାରୀ ବସ୍ ଚଳାଚଳ ନେଇ ଜିଲ୍ଲାପାଳଙ୍କୁ ଫେରାଦ



ଗୁଡାରୀ,୧୭।୩ (ସମିସ): ଗୁଡାରୀ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଗୁଡାରୀ ଯୁବଗୋଷ୍ଠି ଓ ସାମ୍ବାଦିକ ଭାଇମାନେ ସହର ପ୍ରବେଶ ରାସ୍ତା ନୂତନ ଭାବେ ନିର୍ମାଣ ଓ ସରକାରୀ ବସ୍ ଚଳାଚଳ ପାଇଁ ଜିଲ୍ଲାପାଳ ଆଶିଷ କୁଲକର୍ଣ୍ଣିଙ୍କୁ ଫେରାଦ ହେଇଛନ୍ତି। ଜିଲ୍ଲାପାଳଙ୍କ ସାକ୍ଷାତ କରି ଏହାର ସମାଧାନ ନେଇ ଆଲୋଚନା କରିଥିଲେ। ଗୁଡାରୀ ପରିଷଦକୁ ତିନୋଟି ବସ ଚଳାଚଳ କରିବା ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଚଳାଚଳ କରିପାରିନାହିଁ ବୋଲି ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ଏଥିସହିତ କଟକ-ଗୁଣପୁର ସରକାରୀ ବସ ଗୁଡାରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପାଇଁ ଯୁବଗୋଷ୍ଠି ତରଫରୁ ଅନୁରୋଧ କରାଯାଇଥିଲା। ଏହା ଶୁଣିବା ପରେ ଜିଲ୍ଲାପାଳ ଯଥାଶିଘ୍ର କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି। ପରେ ବିଜୁ ସେତୁ ଠାରୁ ଗୁଡାରୀ ମିନାଝୋଲା ମୁଖ୍ୟରାସ୍ତାର ପୁନଃନିର୍ମାଣ ପାଇଁ ଜିଲ୍ଲାପାଳ ଗୁଡାରୀ ପରିଷଦ ଇଓଙ୍କୁ ପଚାରି ବୁଝିବା ପରେ ଇଓ ପ୍ରଶନ୍ନ ପାଡି ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ପ୍ରାୟ ଦୁଇ କିମି ରାସ୍ତା ନିର୍ମାଣ ପାଇଁ ପରିଷଦ ୨ କୋଟି ୯୭ ବ୍ୟୟ ବିରାଦର ଏକ ଚିଠି ରାଜ୍ୟ ନଗର ଉନ୍ନୟନ ବିଭାଗକୁ ପଠାଯାଇଛି ବୋଲି ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଏ ସଂକ୍ରାନ୍ତରେ ସମସ୍ତ ତଥ୍ୟ ସଂଗ୍ରହ କରି ଯଥାଶିଘ୍ର କାର୍ଯ୍ୟକାରୀ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ।

# ବ୍ରଜ ମାଝୀଙ୍କ ଶ୍ରଦ୍ଧାଞ୍ଜଳି ସଭା




ମାଲକାନଗିରି,୧୭।୩(ସମିସ): ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ସଦସ୍ୟ ତଥା ମାଲକାନଗିରି ଜିଲ୍ଲା ସମ୍ପାଦକ ସ୍ୱର୍ଗତ କମ୍ରେଡ୍ ବ୍ରଜ ମାଝୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଦଳୀୟ ନେତା ଭୂପେଶ କର୍ମକାରଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଯାଇଛି। ସେ ଦୀର୍ଘ ଦୁଇ ଦଶନ୍ଧି ଧରି ସିପିଆଇ(ଏମ୍)ର ଜିଲ୍ଲା ସଙ୍ଗଠକ ଥିଲେ। ସେ ମାଲକାନଗିରି ଜିଲ୍ଲାର ଆଦିବାସୀ, ଦଳିତ, ପଛୁଆ ବର୍ଗ ନିଷେସିତ ମଣିଷର ଭରଷା ଯୋଗ୍ୟ ନେତା ଥିଲେ ବୋଲି ଦଳୀୟ ନେତାମାନେ ପ୍ରକାଶ କରିଥିଲେ। ୨୦୦୫ ମସିହାରେ ମାଲକାନଗିରି ଜିଲ୍ଲାରେ ପାର୍ଟି ଗଠନ ପ୍ରକ୍ରିୟା ତାଙ୍କ ଦ୍ୱାରା ହିଁ ଆରମ୍ଭ ହେଲା ଏବଂ ସେହି ଦିନ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ସିପିଆଇମ ପାର୍ଟିରେ ସେ ସକ୍ରିୟ ଥିଲେ। ତାଙ୍କର ମୃତ୍ୟୁ ପାର୍ଟି, ମାଲକାନଗିରି ଜିଲ୍ଲା ଆଦିବାସୀ, ଦଳିତଓ ସାଧାରଣ ଜନତାଙ୍କ ପାଇଁ ଅପୂରଣୀୟ କ୍ଷତିହୋଇଛି ବୋଲି ନେତାମାନେ କହିଛନ୍ତି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସିପିଆଇମ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ପୂର୍ବତନ ରାଜ୍ୟ ସମ୍ପାଦକ ବରିଷ୍ଠ ନେତା ଅଳିକିଶୋର ପଟ୍ଟନାୟକ, ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଜ୍ୟ ସମ୍ପାଦକ ମଣ୍ଡଳୀସଭ୍ୟ ଯୁଧିଷ୍ଠିର ବେହେରା, ରାଜ୍ୟ କମିଟି ସଭ୍ୟ ସରୋଜ ନାୟକ,ବିଜେଡି ଯୁବନେତା ରବି ରାଜେଶ, କଂଗ୍ରେସ ନେତା ଶ୍ରୀନିବାସ ରାଓ, ଦଳିତ ନେତା ଶ୍ରୀନିବାସ ରାଓ, ସନୁ ଅନୁଗୁଳିଆ, ବିଏସ୍‌ପି ନେତା ଜାରାଶବର ମାଡି, ଆଦିବାସୀ ନେତା ସାଲ ମାରାଣ୍ଡି, ନବରଙ୍ଗପୁର ନେତା ରାଜେଶ ଯାନୀ, କୋରାପୁଟ ନେତା ଚନ୍ଦ୍ର ରାଓ, କଳାହାଣ୍ଡି ନେତା ନୃପେନ ଗଙ୍ଗଦେଓ, ଜିଲ୍ଲା ସିପିଆଇ ଏମ ନେତା ରଘୁନାଥ ହନ୍ତାଳ, କୃଷ୍ଣ ପାଣ୍ଡି, ବଳରାମ ଗୋଲାରୀ, ବ୍ରଜ ମାଝୀଙ୍କ ସ୍ତ୍ରୀ ରତ୍ନୀ ମାଝୀ, ପୁତୁରା ସଂଗ୍ରାମ ନାୟକ ସହ ବହୁ ନେତା ଓ ସମର୍ଥକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ନବରଙ୍ଗପୁର-ଜୟପୁର ରେଳପଥ ପ୍ରକଳ୍ପର କ୍ଷତିପୂରଣ ବିତରଣ

# ୮ ଜଣଙ୍କୁ ୨୪୫୭୬୮୮୧୩ ଟଙ୍କା ପ୍ରଦାନ




ନବରଙ୍ଗପୁର,୧୭।୩(ସମିସ): ମଙ୍ଗଳବାର ନବରଙ୍ଗପୁର ତହସିଲଦାରଙ୍କ କାର୍ଯ୍ୟାଳୟ ପରିସରରେ ନବରଙ୍ଗପୁର ଜୟପୁର ରେଳପଥ ପ୍ରକଳ୍ପ ସକାଶେ ଭୂମି ଅଧିଗ୍ରହଣ ବାବଦ କ୍ଷତି ପୂରଣ ରାଶି ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ଲୋକସଭା ବଳଭଦ୍ର ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜମି ଅଧିଗ୍ରହଣ ଯୋଗୁଁ ଜମି ହରାଇଥିବା ୮ ଜଣ ବ୍ୟକ୍ତିଙ୍କୁ ମୋଟ ୨୪ କୋଟି ୫୭ ଲକ୍ଷ ୬୮ ହଜାର ୮୧୩ ଟଙ୍କାର ଅର୍ଥରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ, ଉପ ଜିଲ୍ଲପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ନିମନ୍ତେ ନବରଙ୍ଗପୁର ଏବଂ ନନ୍ଦାହାଣ୍ଡି ତହସିଲ ର ୬ ଟି ମୌଜାର ୬.୩୯୩ ଏକର ଜମି ଅଧିଗ୍ରହଣ କରାଯାଇଛି ଏବଂ ବଳକା ୦.୫୮୮ ଏକର ଜମିର ଅଧିଗ୍ରହଣ ପ୍ରକ୍ରିୟାରେ ଅଛି। ନବରଙ୍ଗପୁର ତହସିଲର କେଶରିଗୁଡ଼ା ମୌଜାରେ ୩୦.୧୫୫ ଏକର ଜମି ଓଡ଼ିଶା ସରକାରଙ୍କ ପାଖରେ ବିଚାରାଧିନ ଅଛି। ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶ କ୍ରମେ ଜମି ଅଧିଗ୍ରହଣ କାମ ଆରମ୍ଭ ହେବ। ଏହି ଅବସରରେ ସାଂସଦ ନିଜ ବକ୍ତବ୍ୟରେ ୨୦୧୬ ରୁ କଳ୍ପନା କରିଥିବା ନବରଙ୍ଗପୁର ରେଳପଥ ଆଜି ଆରମ୍ଭ ହୋଇଥିବା "ଜମି ଅଧିଗ୍ରହଣ କ୍ଷତି ପୂରଣ ରାଶି ବିତରଣ' କାର୍ଯ୍ୟକ୍ରମକୁ ନିଜ ଜୀବନର ଏକ ସ୍ମରଣୀୟ ଘଟଣା ହୋଇ ରହିବ ଏବଂ ଏହି ରେଳ ପ୍ରକଳ୍ପ ନବରଙ୍ଗପୁର ଜିଲ୍ଲାବାସୀଙ୍କ ବହୁ ଦିନର ଦାବି ଓ ସ୍ୱପ୍ନକୁ ପୂରଣ କରିବ ବୋଲି କହିଥିଲେ। ଜିଲ୍ଲାପାଳ ଜମି ଅଧିଗ୍ରହଣରେ ନିଜ ପୈତୃକ ଜମି ହରାଇଥିବା ବ୍ୟକ୍ତିଙ୍କୁ ଜିଲ୍ଲାର ପ୍ରଗତିରେ ନିଜର ଯୋଗଦାନକୁ ଜିଲ୍ଲାବାସୀ ସବୁଦିନ ମନେ ରଖିବେ ବୋଲି କହିବା ସହ ସରକାରଙ୍କ କ୍ଷତି ପୂରଣ ଆର୍ଥିକ ସହାୟତାରେ ସନ୍ତୁଷ୍ଟ ନ ହେଲେ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିପାରିବେ ବୋଲି କହିଥିଲେ। ପ୍ରସ୍ତାବିତ ଜୁନାଗଡ-ନବରଙ୍ଗପୁର, ନବରଙ୍ଗପୁର - ଜୟପୁର ଏବଂ ମାଲକାନଗିରି - ଭଦ୍ରାଚଳମ ମୋଟ ୪୬୦ କିମି ସ୍ୱାଧୀନ ଭାରତର ଦ୍ୱିତୀୟ ବୃହତ୍ତମ ରେଳପଥ ପ୍ରକଳ୍ପ ଅଟେ। ଏହା ୨୦୨୯ -୩୦ ସୁଦ୍ଧା ସମ୍ପୂର୍ଣ୍ଣ ହେଲେ ନବରଙ୍ଗପୁର ଜିଲ୍ଲାର ଆର୍ଥିକ ଅଭିବୃଦ୍ଧିରେ ବଡ ସହାୟକ ହେବ ବୋଲି ସାଂସଦ କହିଥିଲେ। କାର୍ଯ୍ୟକ୍ରମରେ ଜମି ହରାଇଥିବା ବ୍ୟକ୍ତି, ବରିଷ୍ଠ ଆଇନଜୀବୀ ଝାଡେଶ୍ୱର ଖାଡ଼ଙ୍ଗା, ଜ୍ୟୋତି ରଞ୍ଜନ କଂସ, ଡିଆଇପିଆରଓ ମନୋଜ ବେହେରା, ବିଡିଓ ସୁନିଲ ଖରାଙ୍କ ସମେତ ଅନେକ ଚାଷୀ, ବୁଦ୍ଧିଜୀବି, ସ୍ଥାନୀୟ ଜନ ସାଧାରଣ, ତହସିଲ କାର୍ଯ୍ୟାଳୟ କର୍ମଚାରୀ, ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ପଣସଡିହରେ ଉତ୍କଟ ପାନୀୟ ଜଳ ସଂକଟ



କୋଦଲା,୧୭ ।୩(ସମିସ): ଗ୍ରୀଷ୍ମ ପ୍ରବାହ ପୂର୍ବରୁ ଦାଉ ସାଧୁଛି ଜଳସଙ୍କଟ। ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ପାନୀୟ ଜଳର ଅଭାବ ଦେଖାଦେଉଛି। ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ବଢିବାରେ ଲାଗିଛି । ଅଧିକାଂଶ ପୋଖରୀ ସବୁ ଶୁଖି ଗଲାଣି। ବିଭିନ୍ନ ଜଳଉତ୍ସରେ ବି ଜଳ ପ୍ରବାହ ବେଶ୍ କମିଗଲାଣି। ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ କୁମ୍ଭାର ଗାଁ ପଞ୍ଚାୟତ ପଣସଡିହ ସାହିରେ ପାନୀୟଜଳର ଉତ୍କଟ ଅଭାବ ଦେଖିବାକୁ ମିଳିଛି । ଦୀର୍ଘ ୪ବର୍ଷ ଧରି ପିଇବା ପାଣି ପାଇଁ ଜୁଝି ହେଉଛନ୍ତି ସାହି ବାସିନ୍ଦା । ଗ୍ରୀଷ୍ମପ୍ରବାହ ଆରମ୍ଭ ହେତୁ ଏଠାରେ ପାନୀୟଜଳର ଘୋର ଅଭାବ ଦେଖାଦେଇଛି । ସାହିରେ ଗୋଟିଏ ନଳକୂପ ଥିବା ବେଳେ ସେଥିରୁ ବାହାରୁଛି ଗୋଳିଆ ପାଣି। ୨୫ଟି ପରିବାରକୁ ଗୋଟିଏ ନଳକୂପ । ତା ପୁଣି ସେଥିରୁ ଗୋଳିଆ ପାଣି ବାହାରୁଛି । ଯାହା ବ୍ୟବହାର ଉପଯୋଗୀ ନୁହେଁ। ସାହି ବାସିନ୍ଦା ବାଧ ହୋଇ ଗାନ୍ଧୀ ନଗର ୨ କିଲୋମିଟର ଦୂରକୁ ଯାଇ ପିଇବା ପାଣି ସଂଗ୍ରହ କରୁଛନ୍ତି ଲୋକେ । ସରକାର ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଠାରେ ସରକାରଙ୍କ ଯୋଜନା ପହଞ୍ଚି ପାରିନି । ତେବେ ଆଗକୁ ପ୍ରଚଣ୍ଡ ଖରା ଯୋଗୁଁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ ବୋଲି ଅନୁମାନ କରାଯାଉଥିବା ବେଳେ ତୁରନ୍ତ ପ୍ରଶାସନ ପକ୍ଷରୁ ହର୍ ଘର୍ ନଲ୍ ଯୋଜନାର ସାମିଲ୍ କରି ଏହି ସାହିରେ ପାନୀୟ ଜଳ ଯୋଗାଣ ପାଇଁ ଦାବି କରିଛନ୍ତି ସାହି ବାସିନ୍ଦା । ସେପଟେ ସ୍ଥାନୀୟ ସରପଞ୍ଚ କହିଛନ୍ତି ଏଦିଗରେ ବ୍ଲକ ପ୍ରଶାସନକୁ ଅବଗତ କରାଇ ପଦକ୍ଷେପ ନିଆଯିବ । ଜନସାଧାରଣଙ୍କ ସୁବିଧା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ପାଇଁ ପ୍ରଶାସନ ଯତ୍ନବାନ ହେବା ଜରୁରୀ ହୋଇପଡିଛି ।

# ବିଇଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଧରାକୋଟ,୧୭ ।୩(ସମିସ): ଧରାକୋଟ ନିକଟସ୍ଥ ଶାନ୍ତିଝର ପୀଠରେ ପୂର୍ବତନ ବିଇଓ ଅଭିମନ୍ୟୁ ସାହୁଙ୍କୁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛିଂ ଏ ଅବସରରେ ଏବିଇଓ ସୌରୀ ଶଙ୍କର ବେହେରାଙ୍କ ସଂଯୋଜନାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ବିଇଓ ରମେଶ ଚନ୍ଦ୍ର ସାହୁ, ଏବିଇଓ ବିଭୁତି ଭୁଷଣ ପାତ୍ର, ପୂର୍ବତନ ଏବିଇଓ ସିମାଞ୍ଚଳ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ସିଆରସିସି ଗୌରୀ ଶଙ୍କର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିଥି ମାନେ ବିଦାୟୀ ବିଇଓ ଅଭିମନ୍ୟୁ ସାହୁଙ୍କ କାର୍ଯ୍ୟଶୈଳୀଙ୍କୁ ପ୍ରଶଂସା କରାଯାଇଥିଲା । ସିଆରସିସି ଜଗନ୍ନାଥ ପଢ଼ିହାରି ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷଣ ଉପକରଣ ପ୍ରସ୍ତୁତି କର୍ମଶାଳା



ଧରାକୋଟ,୧୭ ।୩(ସମିସ): ଧରାକୋଟ ବ୍ଲକର ଶ୍ରୀ ରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିକ୍ଷଣ ଉପକରଣ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହେଇଯାଇଛି । କାର୍ଯ୍ୟକ୍ରମରେ ୧୪ ଜଣ ସମ୍ବଳ ଶିକ୍ଷକ ସହଯୋଗ ପ୍ରଦାନ କରିଥିଲେ। ବିଆରସିସି ସୌରୀ ଶଙ୍କର ବେହେରା ପରିଚାଳନା କରିଥିଲେ। ବିଇଓ ରମେଶ ଚନ୍ଦ୍ର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ଶ୍ରେଣୀ ଶିକ୍ଷଣ କାର୍ଯ୍ୟକୁ ସହଜ ସରଳ ଓ ଆନନ୍ଦମୟ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଧଶ୍ୟ ବୋଲି ଏଠାରେ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ବିଭୁତି ଭୁଷଣ ପାତ୍ର ଉପସ୍ଥିତ ରହିଥିବା ବେଳେ ସମସ୍ତ ସିଆରସିସି ସହଯୋଗ ପ୍ରଦାନ କରିଥିଲେ ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ



ଭଞ୍ଜନଗର,୧୭ ।୩(ସମିସ): ଓଡିଶା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଆନୁକୂଲ୍ୟରେ ଏକ ବୈଠକ ସଂଘ ସଭାପତି ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ବିଶିଷ୍ଟ ଅତିଥିଭାବେ ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଉପସଭାପତି ପର୍ଶୁରାମ ସ୍ୱାଇଁ, ସାଧାରଣ ସମ୍ପାଦକ ଅନୁପମ ବାନାର୍ଜୀ, ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଅମର ବିଳାସ ବେହେରା ଓ ସନ୍ତୋଷ କୁମାର ଜେନା ଯୋଗଦେଇ ସରକାରଙ୍କ ଦ୍ୱାରା ପାରିତ ଭେଲିଡେସନ ଆକ୍ଟ-୨୦୨୫ ର ଆଭିମୁଖ୍ୟ ଓ କଳା ଆଇନର କାର୍ଯ୍ୟ ଧାରାକୁ ବିରୋଧ କରିଥିଲେ। ସାଧାରଣ ସମ୍ପାଦକ ଅନୁପମ ବାନାର୍ଜୀ ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ ଗତ ବୈଠକର ବିବରଣୀ ପାଠ ପରେ ସର୍ବ ସଂମତି କ୍ରମେ ଗୃହୀତ ହୋଇଥିଲା । ପିତାମ୍ବର ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ । କୋଷାଧକ୍ଷ ସୁବାସ ଚନ୍ଦ୍ର ତାରିଣୀ ଶାନ୍ତିପାଠ କରିଥିଲେ ।

**ଆଶାରେ କଟୁଛି ବୟସର ଅପରାହ୍ଣ**

# ଭତ୍ତା ଅପେକ୍ଷାରେ ଗଞ୍ଜାମ ଜିଲ୍ଲାର ୬୫ହଜାର ହିତାଧିକାରୀ

ବ୍ରହ୍ମପୁର,୧୭ ।୩(ସମିସ):

ବୟସର ଅପରାହ୍ନରେ ସରକାରୀ ସହାୟତାର ତଥା ବାର୍ଦ୍ଧକ୍ୟ ଭତ୍ତା ଆଶା ନେଇ ଗଞ୍ଜାମ ଜିଲ୍ଲାର ହଜାର ହଜାର ବୃଦ୍ଧ, ବୃଦ୍ଧା ଓ ଦିବ୍ୟାଙ୍ଗ ମାସାଧିକ ଅପେକ୍ଷାରେ ଦିନ କାଟୁଛନ୍ତି। ଏଭଳି ଭାବେ ଦିନ ପରେ ଦିନ ବିତୁଛି। ସେମାନଙ୍କ ଆଶା ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ଜିଲ୍ଲାରେ ମଧୁ ବାବୁ ପେନସନ ଯୋଜନା(ଏମବିପିୱାଇ) ଭତ୍ତା ପାଇବା ଅପେକ୍ଷାରେ ୬୫,୦୫୫ ଜଣ ହିତାଧିକାରୀ ରହିଛନ୍ତି। ଏହାସହିତ ୮୦ବର୍ଷରୁ ଉଦ୍ଧ୍ୱର୍ ୫୦୬ଜଣ ବୃଦ୍ଧ ମଧ୍ୟ ଏହି ଯୋଜନାର ଲାଭ ପାଇବାକୁ ଆଶା ରହିଛନ୍ତି। ଏହା ସହ ଭିନ୍ନକ୍ଷମ ଭତ୍ତା ପାଇଁ ମଧ୍ୟ ଜିଲ୍ଲା ମୋଟ ୨୬୮ ଜଣ ହିତାଧିକାରୀ ଅପେକ୍ଷାରେ ରହିଥିବା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ଉତ୍ତର ରଖିଛନ୍ତି। ଏହିବର୍ଗର ଲୋକମାନଙ୍କ ପାଇଁ ଭତ୍ତା ହେଉଛି ଜୀବନଜୀବିକାର ମୂଳ ଆଧାର, କିନ୍ତୁ ବିଳମ୍ବ ସେମାନଙ୍କ ଜୀବନକୁ କଷ୍ଟକର କରିଦେଇଛି। ଏମବିପିୱାଇ ଯୋଜନା ୮୦ବର୍ଷରୁ ଉଦ୍ଧ୍ୱର୍ ବୃଦ୍ଧ ଓ ବୃଦ୍ଧା ଏବଂ ଭିନ୍ନକ୍ଷମ ଭତ୍ତା ବାବଦକୁ ୮୦ଭାଗରୁ ଅଧିକ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ମାସିକ ୩ହଜାର ୫ଶହ ଟଙ୍କା ପ୍ରଦାନ କରାଯାଉଛି। କିନ୍ତୁ ଉପରୋକ୍ତ ହିତାଧିକାରୀମାନେ ଦୀର୍ଘ ମାସ ହେବ ଭତ୍ତା ନିମନ୍ତେ ଆବେଦନ କରିଥିବା ବେଳେ ଏପର୍ଯ୍ୟନ୍ତ ସେମାନେ ଟଙ୍କା ପାଇନାହାନ୍ତି। ଏଭଳି ଭାବେ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ବର୍ଗର ମୋଟ ୬୫ହଜାର ୮୨୯ଜଣ ହିତାଧିକାରୀ ଭତ୍ତା ଅପେକ୍ଷାରେ ରହିଛି। ସରକାରୀ ସହାୟତା ଉପରେ ନିର୍ଭରଶୀଳ ଏହି ଲୋକମାନଙ୍କ ପାଇଁ ବିଳମ୍ବରେ ଭତ୍ତା ପ୍ରଦାନ ଅର୍ଥନୈତିକ ସମସ୍ୟାକୁ ଆହୁରି ଗଭୀର କରିଛି। ବୃଦ୍ଧ ଓ ଅସହାୟ ଲୋକମାନଙ୍କ ପାଇଁ ଏହି ଭତ୍ତା ଯେଉଁଠାରେ ଜୀବନର ଆଶା ହୋଇଥିବା ବେଳେ ଏହାର ବିଳମ୍ବ ସେମାନଙ୍କ ପାଇଁ ଦୁଃଖର କାରଣ ହୋଇରହିଛି। ଯୋଜନାର ନିୟମ ନୀତି ଅନୁଯାୟୀ ହିତାଧିକାରୀ ମାନେ ଉପଯୁକ୍ତ ରହିଥିବା ବେଳେ ପ୍ରକୃତ ଲାଭ ପାଇବାରେ ବିଳମ୍ବ ହେବାରୁ ବୃଦ୍ଧ ଓ ଭିନ୍ନକ୍ଷମ ଲୋକମାନେ ଅନେକ କଷ୍ଟ ସହିବାକୁ ବାଧ ହେଉଥିବା ଅଭିଯୋଗ ହୋଇଛି । ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ଯୋଗ୍ୟ ହିତାଧାରୀଙ୍କୁ ଯଥାଶୀଘ୍ର ଭତ୍ତା ମଞ୍ଜୁର କରିବାକୁ ଦାବି ଉଠିଛି । ଏନେଇ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଆବେଦନଗୁଡିକ ଯାଞ୍ଚ ପ୍ରକ୍ରିୟାରେ ରହିଛି ଏବଂ ଶିଘ୍ର ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଦେବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ।


# ମହାବାରୁଣୀ ସ୍ନାନ; ରଷିକୂଲ୍ୟାରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ପୁରୁଷୋତ୍ତମପୁର,୧୭ ।୩(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପ୍ରତାପପୁର ସ୍ଥିତ ତୁମ୍ବେଶ୍ୱର ଶୈବ ପୀଠ ସମ୍ମୁଖରେ ପୁଣ୍ୟତୋୟା ରଷିକୂଲ୍ୟା ନଦୀ ଉତ୍ତର ମୁହାଁ ଭାବେ ପ୍ରବାହିତ ହୋଇଛି। ଏଣୁ ମହାବରୁଣୀ ସ୍ନାନ ଲାଗି ଏହା ଶ୍ରଦ୍ଧାଳୁଙ୍କ ଲାଗି ଉତ୍କୃଷ୍ଟ ସ୍ଥାନ ହୋଇଛି । ପ୍ରତିବର୍ଷ ଚୈତ୍ରମାସ କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ଏହି ଯୋଗ ପଡିଥାଏ। ମଙ୍ଗଳବାର କିମ୍ବା ଶନିବାର ଯଦି ଏହି ତିଥି ପଡେ ତାହା ହେଲେ ମହାବାରୁଣୀ ବୁଡ ମନେକରି ପ୍ରବଳ ଜନସମାଗମ ହୋଇଥାଏ। ଏହିକ୍ରମରେ ଚଳିତବର୍ଷ ମଙ୍ଗଳବାର ମହାବାରୁଣୀ ସ୍ନାନ ଯୋଗ ପଡିଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ ପାରିଛନ୍ତି । କିମ୍ବଦନ୍ତୀ ରହଛି ଯେ, ପ୍ରଭୁ ଶ୍ରୀ ରାମଚନ୍ଦ୍ର ଦଣ୍ଡାକାରାଣ୍ୟ ଯିବା ସମୟରେ ରଷିକୁଲ୍ୟାରେ ସ୍ନାନ କରି ତଟବର୍ତ୍ତୀ ଅଞ୍ଚଳରେ ଶିବ ମନ୍ଦିର ମାନ ପ୍ରତିଷ୍ଠା କରିଥିଲେ। ସେଥିମଧ୍ୟରୁ ତୁମ୍ବେଶ୍ୱର ମହାଦେବଙ୍କ ପୀଠ ଅନ୍ୟତମ। ଏଠାରେ ବୁଡପକାଇ ତିଳତର୍ପଣ, ଅସ୍ଥିବିସର୍ଜନ, ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ଶ୍ରାଦ୍ଧ କଲେ ତିନି କୁଳ ଉଦ୍ଧାର ହୁଏ ବୋଲି ବିଶ୍ୱାସ ରହିଛି । ଶ୍ରଦ୍ଧାଳୁ ବଡି ଭୋରରୁ ହିଁ ରଷିକୂଲ୍ୟାରେ ବୁଡପାରିବା ଆରମ୍ଭ କରି ଦେଇଥିଲେ । ସନ୍ଧ୍ୟା ଯାଏଁ ଏହା ଲାଗି ରହିଥିଲା । ସୋମବାର ସନ୍ଧ୍ୟାରୁ ହଜାର ହଜାର ଶ୍ରଦ୍ଧାଳୁ ତୁମ୍ବେଶ୍ୱର ପୀଠରେ ପହଞ୍ଚିଛନ୍ତି। ପୁରୁଷୋତ୍ତମପୁର ତହସିଲଦାର ତଥା ତୁମ୍ବେଶ୍ୱର ମନ୍ଦିରର ଟ୍ରଷ୍ଟି ବିନୋଦ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ସରପଞ୍ଚ ଦାଶ ବେହେରା,



ଆଇନଜୀବୀ ଗୌରୀ ଶଙ୍କର ରାଉଳ, ସମାଜସେବୀ ରମେଶ ଚନ୍ଦ୍ର ଗୌଡ, ପୂର୍ବତନ ସରପଞ୍ଚ କାହ୍ନୁଚରଣ ନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ରହି ଦୂରଦୂରାନ୍ତରୁ ଆସିଥିବା ଲୋକମାନଙ୍କ ପାଇଁ ରନ୍ଧାଖାଦ୍ୟ ପ୍ରଦାନ କରିଥିଲେ । ମନ୍ଦିର ସେବାୟତ ମାନେ ସେମାନଙ୍କ ନୀତିକାନ୍ତି ଆରମ୍ଭ କରିବା ପରେ ସ୍ନାନ ଆରମ୍ଭ ହୋଇଥିଲା । ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୁରୁଷୋତ୍ତମପୁର ପୁଲିସ ଉପଖଣ୍ଡ ଅଧିକାରୀ ସୁଜିତ କୁମାର ନାୟକ, ଥାନା ଅଧିକାରୀ କୁଳମଣି ସେଠିଙ୍କ ସହ ପୁଲିସ ଫୋର୍ସ ମୁତୟନ ରହିଥିଲେ। ଜନ ସମାଗମ ଓ ଅନ୍ୟ କାରଣରୁ ଆମ୍ବୁଲାନ୍ସ ମଧ୍ୟ ରାସ୍ତାରେ ଘଣ୍ଟା ଘଣ୍ଟା ଅଟକି ରହିଥିଲା । ସେହିପରି ପାଣ୍ଡିଆ, ଜାମୁନି ଗ୍ରାମର ରଷିକୂଲ୍ୟା ନଦୀ ତଟରେ ମଧ୍ୟ ଶ୍ରଦ୍ଧାଳୁ ମହାବାରୁଣୀ ସ୍ନାନରେ ବୁଡ ପାରିଛନ୍ତି ।


# ଜାତୀୟସ୍ତରୀୟ ଇଣ୍ଡିଆନ ଆର୍ଟ କ୍ୟାମ୍ପ୍‌ରେ ଭାଗ ନେଲେ ଓଡିଶାର ପ୍ରଥମ ଟ୍ରାନ୍ସ ଉମେନ ଚିତ୍ରଶିଳ୍ପୀ ସମୀରା ନାୟକ



ଖଲ୍ଲିକୋଟ,୧୭ ।୩(ସମିସ): ବେଙ୍ଗାଲୁରୁଠାରେ ଆୟୋଜିତ ଜାତୀୟସ୍ତରୀୟ ଇଣ୍ଡିଆନ ଆର୍ଟ କ୍ୟାମ୍ପରେ ଓଡିଶାର ପ୍ରଥମ ଟ୍ରାନ୍ସ ଉମେନ ଚିତ୍ରଶିଳ୍ପୀ ସମୀରା ନାୟକ ଭାଗ ନେଇ ପଟ୍ଟଚିତ୍ର ମାଧ୍ୟମରେ ଓଡିଶାର ପାରମ୍ପରିକ ଚିତ୍ରକଳା ଉପସ୍ଥାପିତ କରିଛନ୍ତି। ସମୀରା ନିକଟରେ ଅସ୍ତ୍ରୋପଚାର କରି ପୁଅରୁ ଝିଅ ହୋଇଥିଲେ। ସମୀରରୁ ସମୀରା ପାଲଟିଥିବା ଓଡିଶାର ପ୍ରଥମ ଟ୍ରାନ୍ସ ଉମେନ ଚିତ୍ରଶିଳ୍ପୀ ଖଲ୍ଲିକୋଟ ସରକାରୀ ଚାରୁ ଓ କାରୁକଳାରେ ଅଧ୍ୟାୟନ ଶେଷ କରି ବର୍ତ୍ତମାନ ସେହି କଲେଜରେ ଅତିଥି ଅଧ୍ୟାପିକା ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କର ଦୃଢ ଇଚ୍ଛା ଶକ୍ତି ଓ ମନୋବଳ ଯୋଗୁଁ ଚିତ୍ରକଳା କ୍ଷେତ୍ରରେ ସେ ସଫଳତା ଆଡକୁ ଅଗ୍ରସର ହେଉଛନ୍ତି। ନେସନାଲ କ୍ୟାମ୍ପ ଅନ ଇଣ୍ଡିଆନ ଆର୍ଟରେ ମନୋନୀତ ହୋଇ ଓଡିଶାର ପଟ୍ଟଚିତ୍ରକୁ ରଙ୍ଗ ତୁଳି ମାଧ୍ୟମରେ ଦର୍ଶାଇଛନ୍ତି ସମୀରା। ଏହି କ୍ୟାମ୍ପରେ ଭାଗ ନେବାପାଇଁ ସେ ଅନଲାଇନ ମାଧ୍ୟମରେ ନିଜର ୫ଗୋଟି ଅଙ୍କିତ ଚିତ୍ରକୁ ପଠାଇଥିଲେ। ଆୟୋଜକମାନେ ଚିତ୍ରକୁ ଦେଖି କ୍ୟାମ୍ପରେ ଭାଗ ନେବାକୁ ମନୋନୀତ କରିଥିଲେ। ସମୀରାଙ୍କ ସହିତ ଖଲ୍ଲିକୋଟ ଆର୍ଟ କଲେଜରୁ ଆଉ ୬ଜଣ ଛାତ୍ରଛାତ୍ରୀ ମଧ୍ୟ ଏହି କ୍ୟାମ୍ପ ରେ ଭାଗ ନେଇଥିବା ଜଣାପଡ଼ିଛି। ବେଙ୍ଗାଲୁରୁ କ୍ୟାମ୍ପରେ ମୋଟାମୋଟି ଭାବେ ପଞ୍ଚତନ୍ତ୍ରର ୮୪ଷ୍ଟୋରୀ ୧୦ଗୋଟି ଆର୍ଟ ଫର୍ମରେ ଆୟୋଜିତ ହୋଇଥିବା ବେଳେ ସେ ମଧ୍ୟରୁ ଓଡିଶାର ପଟ୍ଟଚିତ୍ର ବି ସାମିଲ ଥିଲା । ସାରା ଭାରତରୁ ୨୪୦ଜଣ ଚିତ୍ରଶିଳ୍ପୀ ମନୋନୀତ ହୋଇ ଆସିଥିବା ବେଳେ ସେମାନଙ୍କ ମଧ୍ୟରେ ସମୀରା ଥିଲେ ଏକମାତ୍ର ଟ୍ରାନ୍ସ ଉମେନ ଚିତ୍ରଶିଳ୍ପୀ। ଆୟୋଜକଙ୍କ ତରଫରୁ ସମସ୍ତ ଅଂଶଗ୍ରହଣ କରିଥିବା ଚିତ୍ରଶିଳ୍ପୀଙ୍କୁ ୧୦ହଜାର ଟଙ୍କା ଏବଂ ଯିବା ଆସିବାର ଖର୍ଚ୍ଚ ବି ଦିଆଯାଇଥିଲା । ଭାରତ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ବେଙ୍ଗାଲୁରୁ ସ୍ଥିତ ଚାଣକ୍ୟ ବିଶ୍ୱବିଦ୍ୟାଳୟ ଆୟୋଜିତ କରିଥିଲେ। ୧୫ଦିନ ଧରି ଚାଲିଥିବା ଏହି କ୍ୟାମ୍ପରେ ଚିତ୍ର ସହିତ ନାଚ ଗୀତ ଆଉ ବାହାରକୁ ବୁଲିବାର ସୁଯୋଗ ମିଳିଥିଲା ବୋଲି ସମୀରା କହିଛନ୍ତି ।

**● ଏସ୍‌ସିବି ଅଗ୍ନିକାଣ୍ଡ ପରେ ବି ନିଘା ନାହିଁ**

# ବଡ଼ ଅଘଟଣ ଅପେକ୍ଷାରେ ଏମ୍‌କେସିଜି ପ୍ରଶାସନ: ଚନ୍ଦ୍ରଶେଖର



ପୂର୍ବରୁ ବହୁବାର ସିଲିଂ ଖସିବା ଓ ସଟ୍ ସର୍କିଟ ଯୋଗୁଁ ଅନେକେ ହୋଇଛନ୍ତି ଆହତ

ବ୍ରହ୍ମପୁର,୧୭ ।୩(ସମିସ): କଟକ ଏସସିବି ମେଡିକାଲରେ ଅଗ୍ନିକାଣ୍ଡ ଘଟି ୧୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ମୃତ୍ୟୁ ପରେ ଏମକେସିଜି ମେଡିକାଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଛି ପ୍ରଶ୍ନ। ରୋଗୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେଡି ରାଜ୍ୟ ଉପ ସଭାପତି ଚନ୍ଦ୍ରଶେଖର ସାହୁ। ବଡ ବଡ କୋଠା ନିର୍ମାଣ କରି ଭିତ୍ତିଭୂମିର ବିକାଶ କରିଦେଲେ ନୁହେଁ ବରଂ ସୁରକ୍ଷା ଉପରେ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯିବା ଜରୁରୀ। ଏମକେସିଜି ମେଡିକାଲର ନୂତନ କୋଠାରେ ପୂର୍ବରୁ ଅନେକ ଥର ସିଲିଂ ଖସିବା ଓ ସଟ ସର୍କିଟ ଜନିତ ଅଗ୍ନିକାଣ୍ଡ ହେବା ଓ ସେଥିରେ ଆହତ ହେବାର ନଜିର ମଧ୍ୟ ରହିଛି। ଏଣୁ ଏସିବି ଘଟଣା ପରେ ଏମକେସିଜି ହସ୍ପିଟାଲରେ ଯେ ଆଗକୁ ସେଭଳି କିଛି ନହେବ ତାହା କହିବା ମୁସକିଲ। କେବଳ କୌଣସି ଘଟଣା ଘଟିଲେ ହିଁ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଉଥିବା ବେଳେ କିଛିଚ ଦିନର ବ୍ୟବଧାନରେ ସମସ୍ତେ ଚୁପ ହୋଇଯାଉଥିବା ଦେଖିବାକୁ ମିଳୁଛି। ସାଧାରଣତଃ ସୁସ୍ଥ ହେବା ଆଶାରେ ଅସୁସ୍ଥ ବା ରୋଗୀ ଭର୍ତ୍ତି ହୋଇଥାନ୍ତି ହସ୍ପିଟାଲରେ। ଆଉ ଯେତେବେଳେ ଖୋଦ୍ ସରକାରୀ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟି ଜଣେ କିମ୍ବା ଦୁଇଜଣ ନୁହଁନ୍ତି ବରଂ ୧୦ରୁ ଉଦ୍ଧ୍ୱର୍ ରୋଗୀ ଜୀବନ୍ତ ଦଗ୍ଧ ହୋଇପାରନ୍ତି ତେବେ । ଦାୟୀ କରିବା କାହାକୁ । ଏଭଳି ସ୍ଥିତିରେ ନିଜ ଭାଗ୍ୟକୁ ଆଦରି ଚୁପ ରହିବା ବ୍ୟତିତ ଅନ୍ୟ କିଛି ଉପାୟ ମଧ୍ୟ ନାହିଁ । ରାଜ୍ୟରେ ଏଭଳି ଘଟଣା ପ୍ରଥମ ଥର ପାଇଁ ନୁହେଁ ବରଂ ନିୟମିତ ବ୍ୟବଧାନରେ ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲରେ ଘଟିବାରେ ଲାଗିଛି । କୋଟି କୋଟି ଟଙ୍କା ବ୍ୟୟରେ ବିରାଟକାୟ କୋଠା ନିର୍ମାଣ କରାଯାଉଥିଲେ ହେଁ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉନାହିଁ । ଯଦିଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ରହିଛି ସେନେଇ କାହାରିକୁ ତାଲିମ ଦିଆଯାଉନାହିଁ କିମ୍ବା ନିୟମିତ ବ୍ୟବଧାନରେ ଉକ୍ତ ବ୍ୟବସ୍ଥା କାର୍ଯ୍ୟକ୍ଷମ ଅଛି କିମ୍ବା ନାହିଁ ତାହାମଧ୍ୟ ଯାଞ୍ଚ କରାଯାଉନାହିଁ । ଏଣୁ ଏମକେସିଜି ମେଡିକାଲରେ ଆଗକୁ ଯେଭଳି ଅନୁରୂପ କୌଣସି ଅଘଟଣ ନଘଟେ ସେଥିପ୍ରତି ଉଭୟ ମେଡିକାଲ ଓ ଜିଲ୍ଲା ପ୍ରଶାସନ ଆଗୁଆ ପଦକ୍ଷେପ ନେବା ଜରୁରୀ ବୋଲି ଦାବି କରିଛନ୍ତି ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ ।

**● ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା**

# ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲାରୁ ୩୦୦ଶ୍ରଦ୍ଧାଳୁ ପୁରୀ ଅଭିମୁଖେ ଯାତ୍ରା କଲେ



ଛତ୍ରପୁର,୧୭ ।୩(ସମିସ): ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ଦ୍ୱିତୀୟପର୍ଯ୍ୟାୟରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ପ୍ରାୟ ୩୦୦ଜଣ ଶ୍ରଦ୍ଧାଳୁ ମାନେ ୧୦ଟି ସୁସଜ୍ଜିତ ଶୀତତାପ ନିୟନ୍ତ୍ରିତ ବସରେ ଛତ୍ରପୁରରୁ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ସ୍ଥାନୀୟ ନୂତନ ବସଷ୍ଟାଣ୍ଡଠାରେ ବସଗୁଡିକୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ପୁରୀ ଅଭିମୁଖେ ଯାଇଥିଲା । ଏହାକୁ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଉପସ୍ଥିତ ରହି ପତାକା ଦେଖାଇ ଶୁଭଆରମ୍ଭ କରିଥିଲେ। ଏ ଅବସରରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଡ଼ ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ ତରାଇ, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡାକ୍ତର ସ୍ୱାଧୀନ ରଥ, ଓଏସଆରଟିସି ଜିଲ୍ଲା ସଂଯୋଜକ ବିଶ୍ୱରଞ୍ଜନ ମହାନ୍ତି, ଡିସ୍ଟ୍ରିକ ମ୍ୟାନେଜର ବ୍ରହ୍ମପୁର ଡିପୋ ଅରବିନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ଏସ୍କର୍ଟ ଅଫିସର ଓ ପାରା ମେଡିକାଲ ଷ୍ଟାଫ ସାଥିରେ ଯାଇଛନ୍ତି। ଏହି ଯୋଜନାରେ ସମସ୍ତଙ୍କୁ ପୁରୀର ବୃନ୍ଦାବତୀ ନିବାସରେ ସମସ୍ତ ବ୍ୟବସ୍ଥା, ମହାପ୍ରସାଦ ସେବନ ଏବଂ ନିରାମିଷ ଭୋଜନର ବ୍ୟବସ୍ଥା କରାଯାଇଛି। ଏହି ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକ, ବିଧବା ମହିଳା, ଆର୍ଥିକ ଦୁର୍ବଳ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ପୁରୀ ଶ୍ରୀମନ୍ଦିରକୁ ନିଶୁଳ୍କ ଯାତ୍ରା ସୁବିଧା ଯୋଗାଇ ଦିଆଯାଇଛି । ଏ ଅବସରରେ ଶ୍ରଦ୍ଧାଳୁଙ୍କୁ ତୀର୍ଥ ଯାତ୍ରା ସମୟରେ ଆବଶ୍ୟକୀୟ ସାମଗ୍ରୀ ବଣ୍ଟନ କରାଯାଇଥିଲା । ସେମାନେ ସମସ୍ତ ସୁବିଧା ପାଇଁ ସଂଜୁ ବେହେରା ଓ ଭିକାରି ବିଷୋୟୀ ଏବଂ ଅନ୍ୟାନ୍ୟ ହିତାଧିକାରୀ ମାନେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ ।

# ଭଞ୍ଜନଗରରେ ବିଶ୍ୱ ଖାଉଟି ଦିବସ




ଭଞ୍ଜନଗର,୧୭ ।୩(ସମିସ): ବିଶ୍ୱ ଖାଉଟି ଦିବସ ପାଳନ ଅବସରରେ ଉପଭୋକ୍ତା ଓକିଲାତି ସଂଘ ବୋର୍ଡ, ଅବସରପ୍ରାପ୍ତ ସୈନିକ ସଂଘ, ଗ୍ରାହକ ପଞ୍ଚାୟତ ମିଳିତ ସହଯୋଗରେ ଭଞ୍ଜନଗର କାରଗିଲା ଭବନ ଠାରେ ଗ୍ରାହକ ଦିବସକୁ ସଭାପତିତ୍ୱ ଏମକେ ସ୍ୱାଇଁ କରିଥିଲେ । ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଖାଉଟି ସୁରକ୍ଷା ଆଇନ, ସମସ୍ତ ସରକାରୀ ଓ ଘରୋଇ ବ୍ୟବସାୟ ଅନୁଷ୍ଠାନରେ ଗୁଡିକରେ ଖାଉଟିଙ୍କ ଅଧିକାର ଓ କର୍ତ୍ତବ୍ୟ ଓଡିଆ ଭାଷାରେ ଲେଖିବା ଉପରେ ଗୁରୁତ୍ୱ ଦେଇଥିଲେ ଓ ସମ୍ମାନୀୟ ଅତିଥି ଭାବେ ଯୋଗାଣ ବିଭାଗର ଅଧିକାରୀ ସୁଭଶ୍ରୀ ଜେନା ଯୋଗଦେଇ ଥିଲେ । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଭିଷିକା ଯୋଗୁଁ ଖାଉଟି ବେହାଲ ହେଉଥିବାବେଳେ ଏଜେଣ୍ଟ ମାନେ ମାଲାମାଲ ହେଉଥିବା ଅଭିଯୋଗ ହୋଇଥିଲା । ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ପେଟ୍ରୋଲ ପମ୍ପ ମାଲିକ ଓ ଗ୍ୟାସ ଏଜେନ୍ସି ମାନେ ମାନୁନାହାନ୍ତି। ଏଣୁ ପ୍ରଶାସନ ଅବିଳମ୍ବେ କାର୍ଯ୍ୟ କରିବା ପାଇଁ ଖାଉଟି ଅଭିଯୋଗ କରିଥିଲେ ।

# ତାଲା ବନ୍ଦ ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

ଛତ୍ରପୁର,୧୭ ।୩(ସମିସ): ଘରେ ତାଲା ପଡିଥିବା ବେଳେ କଳାକନା ବୁଲାଇଲେ ଚୋର । ଛତ୍ରପୁର ଥାନା ଅଧିନ ବଡମାଧପୁର ଗ୍ରାମର ଏନ୍.ନାରାୟଣ ରେଡିଙ୍କ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ସୋମବାର ଘରେ କେହିନଥିବାର ସୁଯୋଗ ନେଇ ବିଳମ୍ବିତ ରାତିରେ ନାରାୟଣଙ୍କ ଘରର ପଛପଟେ ଆସି ତାଲା ଓ କବାଟ ଭାଙ୍ଗି ଘରେ ଭିତରେ ପସିଥିଲେ। ପରେ ଆଲମିରା ଭାଙ୍ଗି ସୁନାର ହାର, ମଙ୍ଗଳସୂତ୍ର ଆଦି ୭ ଭରି ସୁନା,୧୦ ଭରି ରୂପା ଅଳଙ୍କାର ଏବଂ ୧୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି । ଏପରିକି ଘରର ବିଭିନ୍ନ ସାମଗ୍ରୀ ଏଣେତେଣେ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି । ମଙ୍ଗଳବାର ସକାଳୁ ନାରାୟଣ ଆସି ଦେଖିଲା ବେଳକୁ ଘରେ ଚୋରି ହୋଇଥିବା ଜାଣି ତୁରନ୍ତ ଛତ୍ରପୁର ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ନ କରିଥିବା ବେଳେ ଚୋରଙ୍କ ଟେର ପାଇପାରିନି ।

**ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା**

# ଦ୍ୱିତୀୟ ପାଳିରେ ମା’ଙ୍କ ମହାଲକ୍ଷ୍ମୀ ବେଶ

ପୁରୁଷୋତ୍ତମପୁର,୧୭ ।୩(ସମିସ):



ଗଞ୍ଜାମ ଜିଲ୍ଲାର ଇଷ୍ଟ ଦେବୀ ମା’ ତାରାତାରିଣୀଙ୍କ ଦ୍ୱିତୀୟ ପାଳି ଚୈତ୍ର ମଙ୍ଗଳବାର ଯାତ୍ରା ସଂପୂର୍ଣ ହୋଇଛି । ମହାଲକ୍ଷ୍ମୀ ବେଶରେ ମା’ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଗୋଟିଏ ଦିନରେ ମହାବରୁଣୀ ବୁଡ ଓ ତାରାତାରିଣୀଙ୍କ ମଙ୍ଗଳବାର ପାଳି ପଡିଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସୋମବାର ଅପରାହ୍ନ ଠାରୁ ମା’ଙ୍କ ପୀଠ ଚଳଚଞ୍ଚଳ ହୋଇ ଉଠିଥିଲା । ସୋମବାର ରାତିରୁ ମାଁଙ୍କ ମନ୍ଦିରକୁ ସୁନ୍ଦର ରଙ୍ଗିନ ଫୁଲ ଓ ଆଲୋକରେ ପ୍ରଶାସନ ପକ୍ଷରୁ ସଜ୍ଜିତ କରାଯାଇଥିଲା । ଖରାକୁ ଡରି ପ୍ରାତଃରୁ ପ୍ରବଳ ଜନସମାଗମ ହୋଇ ପାହାଡ଼ ଚତୁଃପାଶ୍ୱର୍ ଲୋକାରଣ୍ୟ ହୋଇପଡିଥିଲା । ଯାତ୍ରାକୁ ଦୃଷ୍ଟିରେ ରଖି ସେବାୟତ ମାନେ ନୀତି କାନ୍ତି ରେ ପରିବର୍ତ୍ତନ କରି ରାତି ୧.୩୦ମିନଟରେ ମନ୍ଦିର ଦ୍ୱାର ଫିଟା ହୋଇ ରିତିନୀତି ଅନୁସାରେ ମଙ୍ଗଳ ଆଳତି, ମାଜଣା, ସିଙ୍ଗାର, ଅବକାଶ ସହ ପଞ୍ଚସୂତ୍ର ଅଭିଶେକ ଆଦି ପରମ୍ପରା ଅନୁସାରେ କରାଯାଇ ମା’ତାରାତାରିଣୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜ୍ଜିତ କରାଯାଇଥିଲା । ୪ଟାରେ ସାହାଣ ମେଲା ହୋଇ ମା’ ତାରାତାରିଣୀ ମହାଲକ୍ଷ୍ମୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଏହା ସହ ରାତି ୩ଟାରୁ ମୁଣ୍ଡନ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଶାସନ ପକ୍ଷରୁ ପାହାଡ଼ ପାଦଦେଶରେ ୪ଟି ମୁଣ୍ଡନ ଶାଳା କରାଯାଇଥିଲା । ବହୁ ଦୂରଦୂରାନ୍ତରୁ ଭକ୍ତ ମାନେ ମା’ଙ୍କୁ ଦର୍ଶନ କରିବା ନିମନ୍ତେ ମନ୍ଦିରକୁ ଛୁଟି ଆସିଥିଲେ। ନିଜର ସନ୍ତାନ ମାନଙ୍କର ମନସ୍କାମନା ପୂର୍ଣ୍ଣ ହେବା ଲାଗି ମାନସିକଧାରୀ ମାନେ ମୁଣ୍ଡନ କରିଥିଲେ। ସେହିପରି ଅନେକ ଭକ୍ତ ୯ ୯ ୯ ପାହାଚ ଚଢ଼ି, ରୋପୱେ ଯୋଗେ ଯାଇ ମା’ଙ୍କୁ ଦର୍ଶନ କରୁଛନ୍ତି। ଚୈତ୍ର ଯାତ୍ରା ସମୟରେ ମା’ଙ୍କୁ ଦର୍ଶନ କଲେ ସମସ୍ତ ପ୍ରକାରର ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଭକ୍ତଙ୍କ ରହିଛି ଅତୁଟ ବିଶ୍ୱାସ । ଆଉ ଏହି ବିଶ୍ୱାସକୁ ଆଧାର କରି ଦୀର୍ଘ ବର୍ଷ ଧରି ଚାଲିଛି ମାଙ୍କ ଚୈତ୍ର ଯାତ୍ରା ।ସେବାୟତ ସଂଘ ର ସଭାପତି ତପନ କୁମାର ରଣା, ବାପୁଜୀ ରଣା ସମେତ ସମସ୍ତ ସେବାୟତ ମାନେ ଉପସ୍ଥିତ ରହି ମାଙ୍କ ମହାଆଳତୀ, ପୂଜାର୍ଚ୍ଚନା କରିବାରେ ଲାଗିଛନ୍ତି । ସେପଟେ କିଭଳି ଶାନ୍ତି ଶୃଙ୍ଖଳାର ସହ ମା’ଙ୍କ ଚୈତ୍ର ଯାତ୍ରା ଶେଷ ହେବ ସେ ନେଇ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।। ପୁରୁଷୋତ୍ତମପୁର ଅଗ୍ନିଶମ ବାହିନୀ ଓ ସ୍ୱେଚ୍ଛାସେବୀ ପକ୍ଷରୁ ପାଣି ସିଞ୍ଚନ କରାଯାଉଥିଲା। ଭକ୍ତ ମାନଙ୍କୁ ଯେଭଳି କୌଣସି ଅସୁବିଧା ନ ହୁଏ ସେଥିନିମନ୍ତେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ବରିଷ୍ଠ ପୋଲିସ ଅଧିକାରୀ, ପୁରୁଷୋତ୍ତମପୁର ଏସଡିପିଓ ସୁଜିତ କୁମାର ନାୟକ, ଥାନା ଅଧିକାରୀ କୁଳମଣି ସେଠି , ଉପଜିଲ୍ଲାପାଳ ଶୁଭାଶିଷ ବରାଳ, ବିଡିଓ ଶରତ କୁମାର ପାତ୍ର, ମନ୍ଦିର ନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା ସମେତ ବରିଷ୍ଠ ଅଧିକାରୀ ବହୁ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ରହି ମାଁଙ୍କ ଯାତ୍ରାକୁ ତଦାରଖ କରୁଥିଲେ ।ବିଭିନ୍ନ ସ୍ଥାନରେ ପୋଲିସ ଅଧିକାରୀ ଉପସ୍ଥିତ ରହି ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯାଇଥିଲା ।ଏହା ସତ୍ତ୍ୱେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସ୍ୱେଚ୍ଛାସେବୀ ସଂଗଠନ , ମୁଣ୍ଡନ କେନ୍ଦ୍ର, ଦର୍ଶନ ସ୍ଥାନରେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଦୁଇ ଜେଲ୍ ଫେରନ୍ତା ଗୋଷ୍ଠୀ ମୁହାଁମୁହିଁ

ବ୍ରହ୍ମପୁର,୧୭ ।୩(ସମିସ): ସହର ଉପକଣ୍ଠ ଦକ୍ଷିଣପୁର ଗ୍ରାମରେ ଦୁଇ ଜେଲଫେରନ୍ତ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ମଧ୍ୟରେ ଏକାଧିକ ଥର ହଣାମରା ସହ ଜଣଙ୍କର ମୁଣ୍ଡ ମଧ୍ୟ ଗଡିଥିଲା । ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁର ଗ୍ରାମରେ ବୁଲୁ ନାହାକ ଓ ଭବାନୀ ସାହୁ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ରହି ଆସିଛି । ଉଭୟ ଗୋଷ୍ଠୀ ମଧ୍ୟରେ ଏକାଧିକ ଥର ଆକ୍ରମଣ-ପ୍ରତିଆକ୍ରମଣ ହୋଇଛି । ୨୦୨୪ମସିହା ସେପ୍ଟେମ୍ବର ୧୬ତାରିଖରେ ଭବାନୀର ସହଯୋଗୀ ଅର୍ଥାତ ଲାଞ୍ଜିଆ ଗ୍ରାମର ଶିବାଶିଷ ଚୌଧୁରୀ ଓରଫ ଶିବାଙ୍କୁ ହତ୍ୟା ପରେ ଡେଙ୍ଗାପଦର ବଜାର ଛକ ନିକଟସ୍ଥ ପୋଖରୀରେ ଫୋପାଡି ଦିଆଯାଇଥିଲା । ଏହି ଘଟଣାରେ ସଦର ଥାନା ପୁଲିସ ଦକ୍ଷିଣପୁର ଗ୍ରାମର ଦୁର୍ଦ୍ଧାନ୍ତ ଅପରାଧୀ ସନ୍ତୋଷ ଗୌଡ଼ଙ୍କ ସମେତ ୫ରୁ ଉର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଏହି ହତ୍ୟା ବେଳେ ନକଲି ମଦ କାରବାର ମାମଲାରେ ଗିରଫ ହୋଇ ଜେଲରେ ଥିଲେ ଦକ୍ଷିଣପୁରର ରାମକୃଷ୍ଣ ନାହାକ ଓରଫ ବୁଲୁ । ପୁଲିସ ବୁଲୁଙ୍କୁ ମଧ୍ୟ ଶିବା ହତ୍ୟା ମାମଲାରେ ଯୋଡିଥିଲା । ଦକ୍ଷିଣପୁର ଗ୍ରାମର ନୀଳମାଧବ ସାହୁ ଓରଫ ଭବାନୀ ଓ ଶିବାଶିଷ ଚୌଧୁରୀ ଦୁହେଁ ପୂର୍ବରୁ ଦୁଇ ଘନିଷ୍ଠ ବନ୍ଧୁ ଥିଲେ । ଶିବା ହତ୍ୟା ଘଟଣାକୁ ଭବାନୀ ସହଜରେ ଗ୍ରହଣ କରିପାରୁନଥିଲେ ।

ବନ୍ଧୁ ଶିବା ହତ୍ୟା ଓ ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ଭବାନୀ ବୁଲୁଙ୍କୁ ଜୀବନରୁ ମାରିବା ପାଇଁ ଯୋଜନା କରିଥିଲା । ସେହିକ୍ରମରେ ୨୦୨୫ମସିହା ମେ ୧୬ତାରିଖ ସନ୍ଧ୍ୟାରେ ବୁଲୁ ବ୍ରହ୍ମପୁର ସର୍କଲ ଜେଲରୁ ଜାମିନରେ ମୁକୁଳୁଥିବା ଭବାନୀ ଜାଣିବାକୁ ପାଇଥିଲେ । ପ୍ରତିଶୋଧ ନେବା ପାଇଁ ଭବାନୀ ନିଜର କିଛି ସହଯୋଗୀଙ୍କ ସହିତ ମିଶି ବୁଲୁଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ସହ ଯୋଜନା କରିଥିଲେ । ଉକ୍ତ ସନ୍ଧ୍ୟାରେ ହିଁ ଭବାନୀ ଓ ତାର ସହଯୋଗୀମାନେ ମିଶି ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳେ ବୋମା ଓ ଖଣ୍ଡା ରଖିଥିଲେ । ବୁଲୁ ଜେଲରୁ ବାହାରିବା ମାତ୍ରେ ତାଙ୍କୁ ବୋମାମାଡ଼ କରି ଖଣ୍ଡାରେ ଆକ୍ରମଣ କରିଥାନ୍ତେ । କିନ୍ତୁ ତା ପୂର୍ବରୁ ପୁଲିସ ଖବରପାଇ ଘଟଣା ସ୍ଥଳରୁ ୩ଟି ବୋମା ଓ ୫ଟି ଖଣ୍ଡା ଜବତ କରିଥିଲା । ଯାହା ଫଳରେ ଭବାନୀଙ୍କ ଷଡଯନ୍ତ୍ର ବିଫଳ ହୋଇଥିଲା । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଭବାନୀଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା । ବର୍ତ୍ତମାନ ଭବାନୀ ଓ ତାଙ୍କ ସହଯୋଗୀମାନେ ସର୍ତ୍ତମୂଳକ ଜାମିନରେ ରହିଥିବା ବେଳେ ବୁଲୁ ମଧ୍ୟ କୋର୍ଟଙ୍କ ସର୍ତ୍ତମୂଳକ ଜାମିନରେ ମୁକୁଳିଥିବା ଜଣାପଡିଛି ।

ଉଭୟ ଗୋଷ୍ଠୀର ସଦସ୍ୟ ସର୍ତ୍ତମୂଳକ ଜାମିନରେ ରହିଥିଲେ ହେଁ ପୂର୍ବଶତ୍ରୁତାକୁ ଭୁଲି ନପାରି ପ୍ରତିଶୋଧ ନେବା ପାଇଁ ବହୁ ଷଡଯନ୍ତ୍ର ରଚିଥିବା ସୂଚନା । ଉଭୟଙ୍କ ମଧ୍ୟରେ ଶତ୍ରୁତା ବୃଦ୍ଧି ପାଉଥିବା ହେତୁ ବାରମ୍ବାର ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଛି । ବର୍ତ୍ତମାନ ଭାବନିଙ୍କୁ ଆକ୍ରମଣ ହୋଇଛି । ସେ ଚିକିତ୍ସା ନିମନ୍ତେ ମେଡ଼ିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି । ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିଲେ ମଧ୍ୟ ପୁଲିସ ସୋସିଆଲ ମିଡ଼ିଆରେ ଘୁରି ବୁଲୁଥିବା ପୋଷ୍ଟକୁ ନେଇ ତଦନ୍ତ କରୁଥିବା ଜଣାପଡ଼ିଛି ।

## କଂଗ୍ରେସ କମିଟି (ପୂର୍ବ) ସମବାୟ ପ୍ରକୋଷ୍ଠର ସାଧାରଣ ବୈଠକ




ବ୍ରହ୍ମପୁର,୧୭ ।୩(ସମିସ): ବାପୁଜୀ ଆଶ୍ରମ ପରିସରରେ ସମବାୟ ପ୍ରକୋଷ୍ଠର ପ୍ରଥମ ପରିବର୍ଦ୍ଧିତ ସାଧାରଣ ବୈଠକ ସମବାୟ ସେଲ ଉପାଧ୍ୟକ୍ଷ ତଥା ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ) ଉପସଭାପତି ବୃନ୍ଦାବନ ଖଟେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥିଭାବେ ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ ) ସଭାପତି ରଶ୍ମୀ ରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ରାଘବ ପରିଡା, ପୂର୍ବତନ ଗୋପାଳପୁର ବିଧାୟକ ତ୍ରିନାଥ ବେହେରା, ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ) ଉପସଭାପତି ପ୍ରମୁଖ ମଂଚାସୀନ ଥିଲେ । ଲୋକଙ୍କ ନିକଟରେ ପହଞ୍ଚିବା କାର୍ଯ୍ୟକ୍ରମକୁ ପ୍ରତ୍ୟେକ ପଞ୍ଚାୟତରୁ ୧୦ଜଣ ସମବାୟବିତ ଚୟନ କରିବା ସହିତ ଜିଲ୍ଲାର ଦୁଇଟି ଜୋନରେ ଜିଲ୍ଲାସ୍ତରୀୟ ସମ୍ମିଳନୀ କରିବା ନେଇ ଏଠାରେ ଆଲୋଚନା କରାଯାଇଛି । ଜିଲ୍ଲା ସମବାୟ ଅଧିକାରୀ ଓ ପ୍ରଶାସନର ଚରମ ଅବହେଳାରୁ ଜିଲ୍ଲାର ୫ଲକ୍ଷ ପଞ୍ଜିକୃତ ଚାଷୀ ନପାଇ ଧାନ ମଣ୍ଡିରେ ପ୍ରଦାନ କରିପାରିନାହାନ୍ତି ବୋଲି ଏଠାରେ ଉଦବେଗ ପ୍ରକାଶ ପାଇଛି । ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ଚାଷୀକୁ ଟୋକେନ ପ୍ରଦାନ କରିବା ସହିତ ସେମାନଙ୍କ ଧାନକୁ ମାର୍ଚ୍ଚ ୩୧ସୁଦ୍ଧା ଧାନ ସଂଗ୍ରହ କରିବାକୁ ଏଠାରେ ଦାବି କରାଯାଇଛି । ସେହିଭଳି ସମବାୟ ସୂତାକଳ ପ୍ରତିଷ୍ଠା ଏବଂ ଆସିକା ଚିନିକଳର ଶତପ୍ରତିଶତ ପୁନଃରୁଦ୍ଧାର କରିବା, ପ୍ରତି ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା, କୃଷି ଋଣ ଛାଡ଼ କରିବାକୁ କଂଗ୍ରେସ ଦାବି କରିଛି । କାର୍ଯ୍ୟକ୍ରମରେ ସମବାୟବିତ ପିତାମ୍ବର ଗୌଡ଼, ପଞ୍ଚାନନ ପଟ୍ଟନାୟକ, ଭଗବାନ ପଟ୍ଟନାୟକ, ଦିବାକର ଜେନା, ରବୀନ୍ଦ୍ର ମହାରଣା, ବିକ୍ରମ ମହାରଣା, ପି. ରାମା ରାଓ, ପ୍ରବୀର ସାବତ, ଉମାକାନ୍ତ ସାସମଲ, ରବି ମହାରଣାଙ୍କ ସମେତ ବିଭିନ୍ନ ବ୍ଲକର ସମବାୟବିତ ଯୋଗ ଦେଇଥିଲେ ।

## ବିଇଏମ୍‌ସି ପକ୍ଷରୁ ନୂତନ କମିସନରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବ୍ରହ୍ମପୁର,୧୭ ।୩(ସମିସ): ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ହୋଇଥିଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀଙ୍କ ସମେତ ସମସ୍ତ କର୍ପୋରେଟରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଯାହା ଥିଲା ପୂର୍ବତନ ବିଇଏମସି କମିଶନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍ ଓ ନୂତନ କମିଶନର ଏ. ସଓ୍ୟା ରେଡ୍ଡୀଙ୍କ ପାଇଁ ଉତ୍ସର୍ଗୀକୃତ ।



ପୂର୍ବତନ କମିଶନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍ ମାତ୍ର ୯ମାସର କାର୍ଯ୍ୟକାଳ ମଧ୍ୟରେ ବେଶ ଲୋକପ୍ରିୟ ହୋଇପାରିଥିଲେ । ନିଜେ ବିଭିନ୍ନ ୱାର୍ଡକୁ ତଥା ପ୍ରକଳ୍ପ ସ୍ଥାନକୁ ଯାଇ ସେଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେବା ସହିତ ବହୁ ନୂତନ ପ୍ରକଳ୍ପର ପରିକଳ୍ପନା ମଧ୍ୟ କରିଥିଲେ । ତେବେ ଖୁବ୍ କମ୍ ଦିନର ରହଣୀ ପରେ ତାଙ୍କର ବଦଳିକୁ କେହି ସହଜରେ ଗ୍ରହଣ କରିପାରିନାହାନ୍ତି । ଆଇଏଏସ ଅଧିକାରୀ ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍ ବର୍ତ୍ତମାନ ମାଲକାନଗିରିର ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେହିଭଳି ନୂତନ କମିଶନର ତଥା ୨୦୨୧ମସିହାର ଆଇଏଏସ ଅଧିକାରୀ ଏ. ସସ୍ୟା ରେଡ୍ଡୀଙ୍କ ଠାରୁ ମଧ୍ୟ ସହର ଓ ନିଗମ ବେଶ କିଛି ଆଶା କରୁଛି । ଏଣୁ ତାଙ୍କୁ ସ୍ୱାଗତ ଜଣାଇବା ସହିତ ପୂର୍ବ କମିଶନରଙ୍କୁ

### ପୂର୍ବ କମିସନରଙ୍କୁ ବିଦାୟ

ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇବା ପାଇଁ ବିଇଏମସି ପକ୍ଷରୁ ଏହି ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା । ଉଭୟଙ୍କୁ ନିଗମ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଓ ଉପହାର ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଯାଇଥିଲା । ଏହି ଅବସରରେ ବିଇଏମସିର ସମସ୍ତ କର୍ପୋରେଟର, ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ନିଗମର ମେୟର ଓ କର୍ପୋରେଟରଙ୍କ ସମେତ ସହରବାସୀଙ୍କ ସହଯୋଗରେ କମ୍ ଦିନର ସମୟ ଭିତରେ ବେ ବ୍ରହ୍ମପୁର ସହିତ ନୂଆ ସମ୍ପର୍କ ଯୋଡି ପାରିଥିବା କହିଛନ୍ତି ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍ । ସେହିଭଳି ନୂତନ କମିଶନର ଭାବେ ଦାୟିତ୍ୱ ନେଇଥିବା ଏ.ସସ୍ୟା ରେଡ୍ଡୀ ସହରରେ ନିଗମ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ଜାରି ରହିବ ଓ ସମସ୍ତଙ୍କ ସହଯୋଗରେ ଓ ପରାମର୍ଶରେ ସହରର ବିକାଶ କାର୍ଯ୍ୟକୁ ଆଗେଇ ନିଆଯିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଅର୍ବାନ କୋପରେଟିଭ ବ୍ୟାଙ୍କ ସଭାପତି ଆର. ମୂରଲୀ ମୋହନ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

ଆଶାକର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

## ସିଡିଏମ୍‌ଓ କାର୍ଯ୍ୟାଳୟ ସମ୍ମୁଖରେ ଦମ୍ପତିଙ୍କ ଧାରଣା



ଆମରଣ ଅନଶନରେ ସ୍ୱାମୀ

ବ୍ରହ୍ମପୁର,୧୭ ।୩(ସମିସ): କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆଶାକର୍ମୀ ଚୟନ ପ୍ରକ୍ରିୟାରେ ଅନିୟମିତତା ରହିଥିବା ସହ ଏଥିରେ ଲକ୍ଷାଧିକ ଟଙ୍କା କାରବାର ହୋଇଥିବା ଅଭିଯୋଗ ହୋଇଛି । ଚୟନ କମିଟି ପକ୍ଷରୁ ଯୋଗ୍ୟ ପାର୍ଥୀଙ୍କୁ ବାଦ ଦେଇ ଅଯୋଗ୍ୟ ପାର୍ଥୀଙ୍କୁ ଚୟନ କରିଥିବା ଜଗଦଲପୁର ଗ୍ରାମର ଆବେଦନକାରୀ ସଞ୍ଜୁକ୍ତା କୁମାରୀ ସାହୁଙ୍କ ସ୍ୱାମୀ ପବିତ୍ର ଦାସ ଅଭିଯୋଗ କରିଛନ୍ତି । ଘଟଣାକୁ ନେଇ ସେ ବହୁବାର କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ(ସିଡ଼ିଏମଓ) ଙ୍କୁ ନିକଟରେ ଅଭିଯୋଗ କରିଛନ୍ତି । ଏହା ପରେ ମଧ୍ୟ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଇନଥିବାରୁ ମଙ୍ଗଳବାର ଉଭୟ ସ୍ୱାମୀ ଓ ସ୍ତ୍ରୀ ସିଡ଼ିଏମଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ଦାବି ପୁରଣ ନହେବା ପର୍ଯ୍ୟନ୍ତ ସ୍ୱାମୀ ପବିତ୍ର ଦାସ ଆମରଣ ଅନଶନ କରିବେ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୩୦ ଅଗଷ୍ଟ ୨୦୨୪ ମସିହାରେ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଜଗଦଳପୁର ଅଞ୍ଚଳରର ଅଙ୍ଗନବାଡ଼ି-୬ ଅଞ୍ଚଳର ଆଶା ପଦବି ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଆବେଦନକାରୀ ଏହି ଅଞ୍ଚଳର ହେବାର ନିୟମ ରହିଥିଲା । ଏହାର ଶେଷ ତାରିଖ ୯ ସେପ୍ଟମ୍ବର ୨୦୨୪ ମସିହା ରହିଥିଲା । ଏହି ପ୍ରକ୍ରିୟାରେ ଅଭିଯୋଗ ଆଣିଥିବା ସଂଯୁକ୍ତା କୁମାରୀ ସାହୁଙ୍କ ସହ ମୋଟ ୧୫ଜଣ ଆବେଦନ କରିଥିଲେ । କିନ୍ତୁ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଆବେଦନ କରିନଥିବା ଅନ୍ୟ ଜଣେ ମହିଳାଙ୍କୁ ପ୍ରକ୍ରିୟା ବାହାରେ ତାଙ୍କୁ ଆଶାରୂପେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚୟନ କରିଥିବା ପବିତ୍ର ଅଭିଯୋଗ କରିଛନ୍ତି । ନିୟୋଜିତ ଉକ୍ତ ମହିଳାଙ୍କ ନାମ ସହ ଅନ୍ୟାନ୍ୟ ଦସ୍ତାବିଜରେ ତ୍ରୁଟି ରହିଛି । ଚୟନ ହୋଇଥିବା ମହିଳା ଜଣଙ୍କ ଆବେଦନ ପତ୍ର ଓ ହସ୍ତାକ୍ଷର ଅଲଗା ଅଲଗା ରହିଥିବା ବେଳେ ଚଳୟ କମିଟି ଏହାକୁ କିପରି ଅନୁମତି ଦେଲେ ତାହା ଏକ ବଡ଼ ପ୍ରଶ୍ନ ଉଠାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶସନର ବିଭିନ୍ନ ଅଧିକାରୀଙ୍କ ଅନୁକମ୍ପାରେ ତାଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ସଂଯୁକ୍ତା କୁମାରୀ ସାହୁ ଅଭିଯୋଗ ଆଣିଛନ୍ତି । ଏହି ଅଭିଯୋଗର ବିଭାଗୀୟ ତଦନ୍ତ ସହ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ଅଭିଯୋଗକାରୀ । ଅନ୍ୟପକ୍ଷେ ସମସ୍ତ ପ୍ରକାର ନିୟମ ଅନୁସାରେ ଚୟନ ପ୍ରକ୍ରିୟା ଶେଷ ହୋଇଛି । ପବିତ୍ର ଦାସଙ୍କ ଅଭିଯୋଗ ଆଧାରରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରାଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭବାନୀ ମିଶ୍ର କହିଛନ୍ତି ।

ହାରି ନାହିଁ 'ହିରୋ'

## ୧୪ ବର୍ଷ ନାବାଳକ ମୁଣ୍ଡରେ ପରିବାରର ୧୦ଜଣଙ୍କ ବୋଝ

- ପରିବାର ପ୍ରତିପୋଷଣ ଯୋଗୁଁ ୯ମ ଶ୍ରେଣୀ ପାଠପଢାରେ ବନ୍ଧା ହୋଇଛି ଡୋରି
- ୬ଷ୍ଠ ଶିଶୁପୁତ୍ରକୁ ଜନ୍ମ ଦେଇ ହସ୍ପିଟାଲରେ ମା, ସଂଘର୍ଷ ଜାରି ରଖିଛନ୍ତି ୮୫ବର୍ଷିୟ ଜେଜେ'ମା
- ରୋଜଗାରରେ ବାଧକ ସାଜିଛି ଶିଶୁ ଅଧିକାର ସୁରକ୍ଷା ଆଇନ, କରିବ କ'ଣ?

ବ୍ରହ୍ମପୁର,୧୭ ।୩(ସମିସ): ରୋଜଗାରର ବାଟ ଓଗାଳିଛି ଖୋଦ୍ 'ଆଇନ' । ଶିଶୁ ଅଧିକାର ସୁରକ୍ଷା ଆଇନ ଯୋଗୁଁ ନିଜ ପରିବାର ସଦସ୍ୟଙ୍କ ପାଇଁ ମଧ୍ୟ ରୋଜଗାର କରିବାରୁ ବଞ୍ଚିତ ରହିଛି ନାବାଳକ ଜଣକ । ୧୪ବର୍ଷିୟ ନାବାଳକ 'ହିରୋ' (ଛଦ୍ମନାମ) ହିରୋଙ୍କ ମୁଣ୍ଡ ଉପରେ ରହିଛି ୧୦ଜଣ ସଦସ୍ୟ ବିଶିଷ୍ଟ ବିରାଟ ପରିବାରର ବୋଝ । ପରିବାର କହିଲେ ୮୫ବର୍ଷିୟ ଜେଜେ'ମା ଉଲ୍ଲି ସାହୁ । ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ନାବାଳକ ହିରୋଙ୍କ ବାପା ବସନ୍ତ କୁମାର ସାହୁ ରୋଜଗାର କରିବାକୁ ଅକ୍ଷମ । ମା ସୁକାନ୍ତୀ ସାହୁ । ଯାହାଙ୍କ ଔରସରୁ ପୂର୍ବରୁ ହିରୋଙ୍କୁ ମିଶାଇ ୫ଟି ସନ୍ତାନ ଥିବାବେଳେ ସୋମବାର ଦିନ ଏମକେସିଜି ମେଡିକାଲରେ ୬ଷ୍ଠ ସନ୍ତାନକୁ ଜନ୍ମ ଦେଇଛନ୍ତି ହିରୋଙ୍କ ମାଆ । ଫଳରେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ବାପା ରୋଜଗାରକ୍ଷମ ନଥିବାରୁ ମା ଘରେ କିଛି ପିଠା ଓ ଦାନ୍ତିକିଲି ଓ ସୁପୁଲୁ ଭଳି ଖାଦ୍ୟ ସାମଗ୍ରୀ ଘରେ ପ୍ରସ୍ତୁତ କରୁଥିବା ବେଳେ ପରିବାରର ବଡପୁଅ 'ହିରୋ' ସେଗୁଡିକୁ ବିଭିନ୍ନ ଥାନା ଓ କୋର୍ଟ ଏପରିକି ରାସ୍ତାଘାଟରେ ବିକ୍ରି କରି ଘର ଚଳାଇବାରେ ମାଙ୍କୁ ସହଯୋଗ କରି ଆସୁଥିଲା । ହିରୋକୁ ଯେତେବେଳେ ୧୧ବର୍ଷ ବୟସ ହୋଇଥିଲା ସେବେଠାରୁ ତାହା ମୁଣ୍ଡରେ ପରିବାର ପ୍ରତିପୋଷଣର ବୋଝ ପଡିଛି । ହିରୋର ଘର ବ୍ରହ୍ମପୁର ଉପକଣ୍ଠ ତଥା ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ପଞ୍ଚାୟତର ରାମପଲ୍ଲୀ ଗ୍ରାମ । ଗାଁରୁ ବ୍ରହ୍ମପୁରକୁ ଆସିବା ପାଇଁ ଅର୍ଥ ବାଧକ ସାଜିଥିବା ବେଳେ କୌଣସି ସାଧନ ମଧ୍ୟ ନାହିଁ । ଫଳରେ ହିରୋ ନିୟମିତ ଅନ୍ୟ ଲୋକଙ୍କୁ ଲିଫ୍ଟ ମାଗି ଅଥବା ଚାଲି ଚାଲି ବ୍ରହ୍ମପୁରକୁ ଆସି ବିକ୍ରୀବଟା କରି ପୁଣି ସନ୍ଧ୍ୟାରେ ଘରକୁ ଫେରିଥାଏ । ତେବେ ମା ଗର୍ଭବତୀ ହେବା ପରଠାରୁ ବର୍ତ୍ତମାନ ପ୍ରସବ ପରେ ଘର ବା ପରିବାର ଚଳାଇବାକୁ କୌଣସି ବ୍ୟବସ୍ଥା ନାହିଁ । ତଥାପି ହାରି ନାହିଁ 'ହିରୋ' । ପରିବାର କହିଲେ ବାପା, ମା, ୮୫ବର୍ଷିୟ ଜେଜେମା, ନିଜେ 'ହିରୋ' ଓ ତା ସାଙ୍ଗକୁ ୧୧ବର୍ଷିୟ, ୯ବର୍ଷିୟ, ୬ବର୍ଷିୟ, ୩ବର୍ଷିୟ ଏବଂ ନବଜାତ ଶିଶୁ । ବାପାଙ୍କ ସହିତ ମା ଓ ଜେଜେମାଙ୍କ ମେଡିକାଲ ଖର୍ଚ୍ଚ ସହିତ କୁନି କୁନି ଭାଇମାନଙ୍କ ଦୈନନ୍ଦିନ ଖର୍ଚ୍ଚ । ସବୁକିଛି ତୁଲାଇବାକୁ ପଡୁଛି ନାବାଳକ 'ହିରୋ'କୁ । ତେବେ ବିକ୍ରୀବଟା ପାଇଁ ମାଙ୍କ ପ୍ରସ୍ତୁତି ଖାଦ୍ୟ ସାମଗ୍ରୀ ନଥିବା ବେଳେ ବଢି ଯାଇଛି ସମସ୍ୟା ଆଉ ଖର୍ଚ୍ଚ ଭାର । ଅପେକ୍ଷା କେବଳ କେତେଶୀଘ୍ର ମାଁ ହସ୍ପିଟାଲରୁ ଘରକୁ ଫେରିବେ ଆଉ ପୂର୍ବଭଳି ଖାଦ୍ୟସାମଗ୍ରୀ ପ୍ରସ୍ତୁତ କଲେ ଦୁଇପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିବେ । ତେବେ ଇତି ମଧ୍ୟରେ ତାଙ୍କ ଉପରେ ଦାଉ ସାଜିଛି ଶିଶୁ ଅଧିକାର ସୁରକ୍ଷା ଆଇନ । ନିଜ ପରିବାରର ଗୁଜରଣ ପାଇଁ ସେ ବିକ୍ରୀବଟା କରୁଥିବା ବେଳେ ତାଙ୍କୁ ଆଟକ କରିଛି ଶ୍ରମ ବିଭାଗ । ଯାହା ସବୁଠାରୁ ଚିନ୍ତାର ବିଷୟ । ସେପଟେ ହଟଗୁଳାପଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୯ମ ଶ୍ରେଣୀରେ ପାଠପଢୁଥିବା 'ହିରୋ'କୁ ଡୋରି ବାନ୍ଧିବାକୁ ପଡିଛି । ଚଳିତ ଥର ୩ଟି ପରୀକ୍ଷା ଦେଇଥିବା ବେଳେ ଅନ୍ୟ ୩ଟି ବିଷୟରେ ପରୀକ୍ଷା ଦେବା ସମ୍ଭବପର ହୋଇନଥିବା ସେ ସୂଚନା ଦେଇଛନ୍ତି । 'ହିରୋ'ଙ୍କ ପାରିବାରିକ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଦିର୍ଘ ଦିନରୁ ବ୍ରହ୍ମପୁରର ଯୁବ ଆଇନଜୀବୀ ସରୋଜ ଗୌଡ ତାଙ୍କୁ ସହାୟତା ଯୋଗାଇ ଆସୁଛନ୍ତି । 'ହିରୋ'ଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବାପରେ ଅନେକ ବ୍ୟକ୍ତି ଓ ସଙ୍ଗଠନ ସହଯୋଗ ବଢାଇବାକୁ ଆଗେଇ ଆସିଛନ୍ତି । ଏପରିକି ଖୋଦ୍ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଦୁଇଟି ପର୍ଯ୍ୟାୟରେ 'ହିରୋ'ଙ୍କ ପରିବାରକୁ ୨୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିବା କହିଛନ୍ତି ନିଜେ 'ହିରୋ' । ନାବାଳକ 'ହିରୋ' ପ୍ରକୃତରେ ଜଣେ 'ହିରୋ' । ଏଭଳି ବିଷୟବସ୍ତୁ ବା ଷ୍ଟୋରୀକୁ ନେଇ ବହୁ ଚଳଚ୍ଚିତ୍ର ନିର୍ମାଣ କରାଯାଇଥିବା ବେଳେ ଏହା ହେଉଛି ଏକ ନିଛକ ଦୃଶ୍ୟ । ନାବାଳକ 'ହିରୋ'ର ବୟସ ମାତ୍ର ୧୪ବର୍ଷ ହୋଇଥିବା ବେଳେ ତାଙ୍କୁ ସାବାଳକ ହେବା ପର୍ଯ୍ୟନ୍ତ ସଂଘର୍ଷ କରିବାକୁ ହେବ । ତେବେ ତାଙ୍କର ସଂଘର୍ଷରେ ଗୁଣ୍ଡୁଚି ମୂଷା ଭଳି ଯେ କେହି ବଦାନ୍ୟ ବ୍ୟକ୍ତି ଚାହିଁଲେ ସହାୟତାର ହାତ ବଢାଇ ତାଙ୍କୁ ସହଯୋଗ କରିପାରିବେ । ସେପଟେ କିନ୍ତୁ ପ୍ରଶାସନ ପକ୍ଷରୁ ମଧ୍ୟ ସହାୟତା ପ୍ରଦାନ କରିବା ସହିତ ନାବାଳକ 'ହିରୋ'ଙ୍କୁ ସମ୍ମାନର ସହିତ ତାଙ୍କ ପରିବାର ଗୁଜରଣ ପାଇଁ ଅନୁମତି ଦେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

ଦାଦାବଟିକୁ ନେଇ ଜମି ବ୍ୟବସାୟୀଙ୍କୁ ଆକ୍ରମଣ

## ପୂର୍ବତନ କର୍ପୋରେଟର୍‌ଙ୍କ ପୁଅ ସମେତ ୨ ଗିରଫ



ବ୍ରହ୍ମପୁର,୧୭ ।୩(ସମିସ): ଦାଦାବଟି ନଦେବାରୁ ଜମି ବ୍ୟବସାୟୀ ତ୍ରିବେଣୀ ନଗରର ସୂର୍ଯ୍ୟନାରାୟଣ ବେହେରା ଓରଫ ପିଣ୍ଟୁଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ବଡବଜାର ଥାନା ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବଡ଼ବଜାର ରାଉତପେଟା ସାହି ନିବାସୀ ତଥା ପୂର୍ବତନ କର୍ପୋରେଟରଙ୍କ ପୁଅ ଶୁଭମ ମାଝୀ(୨୩) ଏବଂ ପୁରୁଷୋତ୍ତମପୁର ବର୍ତ୍ତୁଲୁ ଗ୍ରାମର ଆଲୋକ ମଲ୍ଲିକ(୨୭) । ସେମାନଙ୍କ ନିକଟରୁ ପୁଲିସ ଆକ୍ରମଣରେ ବ୍ୟବହୃତ ଏକ ଧାରୁଆ ଲୁହା ଖଣ୍ଡା ଏବଂ ଏକ କଳା ରଙ୍ଗର ବୁଲେଟ୍ ଜବତ କରିଛି । ସୂଚନାଯୋଗ୍ୟ ଯେ, ମାର୍ଚ୍ଚ ୧୧ ରାତି ପ୍ରାୟ ୮ଟା୧୫ ବେଳେ ପିଣ୍ଟୁ ଗଙ୍ଗାଧର ନଗର ଛକ ନିକଟରେ ଛିଡ଼ା ହୋଇଥିବା ବେଳେ ଅଭିଯୁକ୍ତମାନେ ବୁଲେଟରେ ଆସି ତାଙ୍କ ଉପରକୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ । ପୂର୍ବରୁ ହୋଇଥିବା ଏକ ଜମି କାରବାରର ଲାଭାଂଶରୁ ଶୁଭମ ମାଝୀ ଦାଦା ବଟି ମାଗିଥିଲେ । ସୂର୍ଯ୍ୟନାରାୟଣ ମନା କରିବାରୁ ଶୁଭମ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘଟଣା ଦିନ ଉଭୟ ଅଭିଯୁକ୍ତ ସୂର୍ଯ୍ୟନାରାୟଣଙ୍କୁ ଗୋଡାଇ ଗୋଡାଇ ହାଣିଥିଲେ । ତାଙ୍କ ହାତ, କହୁଣି ଓ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା । ଏ ନେଇ ବଡବଜାର ଥାନାରେ ଏକ ମାମଲା ରୁଜୁ ହେବା ସହ ବ୍ରହ୍ମପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା । ପୁଲିସ ଅଭିଯୁକ୍ତ ଶୁଭମଙ୍କୁ ଚିକିଟି ବ୍ଲକର ବାଲକୁମାରୀ ମନ୍ଦିର ନିକଟରୁ ଗିରଫ କରିଥିଲେ । ଦୁଇ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଟାଉନ ଥାନାରେ ହତ୍ୟା ଉଦ୍ୟମ ଓ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଭଳି ସଂଗୀନ ମାମଲା ରହିଛି । ଆଜି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି ।

## ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ; ପୁତୁରା ଗୁରୁତର

ବ୍ରହ୍ମପୁର, ୧୭।୩(ସମିସ): ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁର ଛକରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁତୁରା ଆହତ ହୋଇଛନ୍ତି । ମୃତ ମହିଳା ଜଣଙ୍କ ଦିଗପହଣ୍ଡି ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମର ବନିତା ମହାଙ୍କଡ଼(୪୦) । ସେହିପରି ଆହତ ଯୁବକ ଜଣଙ୍କ ତାଙ୍କ ଭାଇଙ୍କ ପୁଅ ରିଙ୍କୁ ଗୌଡ଼ (୨୧) । ପୋଲିସ ମୃତ ମହିଳାଙ୍କ ଭାଇ ବସନ୍ତ ଗୌଡ଼ଙ୍କ ଅଭିଯୋଗ ଆଧାରରେ ୧୩୮/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଏକ ଅଜଣା ଗାଡ଼ି ଧକ୍କାରେ ଉକ୍ତ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଆହତ ରିଙ୍କୁ ଏବେ ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି । ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ଉକ୍ତ ବନିତା ଓ ତାଙ୍କ ପୁତୁରା ଏକ ଭୋଜିରେ ଯୋଗ ଦେବା ପାଇଁ ଲାଠି ଆସିଥିଲେ । ଭୋଜି ଖାଇସାରି ସେମାନେ ଏକ ସ୍କୁଟି ନଂ (ଓଡି ୦୭ ଏ ଏମ - ୦୬୯୧) ରେ ଘରକୁ ଫେରୁଥିଲେ । ଦକ୍ଷିଣ ପୁର ଛକରେ ବିପରୀତ ଦିଗରୁ ଆସୁଥିବା ଏକ କାର ତାଙ୍କ ସ୍କୁଟିକୁ ସମ୍ମୁଖ ପଟୁ ଧକ୍କା ଦେଇ ଚାଲିଯାଇଥିଲା । ରାସ୍ତା ଉପରେ ଉଭୟ ବନିତା ଓ ତାଙ୍କ ପୁତୁରା କଚାଡ଼ି ହୋଇ ପଡିଥିଲେ । ମହିଳାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଆହତଙ୍କୁ ଏମକେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ବନିତାଙ୍କ ମୃତ୍ୟ ଘୋଷଣା କରିଥିଲେ । ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ଭାଇଙ୍କୁ ହସ୍ତାନର କରିଛି ପୋଲିସ ।

## ଯୁବକଙ୍କୁ ଛୁରିମାଡ଼ ଘଟଣାର ଭିଡିଓ ଭାଇରାଲ୍; ଦୁଇ ଅଟକ

ବ୍ରହ୍ମପୁର,୧୭ ।୩(ସମିସ): ସୋମବାର ରାତିରେ ସ୍ଥାନୀୟ ସୁବାରାଓ ଛକ ନିକଟସ୍ଥ ଖ୍ରୀଷ୍ଟିଆନ ସାହିରେ ଦିନେଶ କୁମାର ପଣ୍ଡା ନାମକ ଜଣେ ଯୁବକଙ୍କୁ ଛୁରାମାଡ଼ କରି ଦୁର୍ବୃତ୍ତମାନେ ଚମ୍ପଟ ମାରିଛନ୍ତି । ଖ୍ରୀଷ୍ଟିଆନ ସାହି ନିବାସୀ ବିଜେପି ଯୁବନେତା ସନ୍ଦୀପ କୁମାର ସାହୁ ଓରଫ ମୋଗଲିଙ୍କ ଘର ସମ୍ମୁଖରେ ଦିନେଶକୁ ମରଣାନ୍ତକ ଆକ୍ରମଣ ହୋଇଛି । ଆକ୍ରମଣରେ ଆହତ ହୋଇ ସେ ବଡ଼ ମେଡ଼ିକାଲରେ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାପଡ଼ିଛି । ଆକ୍ରମଣ ମାମଲାରେ ପୁଲିସ ଦୁଇଜଣଙ୍କୁ ଅଟକ ରଖି ପ୍ରଚରାଉଚରା କରୁଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ, ସୋମବାର ରାତିରେ ଦିନେଶ ପଣ୍ଡା ଯୁବନେତା ମୋଗଲିଙ୍କ ଘରକୁ ଯାଇଥିଲେ । ମୋଗଲି ଘରେ ନଥିବା ବେଳେ ଉମେଶ ରଥ, ଶ୍ରୀକାନ୍ତ ପଣ୍ଡା, ରିଙ୍କୁ ମାଝୀ ଓ ଦେବା ସାହୁଙ୍କ ସମେତ ୮ରୁ ଉର୍ଦ୍ଧ୍ୱ ଯୁବକ ମୋଗଲିଙ୍କ ସ୍ତ୍ରୀଙ୍କୁ ବିଭିନ୍ନ ଗାଳିଗୁଲଜ କରିବା ସହ ମୋଗଲିକୁ ଜୀବନରୁ ମାରିଦେବାକୁ କୁଆଡେ ଧମକ ଦେଇଥିଲେ । ସେପଟେ ମୋଗଲିଙ୍କ ଘରେ ଥିବା ଦିନେଶକୁ ଦୁର୍ବୃତ୍ତମାନେ ଛୁରୀ ସାହାର୍ଯ୍ୟରେ ଆକ୍ରମଣ କରିଥିଲେ । ଛୁରା ମାଡ଼ରେ ଆହତ ଦିନେଶ ଚିକିତ୍ସା ନିମନ୍ତେ ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । ଖବର ପାଇ ଟାଉନ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି । ସେଥିମଧ୍ୟରୁ ପୁଲିସ ରିଙ୍କୁ ମାଝୀ ସମେତ ୨ଜଣଙ୍କୁ କାବୁ କରିଥିବା ଜଣାପଡ଼ିଛି । ଘଟଣାକୁ ନେଇ ମୋଗଲି ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ଅଭିଯୋଗ ଆଧାରରେ ପୁଲିସର ତଦନ୍ତ ଜାରି ରହିଛି ।

## ୧୯ରେ ଗଞ୍ଜାମ ଜିଲ୍ଲା ପୁରୁଷ ଓ ମହିଳା ବକ୍ସର ଚୟନ ଶିବିର

ବ୍ରହ୍ମପୁର,୧୭ ।୩(ସମିସ): ଚଳିତ ମାସରେ ହେବାକୁ ଥିବା ବିଭିନ୍ନ ବର୍ଗର ବକ୍ସିଂ ପ୍ରତିଯୋଗିତା ନିମନ୍ତେ ଗଞ୍ଜାମ ଜିଲ୍ଲା ବକ୍ସିଂ ପୁରୁଷ ଓ ମହିଳା ବକ୍ସିଂ ଦଳ ଗଠନ କରାଯିବ । ମହାତ୍ମାଗାନ୍ଧୀ ଷ୍ଟାଡିୟମ୍ ଠାରେ ଆଗାମୀ ୧୯ତାରିଖ ସକାଳ ୭ରୁ ୯ଟା ପର୍ଯ୍ୟନ୍ତ ଏକ ଚୟନ ଶିବିର ହେବ । ଏହି ଚୟନ ଶିବିରରେ ଯୋଗ ଦେବାକୁ ସମସ୍ତ ଗଞ୍ଜାମ ଜିଲ୍ଲାର ଶିକ୍ଷାନୁଷ୍ଠାନ, କ୍ଲବ୍, ବ୍ଲକ୍ ଓ ଆସୋସିଏସନ୍‌ର ବକ୍ସର ନିଜର ଜନ୍ମଗତ ପ୍ରମାଣପତ୍ର ଓ ଆଧାର କାର୍ଡ, ୩ଟି ପାସ୍ ଫଟୋ ସହ ଅଂଶଗ୍ରହଣ କରିବାକୁ ଗଞ୍ଜାମ ଜିଲ୍ଲା ଆଥଲେଟିକ ଆସୋସିଏସନ୍ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି । ୧ ଜାନୁୟାରୀ ୨୦୧୦ମସିହା ଠାରୁ ୩୧ ଡ଼ିସେମ୍ବର ୨୦୧୧(ଜୁନିଅର୍), ୧ ଜାନୁୟାରୀ ୨୦୦୮ମସିହା ଠାରୁ ୩୧ ଡ଼ିସେମ୍ବର୨୦୦୯(ଯୁଥ୍) ମଧ୍ୟରେ ଯେଉଁ ବକ୍ସର ଜନ୍ମ ହୋଇଥିବେ ସେମାନେ ଶିବିରରେ ଯୋଗ ଦେଇ ପାରିବେ । ଆସୋସିଏସନ୍‌ର ବକ୍ସିଂ ସମ୍ପାଦକ କେ. ପ୍ରଭାକର ରାଓ ଓ ଅନ୍ତର୍ଜାତୀୟ ରେଫେରି ତଥା ସ୍ଥାନୀୟ କୋଚ୍ ଶିଶିର କୁମାର ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବା ପାଇଁ କୁହାଯାଇଛି । ଚୟନ ବକ୍ସର ମାନେ ଚଳିତମାସ ୨୫ ଓ ୨୬ତାରିଖ ଦୁଇ ଦିନ ହେବାକୁ ଥିବା ଜୁନିଅର୍ ଅଣ୍ଡର ୧୭ ବାଳକ ଓ ବାଳିକା, ଯୁଥ୍ ଅଣ୍ଡର ୧୯ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବେ ।

ପୁଲିସକୁ ଖୋଲା ଚାଲେଞ୍ଜ

## ଗୋଟିଏ ସ୍ଥାନରେ ୩ ଥର ଅପରାଧ ଘଟାଇଛନ୍ତି ଦୁର୍ବୃତ୍ତ

ବ୍ରହ୍ମପୁର,୧୭ ।୩(ସମିସ): ପୁଲିସକୁ ଓପେନ୍ ଚାଲେଞ୍ଜ ଦେଇ ଏକା ସ୍ଥାନରେ ସେପୁଣି ନିୟମିତ ବ୍ୟବଧାନରେ ୩ଥର ଅପରାଧ ଘଟାଇଲେଣି ଦୁର୍ବୃତ୍ତ । ଟାଉନ ଓ ବୈଦ୍ୟନାଥପୁର ଥାନା ଅଧୀନରେ ଯାଉଥିବା ସୁବାରାଓ ଛକ ସ୍ଥିତ ଖ୍ରୀଷ୍ଟିଆନ ସାହିରେ ପ୍ରଥମେ ଓଲିଭ୍ ରେଷ୍ଟୁରାଣ୍ଟ ଉପରକୁ ବୋମାମାଡ଼, ୨ୟ ଥର ଖଣ୍ଡା ଦେଖାଇ ଦୁଇ ଯୁବକକୁ ଦାଦାବଟି ମାଗିବା ସହ ଆକ୍ରମଣ କରିବା ଏବଂ ପୁଣି ସୋମବାର ରାତିରେ ଦିନେଶ ପଣ୍ଡା ନାମକ ଜଣେ ଯୁବକଙ୍କୁ ଆକ୍ରମଣ କରିବା ଭଳି ୩ଘଟଣା ଘଟାଇଲେଣି ଦୁର୍ବୃତ୍ତ । ଦିନେଶଙ୍କୁ ଆକ୍ରମଣ ଘଟଣାକୁ ବାଦଦେଲେ ଅନ୍ୟ ଦୁଇଟି ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ବିଫଳ ରହିଛି । ସୂଚନାଯୋଗ୍ୟ ଯେ, ଗତ ଜାନୁୟାରୀ ୫ତାରିଖ ରାତିରେ ସୁବାରାଓ ଛକ ନିକଟରେ ଥିବା ଅଲିଭ୍ ରେଷ୍ଟୁରାଣ୍ଟ ଉପରକୁ ବୋମାମାଡ଼ ହୋଇଥିଲା । ଏହି ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ଦୂରେ ଥାଉ ଅଭିଯୁକ୍ତଙ୍କୁ ଚିଂହ୍ନଟ କରିବାରେ ମଧ୍ୟ ବିଫଳ ରହିଛି । ସେହିପରି ଜାନୁୟାରୀ ୨୬ତାରିଖ ରାତି ୧୧ଟା ସମୟରେ ସୁବାରାଓ ଛକ ନିକଟସ୍ଥ ଗଳି ଅର୍ଥାତ ଖ୍ରୀଷ୍ଟିଆନ ସାହିରେ ଥିବା ଏକ ଲଜ ସମ୍ମୁଖରେ ୩ଜଣ ଦୁର୍ବୃତ୍ତ ଗୋଟିଏ ସ୍କୁଟିରେ ଖଣ୍ଡା ଧରି ଆସି ବାଇକରେ ଯାଉଥିବା ଦୁଇଜଣ ଯୁବକଙ୍କୁ ଅଟକାଇ ମାରପିଟ କରିବା ସହ ଟଙ୍କା ଆଦାୟ କରୁଥିବା ଭାଇରାଲ୍ ହୋଇଥିବା ଭିଡ଼ିଓରୁ ସ୍ପଷ୍ଟ ଜଣାପଡିଥିଲା । ପରେ ନିକଟରେ ଥିବା ଏକ କାରକୁ ପଥରମାଡ଼ ମଧ୍ୟ କରିଥିଲେ । ଏନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ



ଏଯାବତ ଅଭିଯୁକ୍ତ ଚିହ୍ନଟ ହୋଇନଥିବା ଜଣାପଡିଛି । ଉପରୋକ୍ତ ଦୁଇଟି ଘଟଣାକୁ ୨ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ ପୁଲିସ କାହାରିକୁ ଚିହ୍ନଟ ମଧ୍ୟ କରିପାରି ନାହିଁ । ସବୁଠାରୁ ବଡ଼କଥା ହେଲା ଏକା ସ୍ଥାନରେ ହିଁ ୩ଟି ଅପରାଧିକ ଘଟଣା ଘଟିଲାଣି । ତଥାପି ପୁଲିସର ପେଟ୍ରୋଲିଂ ଉକ୍ତ ସାହିକୁ ସଠିକ ଭାବେ ହେଉନଥିବା ଅଭିଯୋଗ ହେଉଛି । ଗୋଟିଏ ସ୍ଥାନରେ ଦୁର୍ବୃତ୍ତମାନେ ବାରମ୍ବାର ବିଭିନ୍ନ ଅପରାଧିକ କାଣ୍ଡ କରିବା ଅର୍ଥ ପୁଲିସକୁ ଖୋଲା ଚାଲେଞ୍ଜ ଦେବା ସଦୃଶ । ଏଭଳି ଶ୍ରୀରାମ ନଗର, ଧାନମେରା ସାହି ସମେତ ସହରର ବିଭିନ୍ନ ସ୍ଥାନରେ ଦୁର୍ବୃତ୍ତମାନେ ପୁଲିସକୁ ଖୋଲା ଚାଲେଞ୍ଜ ଦେଇ ଖଣ୍ଡା, କାତି ଓ ବୋମା ଧରି ଆତଙ୍କ ଖେଳାଉଥିବା ପୂର୍ବରୁ ନଜିର ରହିଛି । ସହରରେ ରାତ୍ରି ପେଟ୍ରୋଲିଂ କଡାକଡ଼ି କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଦିନରେ

- ୧୯୩୭- ଟେକ୍ସାସ୍‌ର ଏକ ସ୍କୁଲ୍‌ରେ ବିସ୍ଫୋରଣ ହେବାରୁ ୨୯୪ ଲୋକଙ୍କ ମୃତ୍ୟୁ।
- ୧୯୪୪- ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦ ହିନ୍ଦ୍ ଫୌଜ ବର୍ମା ସୀମା ପାର୍ କଲା।
- ୧୯୭୧- ପେରୁରେ ଭୂସ୍ଖଳନ ଯୋଗୁଁ ୨୦୦ ଲୋକଙ୍କ ପ୍ରାଣହାନି।
- ୨୦୦୯ - କେନ୍ଦ୍ର ମନ୍ତ୍ରିମଣ୍ଡଳ ମେଘାଳୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ସୁପାରିଶ କଲା।

# ଭିକାରିମୁକ୍ତ ଦେଶ



ବିଶ୍ୱର ପ୍ରାୟ ପ୍ରତ୍ୟେକ ଦେଶରେ ଭିକାରି ଦେଖାଯାନ୍ତି। ହେଲେ ସ୍ୱିଜରଲ୍ୟାଣ୍ଡ ଏପରି ଏକ ଦେଶ ଯେଉଁଠି ରାସ୍ତାଘାଟରେ ଜଣେ ବି ଭିକାରି ଦେଖିବାକୁ ମିଳନ୍ତି ନାହିଁ। ଏହି ଦେଶ ବିଶ୍ୱର ସବୁଠୁ ସମୃଦ୍ଧ ଏବଂ ଖୁସି ଦେଶ ଭାବେ ଜଣାଶୁଣା। ଏଠାକାର ମଜଭୁତ ଆର୍ଥିକ ବ୍ୟବସ୍ଥା, ସାମାଜିକ ସୁରକ୍ଷା ଯୋଜନା ଏଠାରେ ଗରିବୀକୁ ପୂରାପୂରି ଶେଷ କରି ଦେଇଛି। ସେହିପରି ଏଠାରେ କାହାରି ଚାକିରି ଚାଲିଗଲେ, ତାଙ୍କୁ ସରକାର ତାଙ୍କର ପୂର୍ବ ଦରମାର ପ୍ରାୟ ୮୦ ପ୍ରତିଶତ ଆର୍ଥିକ ସହାୟତା ପ୍ରଦାନ କରନ୍ତି। ଏହାସହ ସ୍ଥାନୀୟ ସରକାରଙ୍କ ତରଫରୁ ନୂଆ ଚାକିରି ପାଇବା ପାଇଁ ସ୍ୱତନ୍ତ୍ର ତାଲିମ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳିତ କରାଯାଏ। ଏହାଦ୍ୱାରା ଲୋକେ ନୂଆ କୌଶଳ ଶିଖି ପୁଣି ଥରେ ନୂତନ କର୍ମକ୍ଷେତ୍ରକୁ ଫେରିଥାନ୍ତି। ସ୍ୱିଜରଲ୍ୟାଣ୍ଡ ୟୁରୋପର ସବୁଠୁ ଧନୀ ଦେଶ ଭାବେ ଜଣାଯାଏ। ଏଠାକାର ହାରାହାରି ଆୟ ଢେର୍ ଅଧିକ। ଏହି ଦେଶରେ କୌଣସି ବ୍ୟକ୍ତିଙ୍କର ଯେପରି ଘର ସମସ୍ୟା ରହିବ ନାହିଁ ତାହା ସରକାର ସୁନିଶ୍ଚିତ କରାଇଥାନ୍ତି। ଏହାବାଦ୍ ଘର ନ ଥିବା ଲୋକଙ୍କୁ ସରକାରୀ ଯୋଜନାରେ ରହିବା ପାଇଁ ସୁବିଧା ଯୋଗାଇ ଦିଆଯାଏ। କେବଳ ଘର ନୁହେଁ, ସ୍ୱାସ୍ଥ୍ୟ ସେବାକୁ ମଧ୍ୟ ଏଠାରେ ଅଧିକ ପ୍ରାଧାନ୍ୟ ଦିଆଯାଏ। ନାଗରିକ ଶୃଙ୍ଖଳା ଉପରେ ମଧ୍ୟ ବହୁତ ଗୁରୁତ୍ୱ ଦିଆଯାଇଥାଏ। ଏହି କାରଣରୁ ଏଠାରେ ରାସ୍ତାଘାଟ ବହୁତ ସଫା ଏବଂ ବ୍ୟବସ୍ଥିତ ଥାଏ। ସ୍ୱିଜରଲ୍ୟାଣ୍ଡରେ ଯେଉଁ ଲୋକଙ୍କ ପାଖେ ରହିବାକୁ ଘର, ଖାଇବା ପିଇବାର ସୁବିଧା ଏବଂ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବା ସହିତ ସେମାନଙ୍କ ଆୟ ହାରାହାରି ଆୟ ଠାରୁ କମ୍ ହୋଇଥାଏ ସେମାନଙ୍କୁ ଗରିବ ବୋଲି ବିବେଚନା କରାଯାଏ। ଏହି କାରଣରୁ ଏହି ଦେଶରେ ସାଧାରଣ ସ୍ଥାନମାନଙ୍କରେ ଭିକାରି ଦେଖିବାକୁ ମିଳନ୍ତିନି। ତେଣୁ କୌଣସି ଭିକାରି ଏଠାରେ ଭିକ ମାଗନ୍ତି ନାହିଁ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ସ୍ଥାନୀୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ସରକାରୀ ଯୋଜନା ଏଠାକାର ନାଗରିକମାନଙ୍କୁ ଆର୍ଥିକ ରୂପେ ସଶକ୍ତ କରିଛି।

# ‘ଧୁରନ୍ଧର-୨’ରେ ୟାମୀ!



ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଅଭିନୀତ ସିନେମା ‘ଧୁରନ୍ଧର’ ବକ୍ସ ଅଫିସ୍‌ରେ ରେକର୍ଡ ଆୟ କରିଥିଲା। ଏହାର ସିକ୍ୱେଲକୁ ନେଇ ମଧ୍ୟ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ୟାମୀ ଗୌତମ ନଜର ଆସିବେ ବୋଲି ଏବେ ଜଣାପଡ଼ିଛି। ଏକ୍ସରେ @KshitizCritic ପକ୍ଷରୁ ସେୟାର୍ କରାଯାଇଥିବା ଏକ ପୋଷ୍ଟରେ ‘ଧୁରନ୍ଧର ୨’ରେ ଡାକ୍ତର ଭୂମିକାରେ ‘ୱାଇଜି’ ନଜର ଆସିବେ ବୋଲି ଲେଖାଯାଇଛି। ଏଥିରୁ ଦର୍ଶକେ ‘ୱାଇଜି’ ଅର୍ଥ ୟାମୀ ଗୌତମ ଏଥିରେ ନଜର ଆସିବେ ବୋଲି ଅନୁମାନ ଲଗାଉଛନ୍ତି। ତେବେ ‘ଧୁରନ୍ଧର ୨’ର କାହାଣୀରେ ଟ୍ୱିଷ୍ଟ ଆଣିବା ପାଇଁ ଏକ ହସ୍ପିଟାଲ୍ ସିନ୍ ରଖାଯାଇଛି। ୟାମୀଙ୍କ ଭୂମିକା ଫିଲ୍ମର ନାୟକଙ୍କ ମିଶନ୍‌କୁ ପ୍ରଭାବିତ କରୁଥିବା କୌଣସି ମୁଖ୍ୟ ଘଟଣାକ୍ରମ ସହ ଯୋଡ଼ି ହୋଇ ରହିଛି ବୋଲି କିଛି ରିପୋର୍ଟରେ କୁହାଯାଇଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ଅନ୍ୟପଟେ ଭିକି କୌଶଳ ମଧ୍ୟ ସିନେମାରେ ଅତିଥି କଳାକାର ଭାବେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ସିନେମାଟି ମୁକ୍ତିଲାଭ କରିବା ପରେ ହିଁ ୟାମୀ ଏଥିରେ ଅଭିନୟ କରୁଛନ୍ତି କି ନାହିଁ ତାହା ଉପରୁ ପରଦା ଉଠିବ।



# ବିଜୁଳି, ମୋବାଇଲ ବିନା ୨୫ ବର୍ଷ

ଆଜିକାଲି ବିଦ୍ୟୁତ୍, ମୋବାଇଲ୍ ବିନା ଜୀବନ କଳ୍ପନା କରିବା ଅସମ୍ଭବ। ଏପରିସ୍ଥଳେ ତେଲେଙ୍ଗାନା ଭଦ୍ରାଦ୍ରୀ କୋଥାଗୁଡେମ୍ ଜିଲ୍ଲାର ଗୁରୁଙ୍ଗୁଟଲା ରେଡ୍ଡିଙ୍କ ପରିବାର ଦୀର୍ଘ ୨୫ ବର୍ଷ ଧରି ପାହାଡ଼ ଉପରେ ରହି ଆସୁଛନ୍ତି। ଏହି ପରିବାରର ସଦସ୍ୟମାନେ ବିଜୁଳି, ଆଧୁନିକ ଜୀବନଶୈଳୀଠୁ ଦୂରେଇ ରହି ଚାଷବାସ ଓ ଜଡ଼ିବୁଟି ସାହାଯ୍ୟରେ ଜୀବନ ଜିଉଁଛନ୍ତି। ଏହି ସ୍ଥାନ ତେଲେଙ୍ଗାନା ଓ ଆନ୍ଧ୍ର ପ୍ରଦେଶର ସୀମାରେ ଅବସ୍ଥିତ। ଏହି ଅଞ୍ଚଳ କନ୍ଥଲମ ବନ ଅଞ୍ଚଳରେ ଥିବା ପାହାଡ଼ଗୁଡ଼ିକରେ ଆସିଥାଏ। ଏଠାରେ ପୂର୍ବରୁ ଚାଳିଶ ଆଦିବାସୀ ପରିବାର ରହୁଥିଲେ। ୧୯୯୦ରେ ସ୍ଥାନୀୟ ଅଞ୍ଚଳର ପ୍ରଶାସନିକ ଅଧିକାରୀମାନେ ଏହି ପରିବାରଗୁଡ଼ିକୁ ପାହାଡ଼ ତଳେ ରହିବା ପାଇଁ ପରାମର୍ଶ ଦେଇଥିଲେ। କାରଣ ଜଙ୍ଗଲରେ ବିଦ୍ୟୁତ୍, ପାଣି ଏବଂ ଶିକ୍ଷା ଭଳି ଅନ୍ୟ ସୁବିଧା ଯୋଗାଇବା ଖୁବ୍ କଠିନ ଥିଲା। ୨୦୦୦ ମସିହାରେ ସେଥିରୁ ୩୯ଟି ପରିବାର ପାହାଡ଼ ତଳେ ଥିବା କଲୋନୀରେ ରହିଲେ। ହେଲେ ଗୁରୁଙ୍ଗୁଟଲାଙ୍କ ପରିବାର ତଳେ ଆସି ରହିବାକୁ ମନା କଲେ। ଫଳରେ ଏହି ଆଦିବାସୀ ପରିବାର ଦୀର୍ଘ ୨୫ ବର୍ଷ ଧରି ଏହି ସ୍ଥାନରେ ରହି ଆସୁଛନ୍ତି। ବିଦ୍ୟୁତ୍ ଓ ପାଣି ବିନା ଉକ୍ତ ପରିବାର କୃଷିକାର୍ଯ୍ୟ ଏବଂ ଜଡ଼ିବୁଟି ସାହାରାରେ ଜୀବନ ଅତିବାହିତ କରୁଛନ୍ତି। ଗୁରୁଙ୍ଗୁଟଲା ନିଜ ପତ୍ନୀ ଏବଂ ପୁଅ ସହ ସେଠାରେ ରହୁଛନ୍ତି। ଅଧିକାରୀମାନେ ଭାବିଥିଲେ ଯେ, ସମୟ ସହ ସେମାନଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆସିବ ଏବଂ ସେମାନେ ତଳକୁ ଆସିବେ। ହେଲେ ସେପରି କିଛି ଘଟିଲାନି।

ଗୁରୁଙ୍ଗୁଟଲାଙ୍କ କହିବାନୁଯାୟୀ, ତାଙ୍କ ଜନ୍ମ ଏହି ଜଙ୍ଗଲରେ ହୋଇଛି ଏବଂ ସେ ଏହି ସ୍ଥାନରେ ମରିବାକୁ ଚାହାଁନ୍ତି। ସେହିପରି ସ୍ୱାମୀ ଯେଉଁଠି ରହିବେ ସେଠାରେ ରହିବା ପାଇଁ ତାଙ୍କ ପତ୍ନୀ ମଧ୍ୟ ଜିଦ୍ ଧରିଛନ୍ତି। ଏଥିସହ ତାଙ୍କ ପୁଅ ମଧ୍ୟ ପିତାମାତାଙ୍କ ସହ ରହିବା ପାଇଁ ସ୍ଥିର କରିଛି। ଏହିପରି ଭାବେ ସେମାନେ ଆଧୁନିକ ଦୁନିଆରୁ ଦୂରେଇ ନିଜର ଏକ ସ୍ୱତନ୍ତ୍ର ଦୁନିଆ ତିଆରି କରିଛନ୍ତି। ଅନ୍ୟପଟେ ସେମାନଙ୍କର ପାଞ୍ଚୋଟି ଝୁମ୍ପୁଡ଼ି ରହିଛି। ତିନିଟିରେ ସେମାନେ ରହୁଥିବାବେଳେ ଗୋଟିଏରେ କୁକୁଡ଼ା, କୁକୁର ଭଳି ପୋଷା ପ୍ରାଣୀ ଏବଂ ଅନ୍ୟଟିରେ କାଠ ରଖିଥାନ୍ତି। ରାତିରେ ଆଲୋକ ପାଇଁ ନିଆଁ ଜାଳନ୍ତି। ବର୍ଷାରେ ଝୁମ୍ପୁଡ଼ିରୁ ପାଣି ଝରିଲେ ମନ୍ଦିରରେ ଲାଗିଥିବା ବ୍ୟାନର ଆଣି ଛାତ ଉପରେ ପକାନ୍ତି। ଏଥିସହ ସେମାନେ ନିଜେ ଚାଷ କରି ଖାଆନ୍ତି। ନଦୀ ପାଣି ପିଅନ୍ତି। ସେହିପରି କୌଣସି ରୋଗ ହେଲେ ଗଛ ପତ୍ର ଏବଂ ଜଡ଼ିବୁଟି ବ୍ୟବହାର କରନ୍ତି। ଜଙ୍ଗଲୀ ଜନ୍ତୁମାନେ ମଧ୍ୟ ସେମାନଙ୍କର କୌଣସି କ୍ଷତି କରନ୍ତି ନାହିଁ ବୋଲି ଏହି ପରିବାର ଦାବି କରନ୍ତି। ଦିନରାତି ବିଷୟରେ ଜାଣିପାରୁଥିଲେ ସୁଦ୍ଧା ତାରିଖ ଓ ସମୟ ବିଷୟରେ ଜାଣିପାରନ୍ତି ନାହିଁ ବୋଲି ଏହି ପରିବାରର ଲୋକେ କୁହନ୍ତି। ପ୍ରଶାସିନକ ଅଧିକାରୀମାନେ ସେମାନଙ୍କୁ ଆଣିବା ପାଇଁ ଗଲାବେଳେ ସେମାନେ ଜଙ୍ଗଲରେ ଲୁଚି ଯାଆନ୍ତି। ଏହି ପରିବାର ନିଜ ଇଚ୍ଛାନୁସାରେ ଜଙ୍ଗଲରେ ଜିଉଁଛନ୍ତି ସେମାନଙ୍କୁ ତଳକୁ ନେଇ ଆସିଲେ ଦୁଃଖୀ ହେବେ ବୋଲି ଜଙ୍ଗଲ ଛାଡ଼ି ତଳେ ରହୁଥିବା ପରିବାରଗୁଡ଼ିକ ମତ ଦିଅନ୍ତି।




# ପ୍ରମ୍ପ୍ଟ ଇଞ୍ଜିନିୟରିଂ କୋର୍ସ



**ପ୍ରମ୍ପ୍ଟ ଇଞ୍ଜିନିୟରିଂର ସମ୍ବନ୍ଧ ଏଆଇ ଏବଂ ମେସିନ ଲର୍ଣ୍ଣିଂ ସହିତ ରହିଛି। ଏବେ ଏଆଇ ଯୁଗରେ ପ୍ରମ୍ପ୍ଟ ଇଞ୍ଜିନିୟରିଂ କୋର୍ସ ଓ ଏହା ସହିତ ସମ୍ବନ୍ଧିତ ଚାକିରିର ଚାହିଦା ବେଶି ବୋଲି କୁହାଯାଉଛି।**

ପ୍ରମ୍ପ୍ଟ ଇଞ୍ଜିନିୟରିଂର ଅର୍ଥ ହେଉଛି ଏଆଇ ଟୁଲ୍ ଯେଉଁଭଳି ଠିକ୍ ଉତ୍ତର ଦେବ, ସେଥିଲାଗି ଠିକ୍ ପ୍ରଶ୍ନ ଓ ଇନଷ୍ଟ୍ରକସନ ପ୍ରସ୍ତୁତ କରିବା। ଫଳରେ ଏଆଇ ଟୁଲ୍ ଏହାକୁ ବୁଝି ଉତ୍ତର ଦେଇଥାଏ। ଏଥିରେ ଠିକ୍ ଶବ୍ଦକୁ ଚୟନ କରିବା, ସ୍ପଷ୍ଟ ନିର୍ଦ୍ଦେଶ (ପ୍ରମ୍ପ୍ଟ) ଦେବା ଏବଂ ଆବଶ୍ୟକ ପ୍ରଶ୍ନକୁ ବିସ୍ତୃତ ଭାବେ ବୁଝିବା ସାମିଲ ଥାଏ। ଯଦି ପ୍ରମ୍ପ୍ଟ ଠିକ୍ ଭାବେ ଲେଖା ଯାଇଥିବ, ଏଆଇ ଟୁଲ୍ ଆବଶ୍ୟକତା ଅନୁସାରେ, ଭଲ ଆଉଟପୁଟ୍ ଦେଇଥାଏ।

**କ’ଣ ଶିଖିବେ**

ପ୍ରମ୍ପ୍ଟ ଇଞ୍ଜିନିୟରିଂରେ ଏଆଇକୁ ଠିକ୍ ଭାବେ ନିର୍ଦ୍ଦେଶ କିଭଳି ଦିଆଯିବ, ତାହା ଶିଖିପାରିବେ। ଡାଟା କିଭଳି ଇନପୁଟ୍ କରାଯିବ, ତାହା ଶିକ୍ଷା ଦିଆଯାଏ। ଏଆଇର ସୀମା କ’ଣ ଏବଂ ଏଥିରେ ଏଥିକଲ ଠିକ୍ ଭାବେ କିଭଳି ବ୍ୟବହାର କରାଯିବ, ତାହା ଜାଣି ହୁଏ। ପ୍ରମ୍ପ୍ଟ ଇଞ୍ଜିନିୟରିଂ ଶିଖିକି ଏଆଇ ସହିତ ସ୍ମାର୍ଟ, ସହଜ ଓ ସୁରକ୍ଷିତ ଉପାୟରେ କାମ କରିପାରିବେ।

**ଚାକିରି:** ପ୍ରମ୍ପ୍ଟ ଇଞ୍ଜିନିୟରିଂ ପରେ ଟେକ୍, ହେଲଥ କେୟାର୍, ଫାଇନାନ୍ସ, ଏଜୁକେସନ ଆଦି ପ୍ରତ୍ୟେକ କ୍ଷେତ୍ରରେ କାମ କରିବାର ସୁଯୋଗ ମିଳେ। ବର୍ତ୍ତମାନ ଗୁଗଲ, ମାଇକ୍ରୋସଫ୍ଟ, ଆମାଜନ ଏଆଇ ଏବଂ ଏମଏଲ ଉପରେ ବହୁ ନିବେଶ କରୁଛନ୍ତି। ଏହି ସବୁ କମ୍ପାନିକୁ ଏମିତି ବିଶେଷଜ୍ଞ ଆବଶ୍ୟକ, ଯେଉଁମାନେ ସେମାନଙ୍କ ଏଆଇ ମଡେଲକୁ ପ୍ରଶିକ୍ଷଣ ଦେଇପାରିବେ। ଯେଉଁମାନେ ଏଆଇ ଟୁଲ୍ ତଥା ମଡେଲକୁ ବୁଝିବାକୁ ଚାହାନ୍ତି, ସେମାନେ ପ୍ରମ୍ପ୍ଟ ଇଞ୍ଜିନିୟରିଂ କରିପାରିବେ।

# ନିରବତାରେ କାମ




**ବର୍ତ୍ତମାନ କାର୍ଯ୍ୟ ସଂସ୍କୃତିରେ ଏକ ନୂଆ ଟ୍ରେଣ୍ଡ ସାମ୍ନାକୁ ଆସିଛି। ଏହାକୁ ‘ସାଇଲେଣ୍ଟ କୋ-ୱାର୍କିଂ’ କୁହାଯାଉଛି। ଏଥିରେ ବିନା ପାଟିତୁଣ୍ଡରେ ଧ୍ୟାନର ସହକାରେ କାମ କରାଯାଏ। ଫ୍ରିଲାନ୍ସର ଏବଂ ଟେକ୍ ପ୍ରଫେସନାଲ ଏହି ମଡେଲକୁ ଅଧିକ ଆପଣାଉଛନ୍ତି। କାରଣ ନିରବତାରେ କାମ କରିବା ଦ୍ୱାରା କାର୍ଯ୍ୟ କ୍ଷମତା ବୃଦ୍ଧି ପାଉଛି ଏବଂ ଶାନ୍ତିଭଙ୍ଗ କମ୍ ହେଉଛି। ତେଣୁ ଏହାକୁ କାମ କରିବାର ନୂଆ ତଥା ପ୍ରଭାବୀ ଉପାୟ ବୋଲି କୁହାଯାଉଛି।**

ଏହାକୁ ମୌନ ୱାର୍କ ସ୍ପେସ୍ ମଧ୍ୟ କୁହାଯାଏ। କାର୍ଯ୍ୟ କ୍ଷେତ୍ରରେ କମ୍ ପାଟିତୁଣ୍ଡ ହେଉଥିବାରୁ ଏହା ପ୍ରତି ସମସ୍ତେ ଟାଣି ହେଉଛନ୍ତି। ଏମିତି ବି ଦାବି କରାଯାଉଛି ଯେ, ଏହାଦ୍ୱାରା କାର୍ଯ୍ୟାଳୟରେ ଭଲ ପରିବେଶ ସୃଷ୍ଟି ହେବା ସହ ଲୋକେ ଶୀଘ୍ର କାମ କରୁଛନ୍ତି। ତେବେ ସାଇଲେଣ୍ଟ କୋ-ୱାର୍କିଂ ସ୍ପେସ୍ ହେଉଛି ଅଫିସ୍ ଏବଂ ଲାଇବ୍ରେରୀର ଏକ ସ୍ମାର୍ଟ ମେଳ। ଏଥିରେ କେବଳ କାମ କରାଯାଏ ଏବଂ କୌଣସି କଥାବାର୍ତ୍ତା ନ ଥାଏ। ଏହି ଟ୍ରେଣ୍ଡକୁ ଆପଣାଉଥିବା ଲୋକେ ନିଜ ଲାପଟପ୍ ଏବଂ ହେଡ୍‌ଫୋନ୍ ସହିତ ଆସନ୍ତି। ଗୋଟିଏ ସିଟ୍ ବାଛି ଘଣ୍ଟା ଘଣ୍ଟା କାମ କରନ୍ତି। ଏହା ଏମିତି ନିରୋଳା ପରିବେଶ ସୃଷ୍ଟି କରେ ଯେ, ଫୋନ୍ ରିଙ୍ଗ ଟୋନ୍ ଶୁଣିବାକୁ ମିଳି ନ ଥାଏ ଏବଂ ଅଫିସ୍ ଗସିପ୍‌ର ଶବ୍ଦ ନ ଥାଏ। ଏହି ଶାନ୍ତ ପରିବେଶର ଉଦ୍ଦେଶ୍ୟ ହେଉଛି କାମ କରୁଥିବା ବ୍ୟକ୍ତିର ସମ୍ପୂର୍ଣ୍ଣ ଧ୍ୟାନ ତା’ର ସ୍କ୍ରିନ୍ ଏବଂ ଟାସ୍କ ଉପରେ ରହିବ। ଯଦ୍ୱାରା କାର୍ଯ୍ୟକ୍ଷମତା ବୃଦ୍ଧି ପାଇବ।

ତେବେ ଏହା ପଛରେ ଅନେକ ଠୋସ୍ କାରଣ ଥିବା କୁହାଯାଉଛି। ବିଶେଷଜ୍ଞଙ୍କ ଅନୁସାରେ, କୋଡିଂ, ରାଇଟିଂ, ଡାଟା ଆନାଲିସିସ୍ ଭଳି କାମରେ ଗଭୀର ଏକାଗ୍ରତାର ଆବଶ୍ୟକତା ଅଛି। ତା’ସହ ଶାନ୍ତ ପରିବେଶରେ ଏହା କାମର ଗତିକୁ ପ୍ରାୟ ୪୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିପାରେ। ଏହାବାଦ୍ ଅଫିସ୍ ପାଟିତୁଣ୍ଡରୁ ସୃଷ୍ଟି ହେଉଥିବା ଚାପ, ମୁଣ୍ଡବିନ୍ଧା କମ୍ ହୁଏ। ଏପରିକି ଆଖପାଖରେ କଥାବାର୍ତ୍ତା ପାଟିତୁଣ୍ଡ ନ ହେବା ଦ୍ୱାରା ଧ୍ୟାନ ଭଗ୍ନ ହେବାର ଆଶଙ୍କା କମ୍ ହୁଏ। ସେଥିପାଇଁ କୋଡିଂ ଡେଭଲପର, କଣ୍ଟେଣ୍ଟ ରାଇଟର, ଡିଜାଇନର, ଡାଟା ଅନାଲିଷ୍ଟ ଫ୍ରିଲାନ୍ସର, ଷ୍ଟାର୍ଟଅପ୍ ପ୍ରଫେସନାଲ ଏବଂ ରିମୋଟ ୱାର୍କ କରୁଥିବା ଲୋକ ଦ୍ରୁତ ବେଗରେ ଏହି ମଡେଲକୁ ଆପଣାଉଛନ୍ତି।

ଏହି ୱାର୍କ ସ୍ପେସ୍‌କୁ ମୁଖ୍ୟତଃ ଦୁଇ ପ୍ରକାରରେ ଡିଜାଇନ କରାଯାଇଛି। ପ୍ରଥମତଃ ହେଉଚି କ୍ୱାଇଟ୍ ଜୋନ୍। ଯାହାକି ବଡ଼ ହଲ୍ ଭଳି ହୋଇଥାଏ। ଯେଉଁଠି କଥାବାର୍ତ୍ତା ଉପରେ କଠୋର କଟକଣା ରହିଥାଏ। ଦ୍ୱିତୀୟଟି ହେଉଛି ସାଇଲେଣ୍ଟ ପଡ଼୍। ଏଥିରେ ଛୋଟ ଛୋଟ କାଚର ସାଉଣ୍ଡ ପ୍ରୁଫ୍ କ୍ୟାବିନ୍ ଥାଏ ଏବଂ ଏହା ପୂରା ଗୋପନୀୟତା ପ୍ରଦାନ କରେ। ଏଠାରେ କାମ କରୁଥିବା ଲୋକଙ୍କ ପାଇଁ କିଛି ଜରୁରି ନିୟମ ଅଛି। ଫୋନ ସବୁବେଳେ ସାଇଲେଣ୍ଟ ମୋଡରେ ରଖିବା, କଲ୍ ପାଇଁ ବାହାରକୁ ଯିବା ମନା। ଏଥିରେ ୫୦ ମିନିଟ୍ କାମ ଏବଂ ୧୦ ମିନିଟ୍ ବ୍ରେକ୍ ନିଆଯାଏ। ଶାନ୍ତ ପରିବେଶରେ କାମ କରିବା ଦ୍ୱାରା ଧ୍ୟାନ କେନ୍ଦ୍ରିତ ରହେ। କାମ ସମୟରେ ପୂରା ହେବାର ଆଶଙ୍କା ବଢ଼ିଯାଏ।

# ସିଡ୍ୟୁଲ ମେସେଜ ଫିଚର୍



ଏଣିକି ମଧ୍ୟରାତ୍ରିରେ ଜନ୍ମଦିନ ଶୁଭେଚ୍ଛା ଜଣାଇବା ଲାଗି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଲୋକଙ୍କୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ହ୍ୱାଟ୍ସଆପ୍ ଏମିତି ଏକ ଫିଚର୍ ଆଣିବ, ଯେଉଁଥିରେ ବ୍ୟବହାରକାରୀ ସ୍ଥିରୀକୃତ ସମୟରେ ମେସେଜ ପଠାଇପାରିବେ। ଏ ଲାଗି ସିଡ୍ୟୁଲ ମେସେଜ ଫିଚର୍‌କୁ ପରିଚିତ କରାଇବ। ଏହି ଫିଚର୍ ମାଧ୍ୟମରେ ବ୍ୟବହାରକାରୀ ପୂର୍ବରୁ ମେସେଜ ଟାଇପ୍ କରିକି ନିର୍ଦ୍ଧାରିତ ତାରିଖ ଓ ସମୟ ପାଇଁ ସେଟ୍ କରାଯାଏ। ଠିକ୍ ସମୟ ଆସିବା ପରେ ମେସେଜ ଆପେ ଆପେ ରିସିଭର ପାଖରେ ପହଞ୍ଚି ଯିବ। ଏ ଲାଗି ବ୍ୟବହାରକାରୀଙ୍କୁ ପୁଣି ଥରେ ଆପ୍ ଖୋଲିବାକୁ ପଡ଼ିବ ନାହିଁ। ଏବେ ହ୍ୱାଟ୍ସଆପ୍ ଏହି ଫିଚର୍ ଉପରେ କାମ ଚଳାଇଛି। ତେବେ ଆଇଓଏସ୍‌ରେ ହ୍ୱାଟ୍ସଆପ୍ ସିଡ୍ୟୁଲ ମେସେଜ ଭଳି ସୁବିଧା ପୂର୍ବରୁ ଅଛି। ହେଲେ ଏହାକୁ ସର୍ଟକଟ୍ ଆପ୍ ମାଧ୍ୟମରେ ଅଟୋମେସନ କରିବାକୁ ପଡ଼ିଥାଏ। ଏହି ଉପାୟ ଜଟିଳ ହୋଇଥିବା ବେଳେ ସମସ୍ତଙ୍କ ପାଇଁ ସହଜ ବି ନୁହେଁ। ଅନ୍ୟପଟେ ଏବେ ଏହା ବିଟା ଟେଷ୍ଟିଂ ପାଇଁ ଉପଲବ୍ଧ ନାହିଁ।

# ଟିମ୍ ସହ ମିଶି କରନ୍ତୁ କାମ

**ଅନେକ ସମୟରେ ଅଫିସ୍‌ରେ କାର୍ଯ୍ୟଭାର ବଢ଼ିଥାଏ। ଯଦି ଅଫିସ୍ କାମ ଘରକୁ ଆଣିବାକୁ ଚାହୁଁ ନାହାନ୍ତି, ତାହେଲେ କର୍ମଚାରୀଙ୍କୁ ନିଜ ଟିମ୍ ସହ ମିଶି କାମ କରିବା ଦରକାର। ସେଥିପାଇଁ ନିମ୍ନ ପ୍ରଦତ୍ତ ଦିଗ ଉପରେ ଗୁରୁତ୍ୱ ଦିଅନ୍ତୁ।**

- ପ୍ରଥମେ ସହଜ ଓ ସରଳ କାମକୁ ଶୀଘ୍ର ଶେଷ କରିବା ଦରକାର।
- ବସ୍ ତଥା କ୍ଲାଏଣ୍ଟଙ୍କ ସହ କାମ କରିବା ନେଇ ଡେଡ୍‌ଲାଇନ୍ ସେଟ୍ କରନ୍ତୁ। ଏହାଦ୍ୱାରା ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟ ପୂରଣ ହେବ।
- କାମ ଉପରେ ଫୋକସ୍ କରିବା ପାଇଁ ନିଜ ଡେସ୍କକୁ ଠିକ୍ ଭାବେ ସଜାଡ଼ି ରଖନ୍ତୁ।
- ଭଲ କାମ କରିବା ପାଇଁ ନିଜକୁ ଚ୍ୟାଲେଞ୍ଜ କରନ୍ତୁ। ଏହା ଦ୍ୱାରା ଭଲ କାର୍ଯ୍ୟ କରିବେ।
- ଟିମ୍ ସହ ମିଶି କାମ ପୂରା କରିବାକୁ ଚେଷ୍ଟା କରନ୍ତୁ। ଏହାବାଦ୍ ଟିମ୍ ଲିଡର୍‌ଙ୍କ ପରାମର୍ଶ ମଝିରେ ମଝିରେ ନିଅନ୍ତୁ।
- ଗ୍ରୁପ୍‌ରେ ସକ୍ରିୟ ରୁହନ୍ତୁ। କିଏ କ’ଣ କହୁଛି, ସେକଥା ଭଲଭାବେ ଶୁଣନ୍ତୁ।



# ଆଇପିଏଲ୍ ଲାଗି ଜୋର୍‌ଦାର୍ ପ୍ରସ୍ତୁତି



ନୂଆଦିଲ୍ଲୀ,୧୭।୩(ଏଜେନ୍ସି)

ଭାରତୀୟ କ୍ରିକେଟ ସମର୍ଥକଙ୍କ ନଜର ଏବେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ବା ଆଇପିଏଲ୍ ଉପରେ। ୨୦୨୬ର ଆଇପିଏଲ୍ ମାର୍ଚ୍ଚ ୨୮ରୁ ଆରମ୍ଭ ହେବ। ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ଆଇପିଏଲ ମ୍ୟାଚ୍ ଆୟୋଜନ କରିବାକୁ ଅନୁମତି ପାଇବା ପରେ ଉଦ୍‌ଘାଟନୀ ମୁକାବିଲାକୁ ଏଠାରେ କରାଇବାକୁ ଘୋଷଣା କରାଯାଇଛି। ଏହା ଫଳରେ ଆଇପିଏଲ ଖେଳାଯାଉଥିବା ଏକ ବଡ଼ କେନ୍ଦ୍ରରେ ମ୍ୟାଚ୍ ହେବା ନେଇ ଯେଉଁ ଆଶଙ୍କା ସୃଷ୍ଟି ହୋଇଥିଲା ତାହା ଦୂରୀଭୂତ ହୋଇଯାଇଛି। ଏବେ ପ୍ରାୟ ସମସ୍ତ ଦଳ ସେମାନଙ୍କ ହୋମ୍ ବେସ୍‌ରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଚେନ୍ନଇରେ ଏମ୍‌ଏସ୍ ଧୋନି, ମୁମ୍ବଇରେ ରୋହିତ ଶର୍ମା, ନୂଆଦିଲ୍ଲୀରେ ଋଷଭ ପନ୍ତଙ୍କ ପରି ଖେଳାଳି ଜୋରଦାର ଅଭ୍ୟାସରେ ମାତିଛନ୍ତି। ଧୋନି ଚଳିତ ସିଜନରେ ସମସ୍ତ ମ୍ୟାଚ୍ ଖେଳିବେ ବୋଲି କୁହାଯାଉଛି। ପନ୍ତ୍ ଫିଟ୍ ରହିବା ଲାଗି ଓଜନର କମାଇବା ଘଟଣା ବେଶ ଚର୍ଚ୍ଚରେ ରହିଛି। ଜୟପୁରରେ ବୈଭବ ସୂର୍ଯ୍ୟବଂଶୀ ଚଳିତ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ସ୍କୋର କରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

ଫାଷ୍ଟ ବୋଲରଙ୍କ ଅଭାବରେ କୋଲକାତା ନାଇଟ୍ ରାଇଡର୍ସ ଅଡୁଆରେ ପଡ଼ିଛି। ସନ୍‌ରାଇଜର୍ସର ନିୟମିତ ଅଧିନାୟକ ତଥା ଅଷ୍ଟ୍ରେଲୀୟ ଖେଳାଳି ପ୍ୟାଟ କମିନ୍ସ କେବେ ଦଳ ସହ ଯୋଗଦେବେ ସେ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ଫଳରେ ଇଶାନ କିଶାନଙ୍କୁ ଦଳ କାମଚଳା ଅଧିନାୟକ ଦାୟିତ୍ୱ ଦେବ ବୋଲି ଆଶା କରାଯାଉଛି। ଏସବୁ ମଧ୍ୟରେ ମାର୍ଚ୍ଚ ୨୮ରୁ ନିରବଚ୍ଛିନ ଭାବେ ଆଇପିଏଲର ଆୟୋଜନ ନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।



### ଚେନ୍ନଇରେ ଏମ୍‌ଏସ୍ ଧୋନି

ଚେନ୍ନଇରେ ମହେନ୍ଦ୍ର ସିଂ ଧୋନି ଆଗୁଆ କ୍ୟାମ୍ପରେ ଯୋଗଦେଇଛନ୍ତି। ସମସ୍ତ ନବାଗତ ଖେଳାଳିଙ୍କୁ ସେ ଦିଗଦର୍ଶନ ଦେବା ସହ ଆଇପିଏଲ୍‌ରେ କିପରି ଭଲ ପ୍ରଦର୍ଶନ କରିପାରିବ ସେ ସମ୍ପର୍କରେ ପରାମର୍ଶ ଦେଉଛନ୍ତି। ରବୀନ୍ଦ୍ର ଜାଡେଜାଙ୍କୁ ଯେପରି ଦଳରୁ ବିଦା କରାଗଲା ତାହାକୁ ନେଇ ଧୋନି ଅସନ୍ତୋଷ ଜାହିର କରିଛନ୍ତି। ବିଶେଷ ରିପୋର୍ଟରୁ ଜଣାଯାଇଛି, ଧୋନି ଚଳିତବର୍ଷ ତାଙ୍କର ଶେଷ ଆଇପିଏଲ୍ ବୋଲି ମ୍ୟାନେଜ୍‌ମେଣ୍ଟକୁ ସୂଚାଇଦେଇଛନ୍ତି। ସେହିପରି ପୂର୍ବତନ ଖେଳାଳି ଏବି ଡିଭିଲର୍ସ ଧୋନିଙ୍କ ବ୍ୟାଟିଂ ଅର୍ଡରକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆହତ ହୁଅନ୍ତୁ ଅବା ଅନ୍ୟ କିଛି କାରଣ ଲାଗି ଧୋନି ନଂ-୮ରେ ବ୍ୟାଟିଂ କରୁଥିଲେ। ଏଭଳି ସ୍ଥାନରେ ସେ ବ୍ୟାଟିଂ କରିବା ଅନୁଚିତ୍ କିମ୍ବା ଆଦୌ ନ ଖେଳିବା ଉଚିତ ବୋଲି ଡି ଭିଲର୍ସ କହିଛନ୍ତି। ଆରମ୍ଭରୁ ଅସନ୍ତୋଷ ମଧ୍ୟରେ ଚେନ୍ନଇ ସୁପର କିଙ୍ଗ୍‌ସର ପ୍ରସ୍ତୁତି ଆରମ୍ଭ ହୋଇଛି।



### ଅଡୁଆରେ କେକେଆର୍

ଚଳିତ ସିଜନରେ ଏକାଧିକ ନବାଗତ ଖେଳାଳିଙ୍କୁ ନେଇ ଖେଳୁଥିବା କେକେଆର୍ ବା କୋଲକାତା ନାଇଟ୍ ରାଇଡର୍ସ ଆରମ୍ଭରୁ ଅସୁବିଧାର ସମ୍ମୁଖୀନ ହୋଇଛି। ରାଜନୈତିକ କାରଣ ଯୋଗୁଁ ବାଂଲାଦେଶୀ ଫାଷ୍ଟ ବୋଲର ମୁସ୍ତାଫିଜୁର ରହେମାନଙ୍କୁ ଦଳ ବିଦା କରିଥିଲା। ଏହା ପରେ ଆହତ ଯୋଗୁଁ ହର୍ଷିତ ରାଣାଙ୍କ ଖେଳିବା ନେଇ ସନ୍ଦେହ ରହିଛି। ଅନ୍ୟତମ ଫାଷ୍ଟ ବୋଲର ମାଥିଶା ପତିରାଣା ଏଯାଏ ପୂରା ଫିଟ୍ ହୋଇନାହାନ୍ତି। ଏହି ୩ଜଣ ଫାଷ୍ଟ ବୋଲରଙ୍କ ଅନୁପସ୍ଥିତିରେ କୋଲକାତା ଜିମ୍ବାୱେର ଫାଷ୍ଟ ବୋଲର ବ୍ଲେସିଂ ମୁଜାରବାନିଙ୍କୁ ଦଳରେ ସାମିଲ କରିଛି। ଅନ୍ୟ କୌଣସି ବୋଲରଙ୍କୁ ନିଆଯିବ ନାହିଁ ବୋଲି କେକେଆର୍ ପକ୍ଷରୁ କୁହାଯାଇଛି।

### ମୁମ୍ବଇରେ ରୋହିତ ଶର୍ମା

ସେହିପରି ମୁମ୍ବଇରେ ରୋହିତ ଶର୍ମା ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ତାଙ୍କ ସହ ଅନ୍ୟ କିଛି ଖେଳାଳି ମଧ୍ୟ ଅଭ୍ୟାସ କରୁଛନ୍ତି। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଓ ଜାତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏଯାଏ ଅଭ୍ୟାସକୁ ଆସି ନାହାନ୍ତି। ବିଦେଶୀ ଖେଳାଳିମାନେ ଏଯାଏ ଆସିନାହାନ୍ତି। ଆଇପିଏଲ୍ ମାର୍ଚ୍ଚ ୨୮ରୁ ଆରମ୍ଭ ହେବ ବୋଲି ସ୍ଥିର ହୋଇଛି। ଏଣୁ ଖେଳାଳିମାନେ ସପ୍ତାହକ ଆଗରୁ ଆସିବେ ବୋଲି ଜଣାଯାଇଛି। ଆଉ ଏକ ସମସ୍ୟା ହେଉଛି ଇରାନ ବନାମ ଆମେରିକା-ଇଜ୍ରାଏଲ ଯୁଦ୍ଧ। ଏହି ଯୁଦ୍ଧ ଯୋଗୁ ବିମାନ ସେବା ବ୍ୟାହତ ହୋଇଛି। ଏଣୁ ଯାତାୟତରେ ଅସୁବିଧା ହେଉଛି।

## କମିନ୍ସ, ହାଜ୍‌ଲେଉଡ୍‌ଙ୍କ ଖେଳିବା ନେଇ ଆଶଙ୍କା

ହାଇଦ୍ରାବାଦ୍,୧୭।୩(ଏଜେନ୍ସି): ଆଘାତ ସମସ୍ୟାରୁ ମୁକୁଳି ନ ଥିବାରୁ ଅଷ୍ଟ୍ରେଲିଆର ଦୁଇ ଫାଷ୍ଟ ବୋଲର ପ୍ୟାଟ୍ କମିନ୍ସ ଓ ଜୋଶ ହାଜ୍‌ଲେଉଡ୍‌ଙ୍କ ଚଳିତବର୍ଷ ଆଇପିଏଲ୍‌ରେ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଉଭୟ ଖେଳାଳି ଫିଟ୍ ହୋଇ ନ ଥିବାରୁ ଦଳ ସହ କେବେ ଯୋଗଦେବେ ତାହା ଏଯାଏ ସ୍ପଷ୍ଟ କରିନାହାନ୍ତି। ଏଣୁ ହାଇଦରାବାଦ୍‌ର ନେତୃତ୍ୱ ନେଉଥିବା କମିନ୍ସଙ୍କ ସ୍ଥାନରେ ଦଳ ଇଶାନ କିଶାନଙ୍କୁ ଅଧିନାୟକ ଦାୟିତ୍ୱ ଦେବ ବୋଲି ସୂଚନା ମିଳିଛି। ପିଠିରେ କମିନ୍ସ ଯେଉଁ ଆଘାତ ପାଇଥିଲେ, ସେଥିରୁ ସେ ପୂରା ଫିଟ୍ ହୋଇ ନ ଥିବାରୁ ଆଇପିଏଲ୍ ଖେଳିବାକୁ ଆସିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପ୍ରଥମଥର ଚାମ୍ପିଅନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଜୋଶ ହାଜ୍‌ଲେଉଡ୍ ମଧ୍ୟ ଏଯାଏ ଫିଟ୍ ହୋଇ ନାହାନ୍ତି। ୫ମାସ ହେଲା ସେ କୌଣସି କ୍ରିକେଟ ଖେଳି ନାହାନ୍ତି। ଏଣୁ ତାଙ୍କର ଆଇପିଏଲ୍‌ରେ ଖେଳିବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି।

■ ଆଇସିସି ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍

## ଶୀର୍ଷରେ ମନ୍ଧାନା ସ୍ଥିର; ହରମନପ୍ରୀତ୍ ଉଠିଲେ

ଦୁବାଇ, ୧୭।୩ (ଏଜେନ୍ସି): ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ବ୍ୟାଟର୍ ସ୍ମୃତି ମନ୍ଧାନା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ୭୯୦ ରେଟିଂ ପଏଣ୍ଟ ସହ ମନ୍ଧାନା ପୂର୍ବଭଳି ବ୍ୟାଟିଂ ତାଲିକାରେ ଏକ ନମ୍ବର ସ୍ଥାନରେ ରହିଛନ୍ତି। ସେହିଭଳି ଅଧିନାୟିକା ହରମନପ୍ରୀତ୍ କୌର ଗୋଟିଏ ପାହାଚ ଉପରକୁ ଉଠି ୭ମ ସ୍ଥାନ ଲାଭ କରିଛନ୍ତି। ଟପ୍-୨୦ରେ ତୃତୀୟ ଭାରତୀୟ ବ୍ୟାଟର୍ ଭାବେ ଜେମିମା ରୋଡ୍ରିଗ୍ସ ୧୨ତମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ନ୍ୟୁଜିଲାଣ୍ଡର ଦୁଇ ବ୍ୟାଟର ମ୍ୟାଡି ଗ୍ରୀନ ଓ ଆମେଲିଆ କେର୍ ଯଥାକ୍ରମେ ୫ଟି ଓ ଦୁଇଟି ସ୍ଥାନ ଉପରକୁ ଉଠି ଟପ୍-୨୦ରେ ପ୍ରବେଶ କରିଛନ୍ତି। ସଦ୍ୟ ର୍‍ୟାଙ୍କିଙ୍ଗ୍‌ରେ ଗ୍ରୀନ ୧୭ତମ ଓ କେର୍ ୨୦ତମ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକାର ଲୌରା ୱଲଭାର୍ଟ, ଅଷ୍ଟ୍ରେଲିଆର ବେଥ୍ ମୁନୀ, ଆସଲେ ଗାର୍ଡନର ଏବଂ ଇଂଲଣ୍ଡର ନାଟାଲୀ ସ୍କିଭର ବ୍ରଣ୍ଟ ଯଥାକ୍ରମେ ଦ୍ୱିତୀୟରୁ ୫ମ ସ୍ଥାନ ମଧ୍ୟରେ ସ୍ଥିର ରହିଛନ୍ତି।

■ କନୱେଙ୍କ ଦମ୍‌ଦାର ଅର୍ଦ୍ଧଶତକ

## ଦ୍ୱିତୀୟ ଟି-୨୦ ଜିତିଲା ନ୍ୟୁଜିଲାଣ୍ଡ

ହାମିଲଟନ,୧୭।୩(ଏଜେନ୍ସି): ଓପନର ଡେଭନ କନୱେଙ୍କ ଦମ୍‌ଦାର ଅର୍ଦ୍ଧଶତକ ଓ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ରେ ନ୍ୟୁଜିଲାଣ୍ଡ ୬୮ ରନ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୧-୧ ସମାନସ୍ତରରେ ରହିଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ଜିତିଥିଲା। ସିରିଜ୍‌ର ପରବର୍ତ୍ତୀ ମ୍ୟାଚ୍ ଅକ୍‌ଲାଣ୍ଡରେ ମାର୍ଚ୍ଚ ୨୦ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ୪୯ ବଲରୁ ୫ ଚୌକା ଓ ୨ ଛକା ସହ ୬୦ ରନ୍ କରିଥିବା ବିଜୟୀ ନ୍ୟୁଜିଲାଣ୍ଡର କନୱେଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ଆଜିଠୁ କଳିଙ୍ଗରେ ଜାତୀୟ ପାରା ଆଥ୍‌ଲେଟିକ୍ସ

ଭୁବନେଶ୍ୱର, ୧୭।୩ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ବୁଧବାରଠୁ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ୨୪ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ରାଜ୍ୟ ପାରା ଆଥ୍‌ଲେଟିକ୍ସ ସଂଘ ଆନୁକୂଲ୍ୟରେ ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୨୮ଟି ରାଜ୍ୟର ୧୪୬୦ ପାରା କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଯେଉଁଥିରେ ବିଏଓଏଫ୍ ଓ ସର୍ଭିସେସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସଏସ୍‌ସିବି)ର କ୍ରୀଡ଼ାବିତ୍‌ମାନେ ମଧ୍ୟ ଭାଗନେବେ। ଏଥିରେ ୧୪୫ଟି ମେଡାଲ୍ ଇଭେଣ୍ଟ ଅନୁଷ୍ଠିତ ହେବ। ପାରା ଅଲିମ୍ପିକ ଚାମ୍ପିଅନ ମାରିୟାପ୍ପାନ ଥଙ୍ଗାଭେଲୁ, ସୁମିତ ଆଣ୍ଟିଲ, ନବଦୀପ୍ ସିଂହ, ପ୍ରବୀଣ କୁମାର, ଦେବେନ୍ଦ୍ର ସିଂହ ଗୁରଜାରଙ୍କ ଭଳି ଅନ୍ତର୍ଜାତୀୟ ତାରକାଙ୍କୁ ଦେଖିବାକୁ ମିଳିବ। ସେହିଭଳି ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶାର ୪୦ ଜଣିଆ ଦଳ ଅଂଶଗ୍ରହଣ କରିବ। ଏଫ୍-୫୫ ଜାଭେଲିନ ଥ୍ରୋ'ର ଜାତୀୟ ରେକର୍ଡ ଅଧିକାରିଣୀ ସୁଚିସ୍ମିତା ପରିଡ଼ା, ଏସିଆନ ପାରା ଗେମ୍ସ ପଦକ ବିଜୟିନୀ ଜୟନ୍ତୀ ବେହେରା ପ୍ରମୁଖ ଏଠାରେ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିବା ଲକ୍ଷ୍ୟରେ ରହିଛନ୍ତି।

## ହକି ବିଶ୍ୱକପ୍: ଗ୍ରୁପ୍-ଡି'ରେ ଭାରତ ଓ ପାକିସ୍ତାନ

ନୂଆଦିଲ୍ଲୀ, ୧୭।୩ (ଏଜେନ୍ସି): ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍‌ର ୧୬ତମ ସଂସ୍କରଣ ଅଗଷ୍ଟ ୧୪ରୁ ୩୦ ତାରିଖ ପର୍ଯ୍ୟନ୍ତ ନେଦରଲାଣ୍ଡସ ଓ ବେଲ୍‌ଜିୟମରେ ମିଳିତ ଭାବେ ଆୟୋଜିତ ହେବ। ଏହାର ଡ୍ର ଉଠାଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍-ଡି'ରେ ରହିଛନ୍ତି। ଭାରତ ଅଗଷ୍ଟ ୧୬ରେ ୱେଲ୍ସ, ୧୮ ରେ ଇଂଲଣ୍ଡ ଓ ୨୦ ତାରିଖରେ ପାକିସ୍ତାନ ସହ ମ୍ୟାଚ୍ ଖେଳିବ। ଅପରପକ୍ଷରେ ସମାନ ତାରିଖ ଓ ଭେନ୍ୟୁରେ ହେବାକୁ ଥିବା ମହିଳା ବିଶ୍ୱକପ୍‌ରେ ଭାରତୀୟ ଦଳ କଷ୍ଟସାଧ୍ୟ ପୁଲ୍-ଡି'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ଚାଇନା, ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ରହିଛି।

## ଜେକେ ବୋଷ ଟ୍ରଫି ଜିତିଲା ଉତ୍ତରାଞ୍ଚଳ

ଭୁବନେଶ୍ୱର, ୧୭।୩ (ସମିସ): ଭାରତୀୟ କ୍ରୀଡ଼ା ସାମ୍ବାଦିକ ମହାସଂଘ (ଏସଜେଏଫଆଇ)ର ୫୦ତମ ଜାତୀୟ ସମାରୋହ ରାଜଧାନୀ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ସୋମବାର ରାତିରେ ସମାପତି ହୋଇଛି। ୨୩ ବର୍ଷ ପରେ ଦିଲ୍ଲୀ କ୍ରୀଡ଼ା ସାମ୍ବାଦିକ ସଂଘ (ଡିଏସଜେଏଫ୍) ଏହାକୁ ଆୟୋଜନ କରିଥିଲା। ଏଥିରେ ଉତ୍ତରାଞ୍ଚଳ ଦଳ ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ପଏଣ୍ଟ ଟେବଲ ଶୀର୍ଷରେ ରହି ଜେକେ ବୋଷ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲା। ଉଦଯାପନୀ ଉତ୍ସବରେ ଦିଲ୍ଲୀ ଜିଲ୍ଲା କ୍ରିକେଟ୍ ସଂଘ (ଡିଡିସିଏ) ସଭାପତି ରୋହନ ଜେଟଲୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଦଳ ଓ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜେକେ ବୋଷ ଟ୍ରଫି ବିଜେତା ଉତ୍ତରାଞ୍ଚଳ ଦଳ ପାଇଁ ମୁଖ୍ୟ ଅତିଥି ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସେହିଭଳି ବିଶ୍ୱକପ୍ ବିଜୟୀ ଭାରତୀୟ ମହିଳା କ୍ରିକେଟ୍ ଦଳର ଓପନର ପ୍ରତୀକା ରାୱଲଙ୍କୁ ଏହି ଅବସରରେ ୫୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଡିଡିସିଏ ପକ୍ଷରୁ ପ୍ରଦାନ କରାଯାଇଥିଲା। ଏହି ୪ ଦିନିଆ ସମାରୋହରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓଏସ୍‌ଜା) ପକ୍ଷରୁ ସଭାପତି ସନ୍ଦୀପ ମିଶ୍ର, ସମ୍ପାଦକ ସୁରେଶ ସ୍ୱାଇଁଙ୍କ ସହ ଦୀପ୍ତିରଞ୍ଜନ ସାମଲ, ବିମଳ କୁମାର ରାଉଳ ଓ ତୁଷାର ସେନାପତି ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ଓଏସଜାକୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା।

ଅନ୍ତହେଲା ବିବାଦୀୟ ବିତର୍କ

## ସଲମାନଙ୍କ ରନ୍‌ଆଉଟ ବୈଧ: ଏମ୍‌ସିସି

ଲଣ୍ଡନ,୧୭।୩(ଏଜେନ୍ସି): ପାକିସ୍ତାନର ବ୍ୟାଟର ସଲମାନ ଅଲି ଆଘାଙ୍କ ରନ୍‌ଆଉଟକୁ ନେଇ ଚାଲିଥିବା ବିବାଦୀୟ ବିତର୍କର ଅନ୍ତଘଟିଛି। ଏହାକୁ ବୈଧ ଘୋଷଣା କରିଛି ବିଶ୍ୱକ୍ରିକେଟ ଆଇନର ରକ୍ଷକ ଭାବେ ଜଣାଶୁଣା ଏମ୍‌ସିସି (ମେରିଲବୋର୍ଣ୍ଣ କ୍ରିକେଟ କ୍ଲବ୍)।



ଏହା ଫଳରେ ସଲମାନଙ୍କ ଆଉଟକୁ ନେଇ ବିବାଦ ବଢ଼ିବାକୁ ଯାଉଥିଲାବେଳେ ଏମ୍‌ସିସିର ହସ୍ତକ୍ଷେପ ଯୋଗୁଁ ଏହାର ପରିସମାପ୍ତି ଘଟିଛି। ଏମ୍‌ସିସି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଅମ୍ପାୟାର ଚାହିଁଥିଲେ ଏହାକୁ ଭିନ୍ନ ଭାବେ ଗ୍ରହଣ କରିପାରିଥାନ୍ତେ। କିନ୍ତୁ ନନ୍‌ଷ୍ଟ୍ରାଇକର ଏଣ୍ଡରେ ୱିକେଟ ଯେତେବେଳେ ଭାଙ୍ଗିଲା, ଠିକ୍ ସେତିକିବେଳେ ବ୍ୟାଟର ତାଙ୍କ କ୍ରିଜ୍‌ରେ ନ ଥିଲେ। ଏଣୁ ଆଉଟ ହେବାରେ କୌଣସି ତ୍ରୁଟି ନାହିଁ ବୋଲି ଏମ୍‌ସିସି ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି। ବଲକୁ ଅମ୍ପାୟାର ଡେଡ୍ ଘୋଷଣା ନ କରିବା ନେଇ ମଧ୍ୟ ଏମ୍‌ସିସି ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ବଲ ଯେତେବେଳେ ଖେଳରେ ଥିଲା, ସେତେବେଳେ ନନ୍‌ଷ୍ଟ୍ରାଇକର ଏଣ୍ଡରେ ଥିବା ବ୍ୟାଟର କ୍ରିଜ୍ ଛାଡିଥିଲେ। ସେ ପ୍ରତିପକ୍ଷ ଫିଲ୍ଡର ମେହଦୀ ହାସନ ମିରାଜଙ୍କ ସହ ଧକ୍କା ଖାଇବା ପରେ କ୍ରିଜ୍‌କୁ ଆସିବାକୁ ଚେଷ୍ଟା କରିଥିଲେ। ସେହିପରି କୌଣସି ବ୍ୟାଟର ଫିଲ୍ଡିଂ ସାଇଡ୍‌ର ବିନାଅନୁମତିରେ ବଲ୍‌କୁ ଅଟକାଇପାରିବେ ନାହିଁ। ଏଭଳି କଲେ ତାଙ୍କ ବଲ୍‌କୁ ଅଟକାଇବା ଦୋଷରେ ଆଉଟ ହେବାକୁ ପଡ଼ିପାରେ। ବ୍ୟାଟର ବଲ୍‌କୁ ନ ଅଟକାଇ ନିଜ କ୍ରିଜ୍‌କୁ ସୁରକ୍ଷିତ ଫେରିବା ଉପରେ ଗୁରୁତ୍ୱ ଦେବା ଉଚିତ ଥିଲା। ଏହା ଫଳରେ ସଲ୍‌ମାନ ଅଲି ଆଘାଙ୍କ ରନ୍‌ଆଉଟକୁ ନେଇ ଯେଉଁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା ତାହା ଏମ୍‌ସିସିର ସ୍ପଷ୍ଟୀକରଣ ପରେ ଏକପ୍ରକାର ଶେଷ ହୋଇଛି।

ଢାକାରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ପାକିସ୍ତାନର ସଲମାନ୍ ଅଲି ଆଘା ଏପରି ଏକ ବିବାଦୀୟ ଆଉଟର ଶିକାର ହୋଇଥିଲେ। ଏହି ଘଟଣାଟି ପାକିସ୍ତାନ ଇନିଂସ ୩୯ତମ ଓଭରରେ ଘଟିଥିଲା। ଏହି ଓଭର ବୋଲିଂ କରୁଥିବା ମେହଦୀ ହାସନ ମିରାଜଙ୍କ ଚତୁର୍ଥ ବଲ୍‌କୁ ଷ୍ଟ୍ରାଇକର ମହମ୍ମଦ୍ ରିଜୱାନ ଜେଣ୍ଟଲ ପୁସ୍ କରିଥିଲେ। ନନ୍‌ଷ୍ଟ୍ରାଇକର ଏଣ୍ଡରେ ଥିବା ସଲମାନ ବ୍ୟାକ୍‌ଅପ୍ ନେଉଥିଲାବେଳେ ତାଙ୍କ ପ୍ୟାଡ୍‌ରେ ବଲ ବାଜିଥିଲା। ଏହା ପରେ ସେ କ୍ରିଜ୍‌କୁ ଫେରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ମେହଦୀ ହସନ ଦ୍ରୁତଗତିରେ ବଲ୍‌କୁ ସଂଗ୍ରହ କରି ୱିକେଟ ଭାଙ୍ଗିଦେଇଥିଲେ। ୱିକେଟ ଭାଙ୍ଗିବା ପରେ ଫିଲ୍ଡରମାନେ ରନ୍‌ଆଉଟ ଅପିଲ କରିଥିଲେ। ଅମ୍ପାୟାର ତାହାକୁ ତୃତୀୟ ଅମ୍ପାୟାରଙ୍କୁ ରେଫର କରିଥିଲେ। ତୃତୀୟ ଅମ୍ପାୟାର ସଲ୍‌ମାନଙ୍କୁ ଆଉଟ ଦେଇଥିଲେ। ଏହି ନିଷ୍ପତ୍ତିରେ ସଲ୍‌ମାନ ନିରାଶ ହୋଇଥିଲେ ଓ ଅସନ୍ତୋଷ ପ୍ରକାଶ କରି ପାଭିଲିୟନ ଫେରିଥିଲେ। କିଛି ଏହାକୁ ଠିକ୍ ବୋଲି ସ୍ୱୀକାର କରିଥିଲାବେଳେ ପାକିସ୍ତାନ ବୋର୍ଡ ଓ ଖେଳାଳିଙ୍କ ସମେତ ସମର୍ଥକମାନେ ବଲକୁ ଫିଲ୍ଡ ଅମ୍ପାୟାର ଡେଡ୍ ଘୋଷଣା କରିବାର ଥିଲାବୋଲି କହିଥିଲେ। ଏ ସମ୍ପର୍କରେ ଏମ୍‌ସିସି ସ୍ପଷ୍ଟୀକରଣ ଦେବା ପରେ ବିବାଦୀୟ ବିତର୍କର ଶେଷ ହୋଇଛି।

ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ କ୍ରିକେଟ୍

## ସେମିଫାଇନାଲ୍‌ରେ ମୁକ୍ତେଶ୍ୱର

ଭୁବନେଶ୍ୱର, ୧୭।୩ (ସମିସ): ଆୟୋଜକ ମୁକ୍ତେଶ୍ୱର କ୍ଲବ ୩ୟ ଦଳ ଭାବେ ବିଜେବି ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ଲଢ଼େଇରେ ୪ ୱିକେଟରେ ସହିଦ୍ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ୪୦ ଓଭରରେ ୨୧୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦିବ୍ୟଜ୍ୟୋତି ଦାସ ପଟ୍ଟନାୟକ ୧୧୭ ବଲରେ ୧୦୧ ରନର ଶତକୀୟ ପାଳି ଖେଳିଥିଲେ। ମୁକ୍ତେଶ୍ୱରର ପ୍ରତୀକ ସ୍ୱାଇଁଙ୍କୁ ୩ଟି ଏବଂ ଶ୍ରୀରାଜ ପଟ୍ଟନାୟକ, ଆଶୁତୋଷ ମାରାଣ୍ଡି ଓ ଅଭିନବ ନନ୍ଦଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ମୁକ୍ତେଶ୍ୱର ଦଳ ୩୮ ଓଭରରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନୁରାଗ ଷଡ଼ଙ୍ଗୀ ୯୩ ବଲରେ ଅପରାଜିତ ୯୬ ରନର ଇନିଂସ ଖେଳି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ହିମାଂଶୁ ବିଷ୍ଟ ମଧ୍ୟ ୨୯ ରନର ଉପଯୋଗୀ ପାଳି ଖେଳିଥିଲେ। ମ୍ୟାଚ୍ ବିଜୟୀ ପାଳି ଲାଗି ଅନୁରାଗ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପ୍ରକାଶ ଦାସ, ଅଶୋକ ପଣ୍ଡା ଓ ପ୍ରିୟଦର୍ଶୀ ପଲ୍ ଅତିଥି ଭାବେ ଯୋଗଦେଇଥିଲେ। ବୁଧବାର ଶେଷ କ୍ୱାର୍ଟରରେ ରାମେଶ୍ୱର ସ୍ପୋର୍ଟିଂ ଓ ରାଉରକେଲା ୟୁଥ୍ କ୍ରିକେଟ୍ ସାମ୍ନାସାମ୍ନି ହେବେ।




ଏଲ୍‌ଏଲ୍‌ସିସି କପ୍

## କ୍ୱାର୍ଟରରେ ପାରାମାଉଣ୍ଟ



ଭୁବନେଶ୍ୱର, ୧୭।୩ (ସମିସ): ସ୍ଥାନୀୟ ଆଇଆର୍‌ସି ଭିଲେଜରେ ଚାଲିଥିବା ଏଲଏଲ୍‌ସିସି ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ପାରାମାଉଣ୍ଟ ସ୍ପୋର୍ଟିଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂ ୩୮ ରନରେ ଟାଉନ କ୍ଲବକୁ ମାତ୍ ଦେଇଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ପାରାମାଉଣ୍ଟ ୩୫ ଓଭରରେ ୮ ୱିକେଟ ହରାଇ ୨୧୪ ରନ କରିଥିଲା। ଦଳ ପକ୍ଷରୁ ସୁସଙ୍କେତ ରାଉତରାୟ ୬୨ ଓ ପ୍ରୀତମ ରାଉତ ୫୫ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଟାଉନ କ୍ଲବର ଆଦର୍ଶ ବିଶ୍ୱାଳ, ଅଜିତ ପ୍ରଧାନ ଓ ସୁକାଶ ବେହେରାଙ୍କୁ ୨ଟି ଲେଖାଏ ମିଳିଥିଲା। ଜବାବରେ ଟାଉନ କ୍ଲବ ୫ ୱିକେଟରେ ୧୭୬ ରନରେ ସୀମିତ ରହିଥିଲା। ବିଜୟୀ ପାରାମାଉଣ୍ଟ ଦଳର ଶାଜେବ ଆଲାମ ୭ ଓଭରରେ ୫ ମେଡେନ ସହ ୧୬ ରନ ବ୍ୟୟରେ ୨ଟି ୱିକେଟ୍ ନେଇଥିଲେ। ଏହି ବୋଲିଂ ଲାଗି ଆଲାମଙ୍କୁ ଆୟୋଜକ କ୍ଲବର ଯୁଗ୍ମ ସମ୍ପାଦକ ଅଜୟ କୁମାର ସାହୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।

ଡ.ଦେବେନ୍ଦ୍ର ପ୍ରଧାନ ମେମୋରିଆଲ୍ ଫୁଟବଲ୍

## ରାଧାରମଣର ବିଜୟ ଅଭିଯାନ

ଭୁବନେଶ୍ୱର, ୧୭।୩ (ସମିସ): ଡ. ଦେବେନ୍ଦ୍ର ପ୍ରଧାନ ମେମୋରିଆଲ୍ ପ୍ରଥମ ଅଲ୍ ଓଡ଼ିଶା ଫୁଟବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଯାଇଛି। କଟକର ରାଧା ରମଣ କ୍ଲବ ବିଜୟରୁ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚରେ ରାଧାରମଣ ଦଳ ୩-୧ ଗୋଲରେ ଓଡ଼ିଶା ପୁଲିସ ଟିମ୍‌କୁ ହରାଇଦେଇଛି। ଓଡ଼ିଶା ପୁଲିସର ରାଇସେନ ଟୁଡୁ ୩ୟ ମିନିଟରେ ଏକ ଗୋଲ୍ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଏହାପରେ ରାଧାରମଣ ଦଳ ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲା। ରାଧାରମଣ କ୍ଲବ ପକ୍ଷରୁ ସଞ୍ଜିତ ଖୋରା, ଏଡୱିନ ତିର୍କୀ ଓ ଅମନ ବତ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇ ଦଳକୁ ୩-୧ରେ ବିଜୟୀ କରାଇଥିଲେ। ଏଡୱିନ ତିର୍କୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ୩ ହଜାର ଟଙ୍କା ପୁରସ୍କାର ପାଇଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବରୁ ଉଦଘାଟନୀ ଉତ୍ସବରେ ମନ୍ତ୍ରୀ ରବି ନାରାୟଣ ନାଏକ, ପୂର୍ବତନ ଫୁଟବଲର୍ ତଥା ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ରାଜେନ୍ଦ୍ର ପ୍ରସାଦ ସିଂ, ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ଅଶୋକ ମହାନ୍ତି, ଫାଓ ସଭାପତି ଟଙ୍କଧର ତ୍ରିପାଠୀ, ବିଧାୟକ ବାବୁ ସିଂ, ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।




## ଜାତୀୟ ଯୁବ ଭଲିବଲ କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର,୧୭।୩(ସମିସ): ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ କିଟ୍ ୟୁନିଭର୍ସିଟିଜ୍ ପରିସରରେ ଚାଲିଥିବା ୨୬ତମ ଜାତୀୟ ଯୁବ୍ ଭଲିବଲ ଚାମ୍ପିଅନସିପ୍‌ରେ ପୁଲରେ ପ୍ରଥମ ସ୍ଥାନ ଅଧିକାର କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ପୁରୁଷ ଦଳ ପ୍ରଥମେ ଛତିଶଗଡକୁ ୩-୦ ସେଟ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶକୁ ୩-୧ ସେଟ୍‌ରେ ହରାଇ ପୁଲ୍‌ରେ ପ୍ରଥମ ହୋଇଥିଲା। ସେହିପରି ମହିଳା ଦଳ ଆଜି ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ପଶ୍ଚିମବଙ୍ଗକୁ ୩-୧ ଓ ଦ୍ୱିତୀୟ ମ୍ୟାଚ୍‌ରେ ହିମାଚଳ ପ୍ରଦେଶକୁ ୩-୦ ସେଟ୍‌ରେ ପରାସ୍ତ କରିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS